R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୩୪୯
ତିଥି: ତ୍ରୟୋଦଶୀ
୨୪ ସେପ୍ଟେମ୍ବର ୨୦୨୬, ଗୁରୁବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 349
24 September 2026, Thursday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

# ଦକ୍ଷିଣ ଓଡ଼ିଶାରେ ବର୍ଷା ବିପ୍ରାତ

## ଭାଙ୍ଗିଲା ଘର, ଗଛ ଉପୁଡ଼ି ରାସ୍ତା ଅବରୋଧ

## ଆଉ ୨୪ ଘଣ୍ଟା ଦକ୍ଷିଣରେ ଭୀଷଣ ବର୍ଷିବ

ଭୁବନେଶ୍ୱର, ୨୩।୯ (ସବ୍ୟୁ) : ଗଭୀର ଅବପାତ ଯୋଗୁ ରାଜ୍ୟରେ ଲଗାଣ ବର୍ଷା ବେହାଲ କରିଛି । ବିଶେଷକରି ଦକ୍ଷିଣ ଓଡ଼ିଶାରେ ଅତି ପ୍ରବଳ ବର୍ଷା ହେବା ଫଳରେ କଚ୍ଚା ଘର ଭାଙ୍ଗିବା, ଗଛ ଉପୁଡ଼ିବା ସହ ପାହାଡ଼ରୁ ମାଟି ଅତଡ଼ା ଓ ପଥର ଖସି



ରାସ୍ତା ଅବରୋଧ ହୋଇଥିଲା । ଏପରିକି ତଳିଆ ଅଞ୍ଚଳଗୁଡ଼ିକରେ ବର୍ଷା ପାଣି ପଶି କୃତ୍ରିମ ବନ୍ୟା ସୃଷ୍ଟି ହୋଇଛି । ଆହୁରି ୨୪ ଘଣ୍ଟା ଦକ୍ଷିଣ ଓଡ଼ିଶାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାକୁ ଥିବାବେଳେ ଏହାର ପାର୍ଶ୍ୱବର୍ତ୍ତୀ ଜିଲ୍ଲାଗୁଡ଼ିକରେ ପ୍ରବଳ ବର୍ଷା ନେଇ ପୂର୍ବାନୁମାନ କରିଛି ପାଣିପାଗ ବିଭାଗ । (୯ ପୃଷ୍ଠାରେ)

### ବ୍ରହ୍ମପୁରରେ ଘର ଭିତରେ ପାଣି

ବ୍ରହ୍ମପୁର, ୨୩।୯ (ସବ୍ୟୁ) : ବାତ୍ୟା ଅର୍ଣ୍ଣଭ ପ୍ରଭାବରେ ଗଞ୍ଜାମ ଜିଲ୍ଲାରେ ଗଭୀର ଅବପାତ ଜନିତ ବର୍ଷା ଯୋଗୁଁ ମଙ୍ଗଳବାର ବିଳମ୍ବିତ ରାତିରେ ବ୍ରହ୍ମପୁର ସହରର ଗାନ୍ଧୀନଗର ୩ୟ ଲାଇନ ଠାରୁ ଆରମ୍ଭ କରି ୧୦ ଲାଇନ, ଗଜପତି ନଗର, ବାସୁଦେବ ନଗର, ନିଳାଞ୍ଚଳ ନଗର, ପୁରୁଣା ବ୍ରହ୍ମପୁର ଅଞ୍ଚଳ, ହରିଡ଼ାଖଣ୍ଡି ଶାନ୍ତି ନଗର, ଅଶୋକ ନଗର, ଗୋଦାବରୀଶ ନଗର, ବାପୁଜୀ ନଗର, ବାଙ୍କ ବିହାରୀ ନଗର, ପ୍ରେମ ନଗର, ଫାଷ୍ଟ ଗେଟ ନୂଆ ବସଷ୍ଟାଣ୍ଡ, ଆମ୍ବପୁଆ ବାଉରୀ ସାହି ଭଳି ଅନେକ ସ୍ଥାନରେ ରାସ୍ତାରେ ଆଣ୍ଠୁଏ ଲେଖାଏଁ ପାଣି ସହିତ ଲୋକମାନଙ୍କ ଘରେ ବର୍ଷା ଜଳ ପଶି ଯାଇଥିବା ବେଳେ ମାଠିଆ ବାଲିଟି ଓ ମଗ ସାହାଯ୍ୟରେ ଜଳ ନିଷ୍କାସନ କରିଥିଲେ । (୯ ପୃଷ୍ଠାରେ)

## ଲୋକଙ୍କ ଜୀବନ ସୁରକ୍ଷା ଗୁରୁତ୍ୱପୂର୍ଣ୍ଣ : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୨୩।୯ (ସବ୍ୟୁ) : ବଙ୍ଗୋପ ସାଗରରେ ସୃଷ୍ଟି ହୋଇଥିବା ଗଭୀର ଅବପାତ ଜନିତ ବର୍ଷା ଓ ଏହାର ପ୍ରଭାବ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନରେ ସମୀକ୍ଷା କରିଛନ୍ତି । ଏହି ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ମୁଖ୍ୟ ଶାସନ ସଚିବ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଓ ସ୍ୱତନ୍ତ୍ର ରିଲିଫ୍ କମିଶନର ପ୍ରମୁଖ ଏହି ବୈଠକରେ ଉପସ୍ଥିତ ଥିଲେ ।

ବୈଠକରେ ସ୍ୱତନ୍ତ୍ର ରିଲିଫ କମିଶନର ରାଜେଶ ପ୍ରଭାକର ପାଟିଲ ମୁଖ୍ୟମନ୍ତ୍ରୀଙ୍କୁ ଅବପାତ, ସମ୍ଭାବ୍ୟ ବର୍ଷା ଓ ଏହାର ମୁକାବିଲା ପାଇଁ (୯ ପୃଷ୍ଠାରେ)

## ଭାରତର ୨୮ ବର୍ଷ ପ୍ରତୀକ୍ଷାର ଅନ୍ତ

# ମୀରାବାଈଙ୍କୁ ଏସିଆଡ୍ ରୌପ୍ୟ



ନାଗୋୟା, ୨୩।୯ : ଭାରତୀୟ ମହିଳା ଭାରୋତ୍ତୋଳନକାରୀ ମୀରାବାଇ ଚାନୁ ବୁଧବାର ତାଙ୍କ କ୍ୟାରିୟରର ପ୍ରଥମ ଏସିଆନ ଗେମ୍ସ ପଦକ ଜିତିଛନ୍ତି । ଜାପାନରେ ଚାଲିଥିବା ଏସିଆନ୍ ଗେମ୍ସର ୨୦ତମ ସଂସ୍କରଣରେ ମୀରାବାଇଙ୍କୁ ଚାନୁଙ୍କୁ ରୌପ୍ୟ ପଦକ ସଫଳତା ମିଳିଛି । ଏହି ପଦକ ସଫଳତା ସହ ଏସିଆଡର ଭାରୋତ୍ତୋଳନରେ ଭାରତର ୨୮ ବର୍ଷର ଅପେକ୍ଷାରେ ପୂର୍ଣ୍ଣଚ୍ଛେଦ ପଡିଛି । ମହିଳା ୪୯ କେଜି ଭାରୋତ୍ତୋଳନରେ ମୀରାବାଇ ଏହି ସଫଳତା ହାସଲ କରିଛନ୍ତି । ଫାଇନାଲ ରାଉଣ୍ଡରେ ସେ ଦ୍ୱିତୀୟ ସ୍ଥାନରେ ରହିଥିଲେ । ଉତ୍ତର କୋରିଆର ସଙ୍ଗ ଗମ୍ ପ୍ରଥମ ସ୍ଥାନରେ ରହି ସ୍ୱର୍ଣ୍ଣ ଜିତିଛନ୍ତି । ଏସିଆଡରେ ସଙ୍ଗ ଗମ୍ ଲଗାତାର ତୃତୀୟ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ।

୪୯ କିଲୋଗ୍ରାମରେ ମୀରା ମୋଟ୍ ୧୯୮ କେଜି ଭାର ଉଠାଇଥିଲେ । ସ୍ନାଚରେ ୮୭ କେଜି ତଥା କ୍ଲିନ ଓ ଜର୍କରେ ୧୧୧ କେଜି ଉଠାଇଥିଲେ । ୨୦୨୩ ଏସିଆନ ଗେମ୍ସରେ ସେ ଚତୁର୍ଥ ସ୍ଥାନରେ ରହି ଅଳ୍ପକେ ପଦକରୁ ବଞ୍ଚିତ ହୋଇଥିଲେ । ୨୦୨୧ ଟୋକିଓ ଅଲିମ୍ପିକ୍ସରେ ସେ ମହିଳା (୯ ପୃଷ୍ଠାରେ)

## ଏଚ୍ଏଲ୍ସିଏରେ ୨୭ ପ୍ରକଳ୍ପର ୨.୪୭ ଲକ୍ଷ କୋଟି ନିବେଶ ମଞ୍ଜୁରି

# ୧୫ ଜିଲ୍ଲାରେ ୫୦,୧୭୨ ନିଯୁକ୍ତି ସମ୍ଭାବନା



ଭୁବନେଶ୍ୱର, ୨୩।୯ (ସବ୍ୟୁ) : ଓଡ଼ିଶାର ଶିଳ୍ପ ଓ ନିବେଶ କ୍ଷେତ୍ରରେ ବଡ଼ ଅଗ୍ରଗତି ହୋଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ବସିଥିବା ୪୭ତମ ଉଚ୍ଚସ୍ତରୀୟ ଅନୁମୋଦନ କର୍ତ୍ତୃପକ୍ଷ (ଏଚ୍ଏଲ୍ସିଏ) ବୈଠକରେ ୨୭ଟି ବୃହତ୍ ପ୍ରକଳ୍ପକୁ ଅନୁମୋଦନ ମିଳିଛି । ଏହି ପ୍ରକଳ୍ପଗୁଡ଼ିକରେ ମୋଟ ୨,୪୭,୧୧୫.୭୦ କୋଟି ଟଙ୍କାର ନିବେଶ ହେବା ସହ ୫୦,୧୭୨ଟି ନିଯୁକ୍ତି ସୃଷ୍ଟିର ସମ୍ଭାବନା ରହିଛି । ଏହି ପ୍ରକଳ୍ପଗୁଡ଼ିକ ୧୫ଟି ଜିଲ୍ଲାରେ ପ୍ରତିଷ୍ଠା ହେବ ।

ଅନୁମୋଦିତ ପ୍ରକଳ୍ପଗୁଡ଼ିକ ମଧ୍ୟରେ ଡାଟା ସେଣ୍ଟର, କୃତ୍ରିମ ବୁଦ୍ଧିମତ୍ତା, ଆଇଟି, ଶକ୍ତି ଓ ଅକ୍ଷୟ ଶକ୍ତି, ଇସ୍ପାତ, ସେମିକଣ୍ଡକ୍ଟର, ଗ୍ରୀନ୍ ଏନର୍ଜି, ଲ୍ୟାବ୍-ଗ୍ରୋନ୍ ଡାଏମଣ୍ଡ, ଗ୍ରୀନ୍ ହାଇଡ୍ରୋଜେନ୍, ସ୍ୱାସ୍ଥ୍ୟସେବା, ରସାୟନ, ବୟନ, ଜାହାଜ ନିର୍ମାଣ ଓ ଆଧୁନିକ ଉତ୍ପାଦନ ଭଳି ବିଭିନ୍ନ କ୍ଷେତ୍ର ସାମିଲ ରହିଛି ।

ଏହି ଅନୁମୋଦନରେ ଆଇଟି, ଆଇଟିଇଏସ୍ ଓ ଡାଟା ସେଣ୍ଟର କ୍ଷେତ୍ର ସବୁଠାରୁ ବଡ଼ ନିବେଶ ଆକର୍ଷଣ କରିଛି । ଏହି କ୍ଷେତ୍ରର ୪ଟି ପ୍ରକଳ୍ପରେ ପ୍ରାୟ ୧,୪୨,୯୪୧ କୋଟି ଟଙ୍କା ନିବେଶ ହେବ । ଖୋର୍ଦ୍ଧାରେ ହାଇ ଡେନ୍ସିଟି ଡାଟା ସେଣ୍ଟର ଲିମିଟେଡ୍ (୯ ପୃଷ୍ଠାରେ)

## ଦ୍ୱିତୀୟ ଦିନରେ ଗୃହ ଅଚଳ

# ଚାଲିଲା ମାତ୍ର ୧୧ ମିନିଟ୍

ଭୁବନେଶ୍ୱର, ୨୩।୯ (ସବ୍ୟୁ) : ମୌସୁମୀ ଅଧିବେଶନର ଦ୍ୱିତୀୟ ଦିନ ବି ଗୃହ ଚାଲିପାରିଲା ନାହିଁ । ବିଜେଡି ପାଠ୍ୟ ପୁସ୍ତକ ତ୍ରୁଟି ପ୍ରସଙ୍ଗରେ ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଗୃହ କମ୍ପାଇଲା । ବିରୋଧୀ କଂଗ୍ରେସ ମଧ୍ୟ ଏମ୍ଏମ୍ଡିଆର୍ ସଂଶୋଧନ ଆଇନ ପ୍ରତ୍ୟାହାର ଦାବିରେ ଗୃହକୁ ଅଚଳ କରିଥିଲା । ଉଭୟ ବିରୋଧୀ ପ୍ରଶ୍ନକାଳ ଆରମ୍ଭରୁ ପ୍ରବଳ ହଟ୍ଟଗୋଳ କରିବା ଯୋଗୁ ଗୃହ କାର୍ଯ୍ୟ ଚାଲିପାରି ନଥିଲା । ଫଳରେ ଗୃହକୁ ମୁଲତବୀ ରଖାଯାଇଥିଲା । ପ୍ରଥମାର୍ଦ୍ଧରେ ମାତ୍ର ୫ ମିନିଟ୍ ଓ ଦ୍ୱିତୀୟାର୍ଦ୍ଧରେ ୬ ମିନିଟ୍, ମୋଟ ୧୧ ମିନିଟ୍ ଗୃହ ଚାଲିଲା ।

ବୁଧବାର ପ୍ରଶ୍ନକାଳ ଆରମ୍ଭ ହେବାକ୍ଷଣି ପୂର୍ବ ଯୋଜନା ମୁତାବକ



ବିରୋଧୀ ବିଜେଡି ଓ କଂଗ୍ରେସ ସଦସ୍ୟମାନେ ଗୃହ ମଧ୍ୟଭାଗକୁ ଚାଲିଆସିଥିଲେ । ବାଚସ୍ପତିଙ୍କ ପୋଡ଼ିୟମ ତଳେ ପ୍ରବଳ ହୋହଲ୍ଲା ଓ ସ୍ଲୋଗାନ ବାଜି ଯୋଗୁଁ ଗୃହ ଚାଲିବା ସମ୍ଭବପର ହୋଇ ନଥିଲା । କଂଗ୍ରେସ

- ଏମ୍ଏମ୍ଡିଆର୍ ପ୍ରସଙ୍ଗରେ କଂଗ୍ରେସର ହଟ୍ଟଗୋଳ
- ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କଲା ବିଜେଡି

ସଦସ୍ୟମାନେ ଦେହରେ ପୋଷ୍ଟର ଲଗାଇ ଗୃହ ମଧ୍ୟଭାଗକୁ ଆସିଥିବା ଦେଖିବାକୁ ମିଳିଥିଲା । ସେହିଭଳି ବିଜେଡି ସଦସ୍ୟମାନେ ମଧ୍ୟ ହାତରେ ପ୍ଲାକାର୍ଡ଼ ଧରି ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ । କଂଗ୍ରେସ ଓ ବିଜେଡି ସଦସ୍ୟ ରିପୋର୍ଟର୍ସ ଟେବୁଲ ଉପରେ ଛିଡ଼ା ହୋଇ ସ୍ଲୋଗାନ ଦେଇଥିଲେ । ଏପରିକି ବାଚସ୍ପତିଙ୍କ ପୋଡ଼ିୟମ ଉପରକୁ କଂଗ୍ରେସ ସଦସ୍ୟ ତାରାପ୍ରସାଦ ବାହିନୀପତି ଏକ ପୋଷ୍ଟରକୁ ଫୋପାଡୁଥିବାର ଦେଖାଯାଇଥିଲା । ପ୍ରଶ୍ନକାଳରେ ବିଧାୟକ ମାନସ କୁମାର ଦତ୍ତଙ୍କ ପ୍ରଶ୍ନର ଉତ୍ତରରେ (୯ ପୃଷ୍ଠାରେ)

## ବୃହତ୍ ବେଞ୍ଚକୁ ଇସି ନିଯୁକ୍ତି ଆଇନ ମାମଲା

ନୂଆଦିଲ୍ଲୀ, ୨୩।୯ : ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଏବଂ ନିର୍ବାଚନ କମିଶନର (ଇସି)ଙ୍କ ନିଯୁକ୍ତି ପ୍ରକ୍ରିୟା ସମ୍ପର୍କିତ ୨୦୨୩ ମସିହାର ଆଇନକୁ ଚ୍ୟାଲେଞ୍ଜ କରି ଦାଏର ହୋଇଥିବା ଆବେଦନଗୁଡ଼ିକୁ ବୁଧବାର ବୃହତ୍ ବେଞ୍ଚକୁ ପଠାଇଛନ୍ତି ସୁପ୍ରିମକୋର୍ଟ । ଜଷ୍ଟିସ୍ ଦୀପଙ୍କର ଦତ୍ତ ଏବଂ ଜଷ୍ଟିସ୍ ସତୀଶ ଚନ୍ଦ୍ର ଶର୍ମାଙ୍କ ଦୁଇଜଣିଆ ଖଣ୍ଡପୀଠ ଏହି ମାମଲାକୁ ବୃହତ୍ ବେଞ୍ଚକୁ ପଠାଯିବା ନେଇ ଭିନ୍ନ ମତ ରଖିଥିଲେ । ତେବେ ଅଧିକ ବିଳମ୍ବ ଏଡ଼ାଇବା ପାଇଁ ମାମଲାଟିକୁ ପ୍ରଧାନ ବିଚାରପତିଙ୍କ ନିକଟକୁ ପଠାଇ ଉପଯୁକ୍ତ ସଂଖ୍ୟକ ବିଚାରପତିଙ୍କୁ ନେଇ ସମ୍ବିଧାନ ବେଞ୍ଚ ଗଠନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ଜଷ୍ଟିସ୍ ଦତ୍ତ ପ୍ରାଥମିକ ଭାବେ କହିଥିଲେ ଯେ ବୃହତ୍ ବେଞ୍ଚକୁ ମାମଲା ପଠାଇବା ପାଇଁ କେନ୍ଦ୍ରର ଦାବି ଆବଶ୍ୟକ ନୁହେଁ । ଅନ୍ୟପକ୍ଷରେ ଜଷ୍ଟିସ୍ ଶର୍ମା ଏହି ମାମଲାରେ (୯ ପୃଷ୍ଠାରେ)

## ଦରଦାମ ବୃଦ୍ଧିକୁ ସରକାରଙ୍କ ସ୍ୱୀକାର

ଭୁବନେଶ୍ୱର, ୨୩।୯ (ସବ୍ୟୁ) : ଦରଦାମ ବୃଦ୍ଧିକୁ ରାଜ୍ୟ ସରକାର ସ୍ୱୀକାର କରିଛନ୍ତି ନିତ୍ୟ ବ୍ୟବହାର୍ଯ୍ୟ ଖାଦ୍ୟ ସାମଗ୍ରୀ ଡାଲି, ଖାଇବା ତେଲ ଓ ପିଆଜରେ ସାମାନ୍ୟ ବୃଦ୍ଧି ହୋଇଥିବା ପରିଲକ୍ଷିତ ହୋଇଛି । ଆନ୍ତର୍ଜାତିକ ବଜାରରେ ଦରଦାମ ପରିସ୍ଥିତି ଓ ଯୋଗାଣ ପାଣ୍ଟିଗୁଡ଼ିକରେ ହେଉଥିବା ଦରବୃଦ୍ଧି ରାଜ୍ୟ ବଜାର ଉପରେ ଅନୁଭୂତ ହୋଇଛି । ଏହି ଦରବୃଦ୍ଧି ଏକ ସର୍ବଭାରତୀୟ ଘଟଣା ବୋଲି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବିଧାନସଭାରେ ପ୍ରକାଶ କରିଛନ୍ତି ।

ବିଧାୟକ ପ୍ରକାଶ ସୋରେନ୍ ଓ ଧ୍ରୁବ ସାହୁଙ୍କ ପୃଥକ୍ ପୃଥକ୍ ପ୍ରଶ୍ନରେ ଉତ୍ତର ରଖି ମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ଅତ୍ୟାବଶ୍ୟକ ସାମଗ୍ରିର ମୂଲ୍ୟ ବଢ଼ିଛି । ଏହାକୁ ପୁଣି ଏକ ସ୍ୱାଭାବିକ ପ୍ରକ୍ରିୟା ବୋଲି ମନ୍ତ୍ରୀ ବର୍ଣ୍ଣନା କରିଛନ୍ତି । ଏଥିପାଇଁ ଲୋକଙ୍କ ମୁଣ୍ଡପିଛା ଆୟ ବଢ଼ାଇବାକୁ ପ୍ରଚେଷ୍ଟା କରାଯାଉଛି । ମନ୍ତ୍ରୀଙ୍କ ତଥ୍ୟ ଅନୁଯାୟୀ ସର୍ବଭାରତୀୟ ଦର ତୁଳନାରେ ଖାଇବା ତେଲର ମୂଲ୍ୟ ୨.୫ ରୁ ୪କ୍ଷ ଅଧିକ (୯ ପୃଷ୍ଠାରେ)

## ପାଠ୍ୟ ପୁସ୍ତକରେ ତ୍ରୁଟି ପ୍ରସଙ୍ଗ

# ବିଧାନସଭା ଘେରିଲା ବିଜେଡି

ଭୁବନେଶ୍ୱର, ୨୩।୯ (ସବ୍ୟୁ) : ଜାତୀୟ ଶିକ୍ଷା ନୀତି (ଏନ୍ଇପି-୨୦୨୦)ରେ ପ୍ରକାଶିତ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଠ୍ୟପୁସ୍ତକରେ ସାଙ୍ଘାତିକ ତ୍ରୁଟି ରହିଛି । ତ୍ରୁଟିପୂର୍ଣ୍ଣ ପାଠ୍ୟ ପୁସ୍ତକ ପ୍ରକାଶ କରି ଶିକ୍ଷା ବ୍ୟବସ୍ଥାକୁ ନଷ୍ଟ କରିଛି ବିଜେପି ସରକାର । ଏହାକୁ ନେଇ ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ଜୋରଦାର ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବିରେ ବିଧାନସଭା ଘେରାଉ କରାଯାଇଥିଲା । ବିଜୁ ଯୁବ ଜନତା ଦଳର ସଭାପତି ଚିନ୍ମୟ ସାହୁ ଓ ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁଙ୍କ ନେତୃତ୍ୱରେ ହଜାର ହଜାର ଯୁବ ଓ ଛାତ୍ର ମାନେ ଏକତ୍ରିତ



ହୋଇ ବର୍ଷାରେ ଭିଜି ଭିଜି ବିକ୍ଷୋଭ ପ୍ରଦର୍ଶନ କରିଥିଲେ ।

ପାଠ୍ୟପୁସ୍ତକରେ ହୋଇଥିବା ତ୍ରୁଟି ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ନୈତିକତା ଦୃଷ୍ଟିରୁ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ଦାବି କରିଛି ବିଜେଡି । ଏଥିସହ ରାଜ୍ୟର ଛାତ୍ରଛାତ୍ରୀ ମାନଙ୍କୁ ଯଥାଶୀଘ୍ର ସଂଶୋଧିତ ଓ ତ୍ରୁଟିମୁକ୍ତ ପାଠ୍ୟପୁସ୍ତକ ଯୋଗାଇ ଦିଆଯାଉ । (୯ ପୃଷ୍ଠାରେ)

## ଏସ୍ଆଇଆର୍କୁ ନେଇ ଦୁଇ ନିର୍ବାଚନ କମିଶନଙ୍କ ଆପତ୍ତି ଖବର

# ଜ୍ଞାନେଶ କୁମାରଙ୍କ ଅପସାରଣ ଦାବି କଲେ ବିରୋଧୀ

ନୂଆଦିଲ୍ଲୀ, ୨୩।୯: ଭୋଟର ତାଲିକାର ସ୍ପେଶାଲ ଇଣ୍ଟେନ୍ସିଭ୍ ରିଭିଜନ୍ (ଏସ୍ଆଇଆର୍)କୁ ନେଇ ନିର୍ବାଚନ କମିଶନରେ ମତଭେଦ ଥିବା ନେଇ ରିପୋର୍ଟ ପ୍ରକାଶ ପାଇବା ପରେ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ବିରୋଧରେ ଆକ୍ରମଣ ତୀବ୍ର କରିଛି କଂଗ୍ରେସ । ଦଳ ପକ୍ଷରୁ ଏହି ବିବାଦକୁ 'ଜ୍ଞାନେଶଗେଟ୍' ନାମ ଦିଆଯାଇଛି । ଜ୍ଞାନେଶ କୁମାରଙ୍କ କାର୍ଯ୍ୟକଳାପ ପ୍ରଧାନମନ୍ତ୍ରୀ ଏବଂ ଗୃହମନ୍ତ୍ରୀଙ୍କ ସମର୍ଥନରେ ହେଉଥିବା କଂଗ୍ରେସ ଅଭିଯୋଗ କରିଛି । ସେହିଭଳି ଆର୍ଜେଡିର ତେଜସ୍ୱୀ ଯାଦବ, ଟିଏମ୍ସିର ମମତା ବାନାର୍ଜୀ,



ଡିଏମ୍କେର ଏମ୍କେ ଷ୍ଟାଲିନ୍, ସମାଜବାଦୀ ପାର୍ଟିର ଅଖିଳେଶ ଯାଦବ ମଧ୍ୟ ନିର୍ବାଚନ କମିଶନଙ୍କ ଭୂମିକାକୁ ନେଇ ପ୍ରଶ୍ନ ଉଠାଇଛନ୍ତି । ତେଜସ୍ୱୀ କହିଛନ୍ତି ଯେ ଯେଉଁଭଳି ଭାବରେ ନିର୍ବାଚନ କମିଶନ କାର୍ଯ୍ୟ କରୁଛନ୍ତି ଏହା ଚିନ୍ତାଜନକ । ବିହାର ଓ ପଶ୍ଚିମବଙ୍ଗର ପୁନର୍ବାର ନିର୍ବାଚନ ହେଉ ଓ ଜ୍ଞାନେଶ କୁମାରଙ୍କୁ ମୁଖ୍ୟ ନିର୍ବାଚନ କମିଶନରୁ ବାହାର କରାଯାଉ । ବିହାର, ମହାରାଷ୍ଟ୍ର, ଦିଲ୍ଲୀ, ହରିୟାଣା ଓ ପଶ୍ଚିମବଙ୍ଗ ନିର୍ବାଚନକୁ ମଧ୍ୟ ପ୍ରଭାବିତ କରାଯାଇଛି ବୋଲି ସେ ଉଲ୍ଲେଖ କରିଛନ୍ତି ।

### ବିହାର, ମହାରାଷ୍ଟ୍ର, ହରିୟାଣା, ପ.ବଙ୍ଗ, ଦିଲ୍ଲୀ ନିର୍ବାଚନକୁ ପ୍ରଭାବିତ କରାଯାଇଥିବା ଅଭିଯୋଗ

ସେହିଭଳି ଏମ୍କେ ଷ୍ଟାଲିନ୍ ମଧ୍ୟ ନିର୍ବାଚନ କମିଶନଙ୍କ ଭୂମିକା ନେଇ ସନ୍ଦେହ ପ୍ରକଟ (୯ ପୃଷ୍ଠାରେ)

# ପୁଣି ଆଜି ହେବ ଡିଜିପି ନିଯୁକ୍ତି ମାମଲାର ଶୁଣାଣି

ନୂଆଦିଲ୍ଲୀ, ୨୩।୯ : ରାଜ୍ୟର ପରବର୍ତ୍ତି ଡିଜିପି ନିଯୁକ୍ତି ଚୟନ ବିବାଦ ମାମଲାର ଶୁଣାଣି ଆଜି ସୁପ୍ରିମ୍କୋର୍ଟରେ ଅସମାପ୍ତ ରହିଛି । ଆସନ୍ତାକାଲି ପୁଣି ଏହାର ଶୁଣାଣି କରାଯିବ । ଆଜି ଶୁଣାଣି ସମୟରେ ଆବେଦନକାରୀଙ୍କ ପକ୍ଷରୁ ଆଇନ୍‌ଜୀବୀ ପି.ଚିଦାମ୍ବରମ୍, ପ୍ରଶାନ୍ତ ଭୂଷଣ, କରୁଣା ନନ୍ଦୀ ଓ ଆମିକସ୍ କ୍ୟୁରି, ରାଜୁ ରାମଚନ୍ଦ୍ରନ୍ ଯୁକ୍ତି ବାଢ଼ିଥିଲେ । ଆସନ୍ତାକାଲି ଆଡ୍‌ଭୋକେଟ୍ ଜେନେରାଲ ଓ ସଲିସେଟର ଜେନେରାଲ ତାଙ୍କ ପକ୍ଷ ରଖିବେ ।

ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ, ଜଷ୍ଟିସ୍ ଜୟମାଲା ବାଗ୍‌ଚୀ ଓ ଜଷ୍ଟିସ୍ ଜି. ମୋହନଙ୍କୁ ନେଇ ଗଠିତ ଖଣ୍ଡପୀଠ ଏମାନଙ୍କ ଯୁକ୍ତି ଶୁଣିଥିଲେ । ଡିଜିପି ଚୟନ ମାମଲାରେ ପ୍ରକାଶ ସିଂ ମାମଲାର ଥିବା ସୁପ୍ରିମ୍କୋର୍ଟର ରାୟ ଉଲ୍ଲଂଘନ ଓ ଆଇପିଏସ୍ ଅଧିକାରୀ ସୁଶାନ୍ତ କୁମାର ନାଥଙ୍କ ସଚ୍ଚୋଟତା ପ୍ରମାଣପତ୍ର ପ୍ରତ୍ୟାହାର ୪୮ ଘଣ୍ଟା ମଧ୍ୟରେ ଅସ୍ଥାୟୀ ଏକ୍ସ କ୍ୟାଡର ଡିଜି ପଦବୀ ସୃଷ୍ଟି ପ୍ରସଙ୍ଗରେ ଆବେଦନକାରୀ ଓ ବରିଷ୍ଠ ଆମିକସ୍ କ୍ୟୁରି ନିଜର ଯୁକ୍ତି ଉପସ୍ଥାପନ କରି ସରକାରଙ୍କ ଭୂମିକା ଉପରେ ପ୍ରଶ୍ନ ଉଠାଇଥିଲେ । ଆବେଦନକାରୀଙ୍କ ପକ୍ଷରୁ ପକ୍ଷ ରଖି ଆଇନ୍‌ଜୀବୀ ପି.ଚିଦାମ୍ବରମ୍ କହିଥିଲେ ଯେ ପ୍ରକାଶ ସିଂ ମାମଲାରେ ସୁପ୍ରିମ୍କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଯଦି ଲେବଲ୍ ୧୬ରେ ଯୋଗ୍ୟ ଅଫିସର ଥାନ୍ତି ତେବେ ଲେବଲ୍ ୧୫ ବା ଏଡିଜି ସ୍ତରରେ ଅଧିକାରୀଙ୍କୁ ଡିଜିପି ଚୟନ ପ୍ୟାନେଲରେ ସାମିଲ କରିବାର ପ୍ରଶ୍ନ ଉଠୁନାହିଁ । ପ୍ରଥମେ ୩ ଜଣଙ୍କ ନାମ ଡିଜିପି ଚୟନ ପାଇଁ ସରକାର ୟୁପିଏସ୍‌ସିକୁ ପଠାଇଥିଲେ । ପରେ ଏହାକୁ ବଦଳାଇ ୮ ଜଣ ଏଡିଜି ସ୍ତରର ଅଫିସରଙ୍କ ନାଁ ଯୋଡି ୧୧ ଜଣଙ୍କ ନୂଆ ତାଲିକା ପଠାଇଥିଲେ । ଏହା ଆଇନ୍ ସମ୍ମତ ନୁହେଁ । (୯ ପୃଷ୍ଠାରେ)

## ଅନେକଙ୍କ ପାଇଁ ପାଲଟିଛି ପ୍ରେରଣା



ଅଷ୍ଟ୍ରେଲିଆର ବାସିନ୍ଦା ହୋଲି ଫାଉଲର ୬ ବର୍ଷ ବୟସରୁ 'ଏଲୋପେସିଆ' (ଅତ୍ୟାଧିକ ରୁଟି ଝଡ଼ିବା ଜନିତ ସମସ୍ୟା) ରୋଗରେ ପୀଡ଼ିତ ଥିବାରୁ ଗତ ୩୦ ବର୍ଷ ଧରି ଘରୁ ବାହାରିବା ସମୟରେ ୱିଗ୍ (ନକଲି ରୁଟି) ପିନ୍ଧୁଥିଲେ । ମାତ୍ର ଗତବର୍ଷ ନିଜ ଜନ୍ମଦିନ ପାର୍ଟିରେ ସେ ଏକ ନିଆରା ସର୍ତ୍ତ ରଖିଥିଲେ । ଯଦି ସେ ନିଜେ ବିନା ୱିଗ୍‌ରେ ପାର୍ଟିରେ ସାମିଲ ହେବେ, ତେବେ ପାର୍ଟିକୁ ଆସୁଥିବା ସମସ୍ତ ଅତିଥିଙ୍କୁ ମଧ ବିନା କେଶରେ ଆସିବାକୁ ପଡ଼ିବ ବୋଲି ସେ ଘୋଷଣା କରିଥିଲେ । ଏହି ଅବସରରେ ରୁଟି ଥିବା ଅତିଥିମାନେ 'ବାଲ୍ଡ କ୍ୟାପ୍' ପିନ୍ଧି ଆସିଥିବା ବେଳେ, ପ୍ରାକୃତିକ ଭାବେ କେଶ ନଥିବା ବନ୍ଧୁ ଓ ତାଙ୍କ ବାପା ସାଧାରଣ ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ହୋଲି ନିଜ ମୁଣ୍ଡକୁ ଚମକୁଥିବା ପଥର ଦ୍ୱାରା ସଜାଇଥିଲେ । ଏତେ ବଡ଼ ସମାଗମରେ ପ୍ରଥମ ଥର ପାଇଁ ବିନା ୱିଗ୍‌ରେ ଆସିଥିବା ହୋଲି, ଏହି ଅନୁଭୂତିକୁ ଖୁବ୍ ଉପଭୋଗ୍ୟ ବୋଲି କହିଥିଲେ । ବର୍ତ୍ତମାନଙ୍କର ହୋଲିଙ୍କର କାହାଣୀ ସୋସିଆଲ ମିଡିଆରେ ଭାଇରାଲ ହେବାସହ ଅନେକଙ୍କ ପାଇଁ ପ୍ରେରଣା ପାଲଟିଛି ।

## ଓସ୍କାରରେ 'ଆଙ୍ଗ' ଚଳଚ୍ଚିତ୍ର

ନାଗାଲାଣ୍ଡର ଚଳଚ୍ଚିତ୍ର ନିର୍ମାତା ଥେଜା ରିଓଙ୍କ ନିର୍ଦ୍ଦେଶିତ 'ଆଙ୍ଗ' ୨୦୨୬ ଟୋରାଣ୍ଟୋ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବର ପ୍ଲାଟଫର୍ମ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ହାସଲ କରିଛି । ଏହାସହ ଫିଲ୍ମଟି ୨୦,୦୦୦ କାନାଡିଆନ୍ ଡଲାର ପୁରସ୍କାର ଜିତିବା ସହ ୨୦୨୭ ଓସ୍କାରର ଆନ୍ତର୍ଜାତୀୟ ଫିଚର ଫିଲ୍ମ ବର୍ଗକୁ ସିଧାସଳଖ ପ୍ରବେଶ ପ୍ରାପ୍ତ କରିଛି । ଯାହା ମରାଠୀ ଫିଲ୍ମ 'ଗୋନ୍ଧଳ' ପରେ ଚଳିତ ବର୍ଷ ଓସ୍କାର ଦୌଡ଼ରେ ସାମିଲ ହୋଇଥିବା ଦ୍ୱିତୀୟ ଭାରତୀୟ ଫିଲ୍ମ ପାଲଟିଛି । ୧୯୬୦ ଦଶକର ନାଗାଲାଣ୍ଡ ପୃଷ୍ଠଭୂମିରେ ଆଧାରିତ ଏହି ଫିଲ୍ମରେ ଜଣେ ଆମେରିକୀୟ ମିଶନାରୀଙ୍କ ଆଗମନ ଓ ଧର୍ମାନ୍ତରୀକରଣ ପ୍ରକ୍ରିୟା ମଧ୍ୟରେ ଗ୍ରାମର ମୁଖିଆ ଅଙ୍ଗବା ନିଜର ଆଦିବାସୀ ସଂସ୍କୃତି ଓ ପରମ୍ପରାକୁ ବଞ୍ଚାଇବାକୁ ଚେଷ୍ଟା କରୁଥିବାବେଳେ ତାଙ୍କ ପୁଅ ନୂତନ ଜୀବନଶୈଳୀ ପ୍ରତି ଆକୃଷ୍ଟ ହେବାର କାହାଣୀ ପ୍ରଦର୍ଶିତ ହୋଇଛି । ଥେଜା ରିଓ ଓ ନାନ୍ସୀ ନିସା ବେସୋଙ୍କ ଦ୍ୱାରା 'ୱିଣ୍ଟର ହାଇମ୍ସ ଫିଲ୍ମସ' ବ୍ୟାନରରେ ନିର୍ମିତ ତଥା 'ଜଙ୍ଗଲ ବୁକ୍ ଷ୍ଟୁଡିଓ' ଦ୍ୱାରା ବିଶ୍ୱବ୍ୟାପୀ ବିତରଣ କରାଯାଉଥିବା ଏହି ଚଳଚ୍ଚିତ୍ରରେ ବାଫ୍ଟା-ବିଜେତା ବ୍ରିଟିଶ ଅଭିନେତା ଡଗଲାସ୍ ହେନସଲଙ୍କ ସହ ନାଗାଲାଣ୍ଡର ସ୍ଥାନୀୟ ଓ ଆଦିବାସୀ କଳାକାରମାନେ ଅଭିନୟ କରିଛନ୍ତି । ଅନ୍ୟପଟେ, ସନ୍ତୋଷ ଦାବଖରଙ୍କ ନିର୍ଦ୍ଦେଶିତ ତଥା ମରାଠୀ ଲୋକପରମ୍ପରା 'ଗୋନ୍ଧଳ' ଉପରେ ଆଧାରିତ ଦୁଇ ଘଣ୍ଟାର ମନୋବୈଜ୍ଞାନିକ ଥ୍ରୀଲର ଫିଲ୍ମ 'ଗୋନ୍ଧଳ'କୁ ୯୯ତମ ଏକାଡେମୀ ଆୱାର୍ଡ଼ସ (ଓସ୍କାର ୨୦୨୭) ପାଇଁ ଭାରତର ଆଫିସିଆଲ୍ ଏଣ୍ଟ୍ରି ଭାବେ ମନୋନୀତ କରାଯାଇଛି । ଯାହା ନବବିବାହିତ ଆନନ୍ଦ ଓ ସୁମନଙ୍କ ଘରେ ଅନୁଷ୍ଠିତ ଗୋନ୍ଧଳ ପୂଜା ସମୟରେ ଉପୁଜିଥିବା ବ୍ୟକ୍ତିଗତ ଓ ରାଜନୈତିକ ସଂଘର୍ଷକୁ ଦର୍ଶାଇଥାଏ ।




## ସୋସିଆଲ କୋଟ୍ସ



ଜୀବନରେ ଅନେକ କିଛି ଅଛି କରିବାକୁ । ଆମ ଜୀବନରେ ଅନେକ ପଜିଟିଭ କଥା ରହିଛି, ତେଣୁ ନେଗଟିଭ ଭିତରକୁ ଯିବା କଣ ପାଇଁ ।

ବିବେକ ଓବରୟ, ଅଭିନେତା



ନ୍ୟାସନାଲ ଆୱାର୍ଡ କିଛି କମ କଥା ନୁହେଁ । ଏହି ପୁରସ୍କାର ପାଇବା ପରେ ଘରେ ମୋର ଇଜ୍ଜତ ଢେର ବଢ଼ିଯିବ ।

ସଞ୍ଜୟ ମିଶ୍ର, ଅଭିନେତା



ମିର୍ଜାପୁର ରିଲିଜ ପୂର୍ବରୁ ଅନେକ ନର୍ଭସ ଥିଲି । ଫିଲ୍ମ ଭଲ ହେବ କି ନାହିଁ । ଦର୍ଶକ ଦେଖିବାକୁ ଆସିବେ କି ନାହି । କଣ ଫିଡବ୍ୟାକ ମିଳିବ ତାକୁ ନେଇ ଅନେକ ଚିନ୍ତା ଥିଲା ।

ରସିକା ଦୁଗଲ, ଅଭିନେତ୍ରୀ

## ଚୀନରେ ସୃଷ୍ଟି ହୋଇଛି ସାଇକେଲ ପାହାଡ

ଚୀନ୍‌ରେ ପରିବେଶ ସୁରକ୍ଷା, ସ୍ୱାସ୍ଥ୍ୟ ସଚେତନତା ଏବଂ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ଆରମ୍ଭ ହୋଇଥିବା 'ବାଇକ୍-ସେୟାରିଂ' ବ୍ୟବସ୍ଥା ମାତ୍ର କିଛି ବର୍ଷ ମଧ୍ୟରେ ଏକ ବିରାଟ ସମସ୍ୟାର ରୂପ ନେଇଛି । ଲାଭ ଅର୍ଜନ ଆଶାରେ ୭୦ରୁ ଉଦ୍ଧ୍ୱର୍ ଘରୋଇ କମ୍ପାନୀ ଚୀନ୍ ବଜାରକୁ ଓହ୍ଲାଇ ରାସ୍ତାରେ ୧.୬ କୋଟିରୁ ଅଧିକ ସାଇକେଲ୍ ଛାଡ଼ିଥିଲେ । ଯାହା ଚାହିଦା ତୁଳନାରେ ଯଥେଷ୍ଟ ଅଧିକ ଥିଲା । ଫଳରେ ରାସ୍ତା, ଫୁଟପାଥ୍, ପାର୍କିଂ ସ୍ଥଳୀ ଓ ମେଟ୍ରୋ ଷ୍ଟେସନ୍‌ଗୁଡ଼ିକରେ ସାଇକେଲ୍ ଜମା ହୋଇ ସମସ୍ୟା ସୃଷ୍ଟି କରିବାରୁ ପ୍ରଶାସନ ସେଗୁଡ଼ିକୁ ସହର ବାହାରେ ଥିବା ଖାଲି ପଡ଼ିଆରେ ରଖିବା ଆରମ୍ଭ କରିଥିଲା । ଚୀନ୍‌ର ଦକ୍ଷିଣ-ପୂର୍ବ ସହର ସିଆମେନ୍ ପରି ଅନେକ ସ୍ଥାନରେ ଏହି ଅବ୍ୟବହୃତ ଓ ଭଙ୍ଗାରୁଜା ସାଇକେଲ୍‌ଗୁଡ଼ିକର ପାହାଡ଼ ୩୦ରୁ ୪୦ ଫୁଟ ପର୍ଯ୍ୟନ୍ତ ଉଚ୍ଚ ହୋଇପଡିଛି । ଯାହା ଦୂରରୁ ସାଇକେଲ୍‌ର ସମାଧିସ୍ଥଳ ଭଳି ଦୃଶ୍ୟମାନ ହେଉଛି ।



## ମଣିଷ ଓ ରୋବୋଟ ଫାଇଟ

ଆମେରିକାର ସାନ ଫ୍ରାନ୍ସିସ୍କୋଠାରେ ଜଣେ ମଣିଷ ଏବଂ ୬ ଫୁଟ୍ ଉଚ୍ଚତାର ଏକ ହ୍ୟୁମାନଏଡ୍ ରୋବୋଟ୍ ମଧ୍ୟରେ ଏକ ଅନନ୍ୟ ଲଢ଼େଇ ଦେଖିବାକୁ ମିଳିଛି, ଯାହାର ଭିଡିଓ ବର୍ତ୍ତମାନ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେଉଛି । ଏହି ଭିଡିଓରେ ରୋବୋଟଟି ମଣିଷକୁ ମାଡମାରି ତଳେ ପକାଇଦେଉଥିବା ଦେଖିବାକୁ ମିଳୁଛି । କଣ୍ଟେଣ୍ଟ କ୍ରିଏଟର ଫ୍ରାଙ୍କି ଲାପେନା ଏହି ରୋବୋଟ୍ ସହ ଲଢ଼େଇ କରିଥିବା ବେଳେ ଆମେରିକୀୟ ରୋବୋଟିକ୍ସ କମ୍ପାନୀ 'ଆର.ଇ.କେ.' ନିଜର ଭର୍ଚୁଆଲ୍-ରିଅଲିଟି କମ୍ବ୍ୟାଟ୍ ଗେମ୍ ପାଇଁ ଏହି କାର୍ଯ୍ୟକ୍ରମ ଆୟୋଜନ କରିଥିଲା । ରିମୋଟ୍ ଦ୍ୱାରା ନିୟନ୍ତ୍ରିତ ଏହି ରୋବୋଟ୍‌ଟି ଲଢ଼େଇ ପୂର୍ବରୁ ରିଂ ମଧ୍ୟରେ ୱାର୍ମ-ଅପ୍ କରୁଥିବାର ଦେଖାଯାଇଥିବା ବେଳେ ଲଢେଇ ସମୟରେ ବିଧା ଓ ଗୋଇଠା ମାରି ଫ୍ରାଙ୍କିଙ୍କୁ ପଛକୁ ହଟିବାକୁ ବାଧ କରିଥିଲା । ଆର.ଇ.କେ. ଏହାକୁ ବିଶ୍ୱର ପ୍ରଥମ ମଣିଷ-ବନାମ-ହ୍ୟୁମାନଏଡ୍ ରୋବୋଟ୍ ଲଢ଼େଇ ବୋଲି ଦାବି କରିଥିବା ବେଳେ ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ୍ ହୋଇଛି । ତେବେ ଭବିଷ୍ୟତରେ ରିମୋଟ୍-କଣ୍ଟ୍ରୋଲ୍‌ଡ ରୋବୋଟ୍‌ଗୁଡ଼ିକ ବ୍ୟବସାୟିକ ଫାଇଟିଂର ଅଂଶବିଶେଷ ହେବେ କି ନାହିଁ, ସେ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି ।



## ଇତିହାସ

୧୭୨୭- ଇଷ୍ଟ୍ ଇଣ୍ଡିଆ କମ୍ପାନୀକୁ ବମ୍ବେ, କଲିକତା ଏବଂ ମାଡ୍ରାସରେ ନଗର ନିଗମ କୋର୍ଟ ସ୍ଥାପିତ କରିବା ଲାଗି ଅଧିକାର ହସ୍ତଗତ ହେଲା ।

୧୮୫୯- ସିପାହୀ ବିଦ୍ରୋହରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ନାନା ସାହେବ ଦ୍ୱିତୀୟ ବା ଧୋଣ୍ଡୁ ପନ୍ତଙ୍କ ଦେହାନ୍ତ ।

୧୮୬୧- ଭାରତୀୟ ସ୍ୱତନ୍ତ୍ରତା ସଂଗ୍ରାମରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ମ୍ୟାଡମ୍ ଭିଖାଜୀ ରୁସ୍ତମ୍ କାମାଙ୍କ ଜନ୍ମ ।

୧୯୩୨- ଡ. ବି.ଆର୍.ଆମ୍ବେଦକର ଏବଂ ମହାତ୍ମା ଗାନ୍ଧିଙ୍କ ମଧ୍ୟରେ ପୁଣେସ୍ଥିତ ଏକ ଜେଲ୍‌ରେ ଦଳିତମାନଙ୍କ ପାଇଁ ବିଧାନସଭାରେ ସିଟ୍ ସଂରକ୍ଷଣ କରିବା ପାଇଁ ଏକ ସ୍ୱତନ୍ତ୍ର ବୁଝାମଣା ।

୧୯୪୮- ହୋଣ୍ଡା ମୋଟର କମ୍ପାନୀ ସ୍ଥାପିତ ।

୧୯୭୧- ଗୋଇନ୍ଦାଗିରି ଅଭିଯୋଗରେ ଋଷ୍‌ର ୯୦ଜଣ କୂଟନୀତିଜ୍ଞଙ୍କୁ ବ୍ରିଟେନ୍‌ରୁ ବାହାର କରାଗଲା ।

୨୦୧୪- ଭାରତ ଏହାର ପ୍ରଥମ ପ୍ରୟାସରେ ସଫଳତା ହାସଲ କରିବାକୁ ଯାଇ ମଙ୍ଗଳକୁ ଏହାର ମହାକାଶ ଯାନ ପଠାଇଲା ।

## ଶୌଚାଳୟ ଭିତରେ ବୃକ୍ଷ ରୋପଣ



ବିହାରର ନରେଶ ଅଗ୍ରୱାଲ ଘର ଛାତରେ ଶହ ଶହ ଗଛ ଲଗାଇ ଚର୍ଚ୍ଚାରେ ରହିଥିଲେ, ହେଲେ ନିକଟରେ ସେ ପୁଣିଥରେ ଚର୍ଚ୍ଚାକୁ ଆସିଛନ୍ତି । ଏଥର ସେ ଘରର ଛାତ କିମ୍ବା ଅଗଣା ନୁହେଁ ବରଂ ବାଥରୁମ୍‌ରେ ଗଛ ଲଗାଇ ଚର୍ଚ୍ଚାକୁ ଆସିଛନ୍ତି । ଫ୍ଲଶ୍ ଟ୍ୟାଙ୍କରେ ସାଧାରଣତଃ ଜଳ ଜମି ରହୁଥିବାରୁ ସେଠାରେ ପାଣିରେ ବଢୁଥିବା ଗଛ ଲଗାଇବାର ଭାବନା ତାଙ୍କ ମନକୁ ଆସିଥିଲା । ଯାହା ଫ୍ଲଶ୍‌ରେ ନୂଆ ପାଣି ଭର୍ତ୍ତି ହେବା ଦ୍ୱାରା ନିୟମିତ ପୋଷଣ ପାଇ ଧୀରେ ଧୀରେ ବୃଦ୍ଧି ପାଇବାରେ ଲାଗିଛି । ବାଥରୁମ୍‌ର ସୌନ୍ଦର୍ଯ୍ୟ ବୃଦ୍ଧି କରିବା ସହ ବାୟୁ ଶୋଧନ ପାଇଁ ସେ କାଚ ଓ ମାଟିର ଛୋଟ ଛୋଟ କୁଣ୍ଡ ମଧ ବ୍ୟବହାର କରିଛନ୍ତି । ତାଙ୍କର ଏହି ଚିନ୍ତାଧାରା ବର୍ତ୍ତମାନ ସୋସିଆଲ ମିଡିଆରେ ବେଶ ଭାଇରାଲ ହେବାରେ ଲାଗିଛି । ପିଲାଦିନରୁ ବୃକ୍ଷରୋପଣ ପ୍ରତି ଆଗ୍ରହୀ ଥିବା ନରେଶ ପ୍ରତିଦିନ ସକାଳ ୬ଟାରୁ ୯ଟା ପ୍ରାତଃ ଭ୍ରମଣ ସମୟରେ ରାସ୍ତାକଡ଼ରେ ଅତିକମରେ ଗୋଟିଏ ହେଲେ ବି ଚାରାରୋପଣ କରନ୍ତି ଏବଂ ଏପର୍ଯ୍ୟନ୍ତ ପାଟଣାର ବିଭିନ୍ନ ସ୍ଥାନରେ ସେ ପ୍ରାୟ ୧୫୦ଟି ଗଛ ଲଗାଇସାରିଛନ୍ତି । ଆଗକୁ ମଧ ଏହି କାର୍ଯ୍ୟ ଜାରି ରଖିବାର ଯୋଜନା ସେ ରଖିଛନ୍ତି ।





**ମେଷ:** ଖୁସିଖବର, ଲୋକସମ୍ପର୍କ ବୃଦ୍ଧି, ପାରିବାରିକ ଖୁସି, ବନ୍ଧୁଗୃହେ ଯାତ୍ରା, ବିଶିଷ୍ଟ ବ୍ୟକ୍ତିଙ୍କ ସହ ସାକ୍ଷାତ, ଶରୀର ସୁସ୍ଥ, ଅର୍ଥଲାଭ, ବିଦ୍ୟାରେ ସଫଳତା । ଅଶ୍ୱିନୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୯, ଆରାଧନା-ପ୍ରଭୁ ଗଣେଶ ।

**ବୃଷ:** ବାକିଥି ବା ଅର୍ଥ ମିଳିବ, ଶରୀର ସୁସ୍ଥ, ନେତୃତ୍ୱରେ ବିଜୟ, ନୂତନ ଚୁକ୍ତି ସମ୍ପାଦନ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଶତ୍ରୁକଷ୍ଟ । କୃତ୍ତିକା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୭, ଆରାଧନା-ପ୍ରଭୁ ହନୁମାନ ।

**ମିଥୁନ:** ଶରୀର ଅସୁସ୍ଥ, ଅର୍ଥହାନି, ନିକଟ ସମ୍ପର୍କୀୟଙ୍କ ସହଯୋଗ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଦ୍ରବ୍ୟନଷ୍ଟ, ଶରୀର ପୀଡ଼ା, କର୍ମକ୍ଷେତ୍ରେ ପରିଶ୍ରମ, ଦାମ୍ପତ୍ୟ କଳହ । ମୃଗଶିରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୪, ଆରାଧନା -ବିଷ୍ଣୁ ଭଗବାନ ।

**କର୍କଟ:** ଅର୍ଥଲାଭ, ସମ୍ପର୍କରେ ସୁଧାର, ନୂତନ କାର୍ଯ୍ୟଲାଭ, ସୁସମାଚାର, ଶତ୍ରୁ ପରାଜିତ, ଶରୀର ସୁସ୍ଥ, ବନ୍ଧୁଲାଭ, ଦୂରଯାତ୍ରାରେ ସତର୍କ, ସନ୍ତାନଲାଭ, ଶୁଭକାର୍ଯ୍ୟରେ ଧନବ୍ୟୟ । ପୁନର୍ବସୁ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଆକାଶି, ସଂଖ୍ୟା-୯, ଆରାଧନା-ମା' ଗୌରୀ ।

**ସିଂହ:** ବିଭିନ୍ନ କାର୍ଯ୍ୟରେ ପ୍ରଶଂସା, କର୍ମକ୍ଷେତ୍ରେ ସମ୍ମାନ, ବ୍ୟବସାୟ ବୃଦ୍ଧି, ଉତ୍ସବକୁ ନେଇ ଶୁଭ ଆଲୋଚନା, ସ୍ୱାସ୍ଥ୍ୟରେ ଉନ୍ନତି, ଦ୍ୱନ୍ଦ୍ୱ ସମାଧାନ । ମଘା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଆକାଶି, ସଂଖ୍ୟା-୮, ଆରାଧନା-ଶଙ୍କର ଭଗବାନ ।

**କନ୍ୟା:** ବ୍ୟବସାୟରେ ଲାଭ,ବାକିଧନ ପ୍ରାପ୍ତି, ଶୁଭଖବର, ଲୋକସମ୍ପର୍କବୃଦ୍ଧି, ସମ୍ପତ୍ତି ସମସ୍ୟା, ବନ୍ଧୁଲାଭ, ଦୂରଯାତ୍ରା । ଉତ୍ତରାଫାଲଗୁନି ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ପିଙ୍କ, ସଂଖ୍ୟା-୭, ଆରାଧନା-ମା' ଭଗବତୀ ।

**ତୁଳା:** ଲୋକଙ୍କ ଆକ୍ରୋଶର ଶିକାର, ବିଶିଷ୍ଟ କାର୍ଯ୍ୟରେ ଦୂରଯାତ୍ରା, ବନ୍ଧୁ ସହଯୋଗ, ଅର୍ଥସମସ୍ୟା, ସନ୍ତାନଖୁସି, ଦେବାର୍ଯ୍ୟରେ ଉତ୍ସାହ, ଶତ୍ରୁଲାଗି କଷ୍ଟ । ଚିତ୍ରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୯, ଆରାଧନା-ଶଙ୍କର ଭଗବାନ ।

**ବିଛା:** ମାନସିକ ଶାନ୍ତି, ଅର୍ଥଲାଭ, ଶରୀର ସୁସ୍ଥ, ପ୍ରିୟ ବ୍ୟକ୍ତିଙ୍କ ସହ ସାକ୍ଷାତ, ସମ୍ପତ୍ତିକ୍ରୟ, ବନ୍ଧୁସାହାଯ୍ୟ, ଶତ୍ରୁ ପରାଜିତ, ଲୋକସମ୍ପର୍କ ବୃଦ୍ଧି, ଶୁଭଖବର । ବିଶାଖା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୧୦, ଆରାଧନା-ପ୍ରଭୁ ଜଗନ୍ନାଥ ।

**ଧନୁ:** ଆୟଅପେକ୍ଷା ବ୍ୟୟଅଧି କ, ସମ୍ପର୍କରେ ସୁଧାର, ବନ୍ଧୁସାହାଯ୍ୟ, ସନ୍ତାନଲାଭ, ଶରୀର ସୁସ୍ଥ, ଦେବକାର୍ଯ୍ୟରେ ଆଗ୍ରହ, ଶୁଭ ଆଲୋଚନା, ଦୂରଯାତ୍ରା ସଫଳ । ମୂଳା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୯, ଆରାଧନା-ଗୋସେବା କରନ୍ତୁ ।

**ମକର:** ଅର୍ଥଲାଭ, ଶୁଭଖବର, ସମ୍ମାନଲାଭ, ବିଶିଷ୍ଟ କାର୍ଯ୍ୟରେ ଆନନ୍ଦ, ଶରୀର ସୁସ୍ଥ, ଦୂରଯାତ୍ରା ସଫଳ, ପାରିବାରିକ ସୁଖ, ବିବାଦ ସମାଧାନ, ଦାମ୍ପତ୍ୟଖୁସି । ଉତ୍ତରାଷାଢ଼ା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ସବୁଜ, ସଂଖ୍ୟା-୧୨, ଆରାଧନା- ମା' ଦୁର୍ଗା ।

**କୁମ୍ଭ:** ଅଯଥା ବ୍ୟୟ, ଶୁଭଖବର,ଶରୀର କଷ୍ଟ, ବନ୍ଧୁଲାଭ, ନୂତନ କର୍ମରେ ଆନନ୍ଦ, ଦୂରଯାତ୍ରାରେ ସତର୍କ, ସମ୍ପତ୍ତିଖୁସି, ମାନସମ୍ମାନ ପ୍ରାପ୍ତି, ବ୍ୟବସାୟରେ କଷ୍ଟ । ଧନିଷ୍ଠା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-କଳା, ସଂଖ୍ୟା-୭, ଆରାଧନା-ମା' ବଗଳାମୁଖୀ ।

**ମୀନ:** କର୍ମକ୍ଷେତ୍ରେ ଲାଭ, ଦୂରଯାତ୍ରା ସଫଳ, ମାନସିକ ଶାନ୍ତି, ଲୋକସମ୍ପର୍କ ବୃଦ୍ଧି, ଅର୍ଥଲାଭ, ବିବାଦ ସମାଧାନ, ଶରୀର ସୁସ୍ଥ, ପାରିବାରିକ ଖୁସି, ସନ୍ତାନଲାଭ । ପୂର୍ବଭାଦ୍ର ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୧୦, ଆରାଧନା-ମା' ମଙ୍ଗଳା ।

ଭାଦ୍ରବ ଶୁକ୍ଳ ପକ୍ଷ ତ୍ରୟୋଦଶୀ
୨୪.୯.୨୦୨୬, ଗୁରୁବାର



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

# ୪.୮ ଲକ୍ଷ ଟଙ୍କାର ବ୍ରାଉନସୁଗର ଜବତ, ଅଭିଯୁକ୍ତ କୋର୍ଟ ଚାଲାଣ

ବେତନଟୀ ,(ସବ୍ୟ): କେନ୍ଦ୍ରାଞ୍ଚଳ ଅବକାରୀ ବିଭାଗର ଜଳେଶ୍ୱର ସ୍ଥିତ ସାଟେଲାଇଟ୍ୟୁନିଟ ପକ୍ଷରୁ ଚଢ଼ାଉ କରି ଲକ୍ଷାଧିକ ଟଙ୍କାର ବ୍ରାଉନସୁଗାର ଜବତ କରିବା ସହିତ ଏହି ବେଆଇନ କାରବାରରେ ଜଡିତ ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ବୈଶିଙ୍ଗା ଥାନା ଅଧୀନ ଆମ୍ବଗଡିଆ ପଞ୍ଚାୟତର ବାମଡା ଗ୍ରାମ ନିବାସୀ ସ୍ୱର୍ଗତ ରାମ ସିଂର ପୁଅ ସନ ସିଂ(୩୦)କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି । ଆନ୍ତଃଜିଲ୍ଲା ଧଳା ଜହର ରାକେଟ ସହିତ ସାମିଲ ହୋଇ ଅଭିଯୁକ୍ତ ସନ ସିଂ ଜଳେଶରରୁ ବ୍ରାଉନସୁଗାର ଆଣି ରୁ୍ପା ଏବଂ ବୈଶିଙ୍ଗା ଇଲାକାରେ ବ୍ୟବସାୟ ଚଳାଇ ଆସିଥିଲା । ତେବେ ଜଳେଶ୍ୱର ଅଞ୍ଚଳରୁ ବ୍ରାଉନସୁଗାର ଆଣି ବୈଶିଙ୍ଗା ଏବଂ ରୁପ୍ସା ଅଞ୍ଚଳରେ ଯୋଗାଉଥିବାର ବିଶ୍ୱସ୍ତସୂତ୍ରରୁ ଖବରପାଇ ଜଳେଶ୍ୱରସ୍ଥିତ ଅବକାରୀ ବିଭାଗର ସାଟେଲାଇଟ୍ୟୁନିଟର ଇନ୍ସପେକ୍ଟର ଲକ୍ଷେସାଧବ ପ୍ରଧାନ ସଦଳବଳେ ପିଛାକରି ଅଭିଯୁକ୍ତ ସନ ସିଂକୁ ମାଡ଼ି ବସିବା ସହିତ ତା' ନିକଟରୁ ୪୮ଗ୍ରାମ ଓଜନର ଧଳାଜହର ଜବତ କରିଥିଲେ । ଜବତ ବ୍ରାଉନସୁଗାରର ଆନୁମାନିକ ବଜାର ମୂଲ୍ୟ ୪ଲକ୍ଷ ୮୦ହଜାର ଟଙ୍କା ହେବାନେଇ ଆକଳନ କରାଯାଉଛି । ଅଭିଯୁକ୍ତର ସ୍ୱାସ୍ଥ୍ୟପରୀକ୍ଷା ପରେ କୋର୍ଟ ଚାଲାଣ କରାଯାଇଥିବା ବେଳେ ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ଏହି ଚଢ଼ାଉରେ ଅବକାରୀ ବିଭାଗର ସାଟେଲାଇଟ ୟୁନିଟ ପକ୍ଷରୁ ଅନ୍ୟମାନଙ୍କ ମଧ୍ୟରେ ଏଏସଆଇ ବଳରାମ ବେହେରାଙ୍କ ସମେତ ମଧୁସ୍ମିତା ମହାନ୍ତ, ଜଗବନ୍ଧୁ ବାରିକ, ବିଶ୍ୱନାଥ ଭୋଇ, ବରୁଣ କୁମାର ନାହାକ ପ୍ରମୁଖ ସାମିଲ ଥିଲେ ।

## ଓଡ଼ିଶା ହାଇକୋର୍ଟରେ ଖାଲି ପଡ଼ିଛି ଅଧାରୁ ଅଧିକ ବିଚାରପତି ପଦ

# ଅକ୍ଟୋବର ୧ ରେ ରାଜ୍ୟପାଳଙ୍କୁ ଫେରାଦ ହେବେ ସମୂହ ଆଇନଜୀବୀ

କଟକ, (ସବ୍ୟ): ଓଡ଼ିଶା ହାଇକୋର୍ଟରେ ବିଚାରପତି ପଦ ଖାଲି ପଡ଼ିବା ଓ ନ୍ୟାୟ ପ୍ରଦାନ ପ୍ରକ୍ରିୟାରେ ହେଉଥିବା ବିଳମ୍ବକୁ ନେଇ ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏସନ୍ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି। ବୁଧବାର ହାଇକୋର୍ଟ ବାର୍ ଆସୋସିଏସନ୍ ପକ୍ଷରୁ ହାଇକୋର୍ଟ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଚାରପତି ନିଯୁକ୍ତିରେ ହେଉଥିବା ବିଳମ୍ବ ଓ ଏହା ଯୋଗୁଁ ମାମଲାର ବିଚାରପାଇଁ ଆସିଥିବା ଆବେଦନକାରୀଙ୍କ ଦୁର୍ଦ୍ଦଶା ସମ୍ପର୍କରେ ତଥ୍ୟ ରଖାଯାଇଛି। ପ୍ରତିବାଦ ସ୍ୱରୂପ ଅକ୍ଟୋବର ୧ରେ ବାର୍ ପକ୍ଷରୁ ଶାନ୍ତିପୂର୍ଣ୍ଣ ପ୍ରତିବାଦ କରାଯିବ। ସେହିଦିନ ଆଇନଜୀବୀମାନେ କୋର୍ଟ କାର୍ଯ୍ୟରେ ଯୋଗ ନଦେଇ ସମୂହ ଭାବେ ଯାଇ ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିବେ। ଅନ୍ୟପକ୍ଷରେ ଅନ୍ୟ ରାଜ୍ୟ ହାଇକୋର୍ଟରେ ତୁରନ୍ତ ବିଚାରପତି ନିଯୁକ୍ତି କରାଯାଉଥିବା ବେଳେ ଓଡ଼ିଶା ହାଇକୋର୍ଟରେ ହେଉଥିବା ବ୍ୟତିକ୍ରମ ନେଇ ବାର୍ ପକ୍ଷରୁ ଉଦ୍‌ବେଗ ପ୍ରକାଶ



କରାଯାଇଛି। ଓଡିଶା ହାଇକୋର୍ଟକୁ ଉପେକ୍ଷା କରା ଯାଉଛି ବୋଲି ବାର ପକ୍ଷରୁ ଅଭିଯୋଗ କରାଯାଇଛି। ଓଡ଼ିଶା ହାଇକୋର୍ଟ ପାଇଁ ମୋଟ ୩୩ ଜଣ ବିଚାରପତିଙ୍କ ପଦ ମଞ୍ଜୁର ହୋଇଥିବା ବେଳେ ବର୍ତ୍ତମାନ ମାତ୍ର ୧୫ ଜଣ ବିଚାରପତି କାର୍ଯ୍ୟରତ ଅଛନ୍ତି। ନିକଟରେ ୨ ଜଣ ବରିଷ୍ଠ ବିଚାରପତିଙ୍କ ଅନ୍ୟତ୍ର ବଦଳି ପରେ ଏହି ସଂଖ୍ୟା ୧୫କୁ ହ୍ରାସ ପାଇଛି, ଯାହା ମୋଟ ମଞ୍ଜୁରୀପ୍ରାପ୍ତ ସଂଖ୍ୟାର ୫୦ ପ୍ରତିଶତରୁ ମଧ୍ୟ କମ୍। ଏତେ କମ୍ ସଂଖ୍ୟକ ବିଚାରପତିଙ୍କ ଦ୍ୱାରା ନୂତନ ଓ ପୁରୁଣା ମାମଲାଗୁଡ଼ିକର ଶୀଘ୍ର ଫଇସଲା କରିବା ଏକ ପ୍ରକାର ଅସମ୍ଭବ ହୋଇପଡ଼ିଛି। ହାଇକୋର୍ଟରେ ବର୍ତ୍ତମାନ ପ୍ରାୟ ୧.୭ ଲକ୍ଷ ବିଚାରଧୀନ ମାମଲା ପଡ଼ି ରହିଛି। ବିଚାରପତିଙ୍କ ଅଭାବ ଯୋଗୁଁ ନୂତନ ଦାଖଲ ମାମଲା ଏବଂ ଜରୁରୀ ମାମଲାଗୁଡ଼ିକ ମଧ୍ୟ ଶୁଣାଣି ପାଇଁ ବେଞ୍ଚ ସମ୍ମୁଖରେ ତାଲିକାଭୁକ୍ତ ହୋଇପାରୁନାହିଁ। ଫଳରେ ଶହ ଶହ ଆବେଦନକାରୀ ନିରାଶ ହେଉଛନ୍ତି ଏବଂ ଆଇନଜୀବୀମାନେ ମଧ୍ୟ ପ୍ରତିଦିନ ସେବାରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଦିଲ୍ଲୀ, ଜାମ୍ମୁ-କାଶ୍ମୀର ଓ ଲଦାଖ, ଝାଡ଼ଖଣ୍ଡ ଏବଂ କର୍ଣ୍ଣାଟକ ଭଳି ରାଜ୍ୟର ହାଇକୋର୍ଟଗୁଡ଼ିକରେ ତୁରନ୍ତ ବିଚାରପତି ନିଯୁକ୍ତି କରାଯାଉଥିବା ବେଳେ ଓଡ଼ିଶା ହାଇକୋର୍ଟ ପ୍ରତି ଅବହେଳା କରାଯାଉଥିବା ନେଇ ବାର୍ ଆସୋସିଏସନ୍ କ୍ଷୋଭ ପ୍ରକାଶ କରିଛି। ହାଇକୋର୍ଟ ବାର୍ ଆସୋସିଏସନର ସଭାପତି ବରିଷ୍ଠ ଆଇନଜୀବୀ ଲଲାଟେନ୍ଦୁ ସାମନ୍ତରାୟ ଓ ସମ୍ପାଦକ ଆଇନଜୀବୀ ହୃଦାନନ୍ଦ ମହାପାତ୍ର କହିଛନ୍ତି ଯେ ଗତ ୨୨ ତାରିଖ ରେ ଅନୁଷ୍ଠିତ ସାଧାରଣ ପରିଷଦ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ ବାର୍ ଆସୋସିଏସନ୍ ତୁରନ୍ତ ଖାଲି ପଦ ପୂରଣ ପାଇଁ ଭାରତର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଏବଂ କେନ୍ଦ୍ର ଆଇନ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବ। ସେହିଭଳି ଅକ୍ଟୋବର ୧ରେ ବାର୍ ଆସୋସିଏସନ୍‌ର କାର୍ଯ୍ୟକାରୀ କମିଟି ଓ ସଦସ୍ୟମାନେ ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିବା ପାଇଁ ଶାନ୍ତିପୂର୍ଣ୍ଣ ପଦଯାତ୍ରା କରିବେ। ପ୍ରତିବାଦ ସ୍ୱରୂପ ଅକ୍ଟୋବର ୧ ତାରିଖରେ ଆଇନଜୀବୀମାନେ କୋର୍ଟ କାର୍ଯ୍ୟରୁ ବିରତ ରହିବେ। ଯଦି ଶୀଘ୍ର ବିଚାରପତି ନିଯୁକ୍ତି ଦିଗରେ ପଦକ୍ଷେପ ଗ୍ରହଣ ନ କରାଯାଏ, ତେବେ ଜନସାଧାରଣ ଓ ଆଇନଜୀବୀଙ୍କ ସ୍ୱାର୍ଥ ରକ୍ଷା ପାଇଁ ଆଗାମୀ ଦିନରେ ଶାନ୍ତିପୂର୍ଣ୍ଣ ରାଜରାସ୍ତା ଆନ୍ଦୋଳନ କରାଯିବ ବୋଲି ବାର୍ ଆସୋସିଏସନ୍ ପକ୍ଷରୁ ଚେତାବନୀ ଦିଆଯାଇଛି। ଆୟୋଜିତ ସମ୍ମିଳନୀରେ ବାର୍ ଆସୋସିଏସନର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ଖାଦ୍ୟ ଅପମିଶ୍ରଣ: ରୋକିବା ଦାୟିତ୍ୱ କାହାର?

ଭୁବନେଶ୍ୱର, (ତଥ୍ୟ) : ଭୁବନେଶ୍ୱର ଓ କଟକ ସମେତ ଆଖପାଖ ଅଞ୍ଚଳରେ ଲୋକେ କିଣୁଥିବା ନିଆଳି ଅଞ୍ଚଳରେ ପ୍ରସ୍ତୁତ ପନିର୍ ଖାଦ୍ୟ ପାଇଁ ଅନୁପଯୁକ୍ତ ବୋଲି ସରକାରୀ କଳ ଦ୍ୱାରା କରାଯାଇଥିବା ନମୁନା ପରୀକ୍ଷା ରିପୋର୍ଟରୁ ସ୍ପଷ୍ଟ ହୋଇଥିବାବେଳେ କେଉଁ ପନିର୍ ଖାଦ୍ୟ ଉପଯୁକ୍ତ ବୋଲି ଖାଉଟିମାନେ ପ୍ରଶ୍ନ କରୁଛନ୍ତି। ଏଠାରେ ଉଲ୍ଲେଖନୀୟ ଯେ ବର୍ଷବର୍ଷ ଧରି ଓଡ଼ିଶା ବଜାରରେ ଅପମିଶ୍ରିତ ଓ ନକଲି ଦୁଗ୍ଧ ଏବଂ ପନିର, ଛେନା, ଘିଅ ସମେତ ଅନ୍ୟାନ୍ୟ ସାମଗ୍ରୀ ଖାଉଟିମାନଙ୍କୁ ଯୋଗାଯାଉଛି। ପୂର୍ବରୁ କଲିକତାରୁ ଅଣାଯାଉଥିବା ଏଭଳି ନକଲି ପନିର ବିପୁଳ ପରିମାଣରେ ଜବତ ହୋଇଥିଲେ ମଧ୍ୟ ଏବେ ବି ଏହାର ବଜାର ବାଲେଶ୍ୱରରୁ ପୁରୀ ପର୍ଯ୍ୟନ୍ତ ଲମ୍ବିଛି। ଏମିତିକି ରାଉରକେଲା, ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ବରଗଡ଼, ଅନୁଗୁଳ, ଢେଙ୍କାନାଳ ଆଦିରେ ମଧ୍ୟ ଏପରି ବିପଜ୍ଜନକ ପନିର ବିକ୍ରୟ ଚାଲିଛି। ବର୍ଷବର୍ଷ ଧରି ଏଭଳି ବିପଦଜନକ ବେପାର ଚାଲିବା ପରେ ଅପମିଶ୍ରିତ ଅଖାଦ୍ୟ ଖାଇ ବହୁ ଲୋକ ରୋଗାକ୍ରାନ୍ତ ହେଉଛନ୍ତି। ତେବେ ମଝିରେ ମଝିରେ ଧର୍ମକୁ ଆଖିଠାର ଭଳି ଧରପଗଡ଼ କରି କର୍ତ୍ତୃପକ୍ଷ ତାଙ୍କ କର୍ତ୍ତବ୍ୟ ସାରିଦେଉଛନ୍ତି। ରାଜଧାନୀ, କଟକ ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଏବେ ଖୋଲାଖୋଲି ଭାବେ ଟ୍ୟାଙ୍କର୍‌ରେ ହଜାର ହଜାର ଲିଟର ଦୁଗ୍ଧ ବିକ୍ରି ଚାଲିଛି। ବିକ୍ରେତାମାନେ କହୁଛନ୍ତି ଯେ ଏସବୁ ଦୁଗ୍ଧ କୁଆଡ଼େ ସେମାନଙ୍କ ଗୋପାଳନ ଫାର୍ମ ଓ ଆଖପାଖ ଗାଁରୁ ସଂଗ୍ରହ ହୋଇ ଆସୁଛି। ଏହି ଦୁଗ୍ଧରୁ ସେମାନେ ଛେନା, ପନିର ଆଦି ତିଆରି କରିବି ବିକୁଥିବା କହୁଛନ୍ତି। କିନ୍ତୁ ଏସବୁ ଦୁଗ୍ଧ ଓ ଅନ୍ୟାନ୍ୟ ସାମଗ୍ରୀର ଯାଞ୍ଚ ହେଉନାହିଁ। ଡାକ୍ତରମାନେ କହୁଛନ୍ତି ଯେ ମା' କ୍ଷୀରର ବିକଳ୍ପ ଭାବେ ଗାଈ କ୍ଷୀରକୁ ବ୍ୟବହାର କରାଯାଉଥିବାବେଳେ ଏବେ ନକଲି ଗାଈ କ୍ଷୀର ଓ ସେଥିରୁ ଉତ୍ପାଦିତ ସାମଗ୍ରୀ ଶିଶୁମାନଙ୍କ ସ୍ୱାସ୍ଥ୍ୟ ପାଇଁ ପ୍ରଶ୍ନବାଚୀ ଛିଡ଼ା କରୁଛି। ଏମିତିକି ବୟସ୍କ ଲୋକେ ବି ଏହି ଅପମିଶ୍ରିତ ଓ ନକଲି କ୍ଷୀର ଓ ସେଥିରୁ ଜାତ ସାମଗ୍ରୀ ଖାଇ ବିଭିନ୍ନ ରୋଗ ବ୍ୟାଧିରେ ସଂକ୍ରମିତ ହେଉଛନ୍ତି। ବିଶ୍ୱାସରେ ବିଷ ଦେଇ ଚାଲିଥିବା ଏହି ଭୟଙ୍କର ବେପାର ମଣିଷ ଶରୀର ଉପରେ 'ସ୍ଲୋ ପଏଜନ୍' ଭଳି କାମ କରୁଛି। ନିଆଳି ପନିରର ନମୁନା ପରୀକ୍ଷା ପାଇଁ ପଠାଯାଇଥିଲା ଓ ସେ ସଂକ୍ରାନ୍ତରେ ଭୟଙ୍କର ରିପୋର୍ଟ ଆସିବା ପରେ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ଲାଗି ଏହି ରିପୋର୍ଟ ଉପରେ ମୁଖ୍ୟ ଖାଦ୍ୟ ନିରାପତ୍ତା କମିଶନର ପଦକ୍ଷେପ ନେବା କଥା। ଅତୀତରେ ବିଭିନ୍ନ ସ୍ଥାନରେ ପରୀକ୍ଷା କରାଯାଇଥିବା ଦୁଗ୍ଧରେ ଲୁଗା ଧୁଆ ପାଉଡର, ରାସାୟନିକ ସାର ଓ ଅନ୍ୟାନ୍ୟ ସାମଗ୍ରୀ ଥିବା ଜଣାପଡିଥିଲେ ମଧ୍ୟ ଏଯାବତ ତା'ର ପ୍ରତିକାର କରାଯାଇପାରି ନାହିଁ। ରାଜଧାନୀ ଓ କଟକ ଉପକଣ୍ଠ ସମେତ ବିଭିନ୍ନ ସ୍ଥାନରେ ଚଢ଼ଉ କରି ପୂର୍ବରୁ ଅନେକ ନକଲି ଘିଅ, ମସଲା, ତେଲ ଆଦି ଜବତ କରାଯାଇଥିଲା। ଏବେ ବି 'ପୂଜା ପାଇଁ' ବୋଲି ଲେଖାଯାଇଥିବା ଅପମିଶ୍ରିତ ନକଲି ଘିଅ ରାଜଧାନୀ ସମେତ ରାଜ୍ୟର ସବୁ ଅଞ୍ଚଳରେ ବିପୁଳ ପରିମାଣରେ ଉପଲବ୍ଧ। ସେହିଭଳି ବଜାରରେ ମିଳୁଥିବା କଦଳି, ସେଓ, ଅଙ୍ଗୁରଠାରୁ ଆରମ୍ଭ କରି ବିଭିନ୍ନ କିସମର ଫଳ, ପନିପରିବା, ଶାଗ, ମାଛ, ମାଂସ, ଶୁଖୁଆ ଇତ୍ୟାଦିରେ ରାସାୟନିକ ପଦାର୍ଥମାନ ରହୁଛି। ଏମିତିକି ଫଳ ପଚାଇବା ପାଇଁ ବିଭିନ୍ନ କିସମର ରାସାୟନିକ ସାମଗ୍ରୀ ବ୍ୟବହାର କରାଯାଉଛି। ଏହାଛଡ଼ା ହରମୋନ୍, କୀଟନାଶକ, ରାସାୟନିକ ସାର ଆଦିର ଉପାଦାନ ମଧ୍ୟ ଅନେକ କ୍ଷେତ୍ରରେ ଏଗୁଡ଼ିକରେ ରହୁଛି। ଡାଲି, ଚାଉଳ, ମଟର, ବୁଟ, ଗହମ ଆଦିକୁ ପୋକଙ୍କ ଦାଉରୁ ରକ୍ଷା କରିବା ପାଇଁ ବି ରାସାୟନିକ ପଦାର୍ଥ ପ୍ରୟୋଗ ହେଉଛି। ବସ୍ତୁତଃ ଖାଉଟିମାନେ ଖାଦ୍ୟ ସାମଗ୍ରୀ କିଣିବା ବେଳେ ତାହା ସହିତ ମାଗଣାରେ ରୋଗ ଆଣୁଛନ୍ତି।

## ଅପରେସନ ଦମନ

# ଟାର୍ଗେଟରେ ପେସାଦାର ଅପରାଧୀ, ନିଶା ବ୍ୟବସାୟୀ

ଭୁବନେଶ୍ୱର, (ସବ୍ୟ) : ପାର୍ବଣକୁ ଦୃଷ୍ଟିରେ ରଖି ଶାନ୍ତିଶୃଙ୍ଖଳା ଓ ନିରାପତ୍ତାକୁ ସୁନିଶ୍ଚିତ କରିବା ପାଇଁ ଡିଜିପି ବିନୟତୋଷ ମିଶ୍ରଙ୍କ ନିର୍ଦ୍ଦେଶରେ ରାଜ୍ୟରେ ଚାଲିଥିବା ସ୍ୱତନ୍ତ୍ର ଅପରେସନ "ଦମନ"କୁ ଜୋର୍‌ଦାର କରାଯାଉଛି । ୨୧ ସେପ୍ଟେମ୍ବରରୁ ରାଜ୍ୟ ବ୍ୟାପୀ ଚାଲିଥିବା ଅପରେସନ ଦମନରେ ୧୦୯ଟି ଏନ୍‌ବିଡବ୍ଲ୍ୟୁ କାର୍ଯ୍ୟକାରୀ କରାଯିବା ସହ ୧୪୮ ଅବକାରୀ ମାମଲା ଓ ୧୫ ଏନ୍‌ଡିପିଏସ୍ ମାମଲା କାର୍ଯ୍ୟକାରୀ ହୋଇଛି । ଅପରେସନ ଦମନରେ ପେସାଦାର ଅପରାଧୀ ଓ ନିଶା ବ୍ୟବସାୟୀଙ୍କୁ ଟାର୍ଗେଟ କରାଯାଉଥିବା ଜଣେ ଅଫିସର କହିଛନ୍ତି । ୪୦ଜଣଙ୍କ ବିରୋଧରେ ବିଏନ୍‌ଏସ୍ ଧାରା ୧୨୯ ଅନୁଯାୟୀ ପଦକ୍ଷେପ ଗ୍ରହଣ କରାଯାଇଛି । ଅବକାରୀ ଆଇନ ଉଲ୍ଲଙ୍ଘନ ବିରୋଧରେ ୧୪୮ ମାମଲା ରୁଜୁ କରାଯାଇ ୬ଜଣଙ୍କୁ ଗିରଫ କରାଯାଇଛି । ସେମାନଙ୍କ ନିକଟରୁ ବିପୁଳ ପରିମାଣର ଦେଶୀ ଓ ବିଦେଶୀ ମଦ ସହ ଅନ୍ୟାନ୍ୟ ଅବକାରୀ ସାମଗ୍ରୀ ଜବତ ହୋଇଛି । ୮୯୫ ଲିଟର ଦେଶୀମଦ, ୧୯୩ ଲିଟର ବିଦେଶୀ ମଦ, ୯୮ ଲିଟର ଆସ୍କାଫର୍ଟି, ୨୦୯ ଲିଟର ଦେଶୀ ମହୁଲି ମଦ ଜବତ ହୋଇଥିବା ସୂଚନା ମିଳିଛି । ନିଶା ବିରୋଧୀ ଅଭିଯାନରେ ୧୫ଟି ଏନ୍‌ଡିପିଏସ୍ ମାମଲା ରୁଜୁ କରାଯାଇ ୧୮ଜଣଙ୍କୁ ଗିରଫ କରାଯାଇଥିବା ବେଳେ ସେମାନଙ୍କ ନିକଟରୁ ୧୯୧୮ କେଜି ଗଞ୍ଜେଇ, ୬୩.୬୨୮ ଗ୍ରାମ୍ ବ୍ରାଉନସୁଗର ଓ ୬୦ ବୋତଲ କଫ୍ ସିରପ ଜବତ କରାଯାଇଛି । ଏଥିସହ ନିଶା କାରବାରରେ ବ୍ୟବହୃତ ଯାନବାହନ, ମୋବାଇଲ ଫୋନ୍, ନଗଦ ଟଙ୍କା ମଧ୍ୟ ଜବତ ହୋଇଛି । ଏହା ବ୍ୟତୀତ ଜୁଆ ଓ ବେଆଇନ ଚାନ୍ଦା ଆଦାୟ ବିରୋଧରେ ମଧ୍ୟ ଚଢ଼ାଉ ହେଉଛି । ଜୁଆକୁ ନେଇ ଦୁଇଟି ମାମଲାରେ ୧୦ଜଣଙ୍କୁ ଗିରଫ କରାଯାଇଥିବା ବେଳେ ତିନୋଟି ବେଆଇନ ଚାନ୍ଦା ଆଦାୟ ମାମଲା କରାଯାଇ ୩ଜଣଙ୍କୁ ଗିରଫ କରାଯାଇଛି । ଏହି ମାମଲାରେ ନଗଦ ଟଙ୍କା ଓ ମୋବାଇଲ ଫୋନ୍ ପ୍ରଭୃତି ଜବତ ହୋଇଛି । ବେଆଇନ ଅସ୍ତ୍ରଶସ୍ତ୍ର କାରବାରକୁ ନେଇ ହୋଇଥିବା ଚଢାଉରେ ଗୋଟିଏ ବନ୍ଧୁକ ଓ ଅନ୍ୟାନ୍ୟ ମାରଣାସ୍ତ୍ର ପ୍ରଭୃତି ଜବତ ହୋଇଛି । ଅପରାଧୀଙ୍କ ଗତିବିଧି ଉପରେ ନଜର ରଖାଯିବା ସହ ସୀମାନ୍ତ ଅଞ୍ଚଳରେ ୧୫୧ଟି ବ୍ଲକିଂ ଓ ବର୍ଡର ସିଲ୍ କରାଯାଇଛି । ସଙ୍ଗଠିତ ଅପରାଧ ବିରୋଧରେ ଦମନ ମାଧ୍ୟମରେ ଦୃଢ଼ ପଦକ୍ଷେପ ଗ୍ରହଣ କରାଯାଉଛି । ପାର୍ବଣ ସମୟରେ ରାଜ୍ୟବାସୀଙ୍କ ସୁରକ୍ଷା, ଶାନ୍ତି ଓ ନିରାପତ୍ତା ପରିବେଶ ସୁନିଶ୍ଚିତ କରିବା ପାଇଁ ଦମନ ଅଭିଯାନ ଚଳିତ ମାସ ୩୦ ତାରିଖ ପର୍ଯ୍ୟନ୍ତ ଜାରି ରହିବ । ଅପରାଧୀଙ୍କ ବିରୋଧରେ ଏହି ଅଭିଯାନ ଆଗାମୀ ଦିନରେ ଆହୁରି ବ୍ୟାପକ କରାଯିବ ବୋଲି ଡିଜିପି ଶ୍ରୀ ମିଶ୍ର କହିଛନ୍ତି ।

## ଘଷିପୁରା ବ୍ଲକ ନାମାଙ୍କନ ନାମଞ୍ଜୁର ପରେ ବି ସରପଞ୍ଚ ଘଟଣା

# କାର୍ଯ୍ୟାନୁଷ୍ଠାନ ଲାଗି ଜିଲ୍ଲାପାଳଙ୍କୁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ

କେନ୍ଦୁଝର ,(ଜିପ୍ର) :କେନ୍ଦୁଝର ଜିଲ୍ଲା ଘଷିପୁରା ବ୍ଲକ ଗୋହିରା ପଞ୍ଚାୟତରେ ନାମାଙ୍କନପତ୍ର ନାମଞ୍ଜୁର ସେ%ୀ ଜଣେ ପ୍ରାର୍ଥୀ କିପରି ସରପଞ୍ଚ ନିର୍ବାଚନ ଲଢ଼ିଲେ, ସେ ସମ୍ପର୍କରେ ହସ୍ତକ୍ଷେପ କରିଛନ୍ତି ରାଜ୍ୟ ମୁଖ୍ୟ ଶାସନ ସଚିବ । ଘଟଣା ସମ୍ପର୍କରେ ତୁରନ୍ତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମୁଖ୍ୟ ଶାସନ ସଚିବ କେନ୍ଦୁଝର ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି । ସେପେଟମ୍ବର ୧୯ ତାରିଖରେ ଜିଲ୍ଲାପାଳଙ୍କୁ ମୁଖ୍ୟ ଶାସନ ସଚିବ ଏହି ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ସଚିବ ଜିଲ୍ଲାପାଳଙ୍କୁ ଘଟଣା ସମ୍ପର୍କରେ ରିପୋର୍ଟ ତଲବ କରିଛନ୍ତି । ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ବିଭାଗୀୟ ସଚିବ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।ଘଟଣାରୁ ପ୍ରକାଶ, ସାମାଜିକ କର୍ମୀ ହିମାଂଶୁ ଶେଖର ନାୟକ ଘଷିପୁରା ବ୍ଲକ ଗୋହିରା ପଞ୍ଚାୟତରେ ୨୦୨୨ ପଞ୍ଚାୟତ ନିର୍ବାଚନରେ ହୋଇଥିବା ଠକ୍କତା ସମ୍ପର୍କରେ ରାଜ୍ୟ ନିର୍ବାଚନ ଆୟୋଗ ଓ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିଲେ । ନାମାଙ୍କନ ନାମଞ୍ଜୁର ହେବା ପରେ ଜଣେ କିପରି ନିର୍ବାଚନ ଲଢ଼ିଲେ ଓ ବିଜେତା ଘୋଷିତ ହେଲେ, ତାକୁ ନେଇ ଶ୍ରୀ ନାୟକ ନିର୍ବାଚନର ସ୍ୱଚ୍ଛତା ସମ୍ପର୍କରେ ପ୍ରଶ୍ନ କରିଥିଲେ । ଘସିପୁରା ବ୍ଲକରେ ଗୋହିରା ପଞ୍ଚାୟତରେ ନିର୍ବାଚନୀସ୍ୱଚ୍ଛତା ଆଦୌ ନଥିବା ଶ୍ରୀ ନାୟକ ଅଭିଯୋଗ କରିଥିଲେ । ଘଷିପୁରା ବ୍ଲକ ଗୋହିରା ପଞ୍ଚାୟତର ସରପଞ୍ଚ ପଦ ପାଇଁ ମନ୍ଦାକିନୀ ପାତ୍ର ୨୦୨୨ ଜାନୁଆରୀ ୧୭ରେ ନିଜର ପ୍ରାର୍ଥୀ ପତ୍ର ଦାଖଲ କରିଥିଲେ । ଉକ୍ତ ପଞ୍ଚାୟତର ନିର୍ବାଚନ ଅଧିକାରୀ ଦାୟିତ୍ୱରେ ଥିବା କୁନମୁନ ବେହେରା ଜାନୁଆରୀ ୨୨ରେ ଓଡ଼ିଶା ଗ୍ରାମ ପଞ୍ଚାୟତ ଆଇନ, ୧୯୬୪ର ଧାରା ୧୧ ଓ ୨୫ ଅନୁସାରେ ତାଙ୍କ ନାମାଙ୍କନ ପତ୍ରକୁ ନାମଞ୍ଜୁର କରିଥିଲେ ।ଶ୍ରୀ ନାୟକଙ୍କ ଅଭିଯୋଗ ଅନୁଯାଇ, ନାମାଙ୍କନପତ୍ର ନାମଞ୍ଜୁର ପରେ ମଧ୍ୟ ଶ୍ରୀମତୀ ପାତ୍ରଙ୍କୁ ନିର୍ବାଚନ ଲଢ଼ିବାକୁ ସୁଯୋଗ ମିଳିଥିଲା ଏବଂ ସେ ସରପଞ୍ଚ ନିର୍ବାଚନରେ ବିଜୟୀ ହୋଇଥିଲେ । ନାମାଙ୍କନ ପତ୍ରଟି ନାମଞ୍ଜୁର ପରେ ପ୍ରାର୍ଥୀତ୍ୱ କିପରି ବୈଧ ରହିଲା, କେଉଁ ଅଧିକାରୀଙ୍କ ଅନୁମତିରେ ଏହା ସମ୍ଭବ ହେଲା ଏବଂ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକାରେ ତାଙ୍କ ନାମ କିପରି ସ୍ଥାନୀତ ହେଲା ବୋଲି ହିମାଂଶୁ ଦୃଢ଼ ପ୍ରଶ୍ନ ଉଠାଇଥିଲେ । ଗୋହିରା ପଞ୍ଚାୟତ ନିର୍ବାଚନରେ ବେଆଇନ ଭାବେ ଶ୍ରୀମତୀ ମନ୍ଦାକିନୀ ପାତ୍ରଙ୍କୁ ବିଜୟୀ କରାଯାଇଥିବା ସୂଚନା ଅଧିକାର ଆଇନରୁ ସ୍ପଷ୍ଟ ହୋଇଛି । ଏହି ଘଟଣାରେ ସମ୍ପୃକ୍ତ ଥିବା ସରକାରୀ କର୍ମଚାରୀ, ଅଧିକାରୀ କିମ୍ବା ବ୍ୟକ୍ତି ବିଶେଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଶ୍ରୀ ନାୟକ ଦାବି କରିଥିଲେ । ଘଟଣାର ଗୁରୁତ୍ୱକୁ ଅନୁଭବ କରି ମୁଖ୍ୟ ଶାସନ ସଚିବ ଏହି ନିର୍ଦ୍ଦେଶ ଦେଇଛନ୍ତି ।

## ସେବା ସଂକଳ୍ପ ଅଭିଯାନ

# ଭାରତକୁ ଅପପୁଷ୍ଟି ମୁକ୍ତ କରି ଏକ ସୁସ୍ଥ ଓ ସମୃଦ୍ଧ ରାଷ୍ଟ୍ର ଗଠନ କରିବା ପ୍ରଧାନମନ୍ତ୍ରୀଙ୍କ ମୂଳ ଲକ୍ଷ୍ୟ : ଡା. ଐଶ୍ୱର୍ଯ୍ୟା

ଭୁବନେଶ୍ୱର, (ସବ୍ୟ) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ଆଭିମୁଖ୍ୟ ହେଉଛି, ଭାରତକୁ ଅପପୁଷ୍ଟି ମୁକ୍ତ କରି ଏକ ସୁସ୍ଥ ଓ ସମୃଦ୍ଧ ରାଷ୍ଟ୍ର ଗଠନ କରିବା। ପୋଷଣ ଅଭିଯାନକୁ କେବଳ ଏକ ସରକାରୀ କାର୍ଯ୍ୟକ୍ରମ ମଧ୍ୟରେ ସୀମିତ ନ ରଖି, ଦେଶବ୍ୟାପୀ ଆନ୍ଦୋଳନରେ ପରିଣତ କରିବା ପାଇଁ ପ୍ରଧାନମନ୍ତ୍ରୀ ମୋଦିଜୀ ବାରମ୍ବାର ଆହ୍ୱାନ ଦେଉଛନ୍ତି। ସମାଜର ପ୍ରତ୍ୟେକ ବ୍ୟକ୍ତି ଏହି ଅଭିଯାନରେ ସାମିଲ ହେଲେ ହିଁ ଅପପୁଷ୍ଟି ସମସ୍ୟାର ସମାଧାନ ହୋଇପାରିବ ବୋଲି କହିଛନ୍ତି ଡା. ଐଶ୍ୱର୍ଯ୍ୟା ବିଶ୍ୱାଳ । ସେ କହିଛନ୍ତି ଶିଶୁ, ଗର୍ଭବତୀ ମହିଳା, ପ୍ରସୂତି ଏବଂ କିଶୋରୀ ବାଳିକାମାନଙ୍କର ସ୍ୱାସ୍ଥ୍ୟ ଏବଂ ପୁଷ୍ଟିହୀନତାକୁ ଦୂର କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ। ବିଭିନ୍ନ ସରକାରୀ ବିଭାଗ ମଧ୍ୟରେ ଉତମ ସମନ୍ୱୟ ରକ୍ଷା କରିବା ସହ ପୋଷଣ ଟ୍ରାକର ଆପ୍ ଭଳି ଆଧୁନିକ ଟେକ୍ନୋଲୋଜି ମାଧ୍ୟମରେ ହିତାଧିକାରୀଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ପ୍ରତ୍ୟକ୍ଷ ଭାବେ ତଦାରଖ କରିବା ଉପରେ ସେ ଜୋର୍ ଦେଇଛନ୍ତି। ଏହାକୁ ଆହୁରି ବ୍ୟାପକ କରିବା ପାଇଁ ସରକାର ସକ୍ଷମ ଅଙ୍ଗନୱାଡି ୨.୦ ଆରମ୍ଭ କରିଛନ୍ତି, ଯାହା ମାଧ୍ୟମରେ ଦେଶର କୋଟି କୋଟି ଶିଶୁ ଓ ମାତୃଶକ୍ତିଙ୍କୁ ଗୁଣାତ୍ମକ ପୁଷ୍ଟିକର ଆହାର ଏବଂ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ଏହି ଆଭିମୁଖ୍ୟ ଦେଶର ଆଗାମୀ



ପିଢ଼ିକୁ ଶାରୀରିକ ଓ ମାନସିକ ସ୍ତରରେ ସୁଦୃଢ଼ କରି ବିକଶିତ ଭାରତର ମୂଳଦୁଆ ପକାଇବାରେ ସହାୟକ ହେଉଛି। ଏହି ଅଭିଯାନକୁ ସଫଳ କରିବାରେ ସବୁଠୁ ବଡ ଓ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି ଅଙ୍ଗନୱାଡି। ଅଙ୍ଗନୱାଡି ବ୍ୟବସ୍ଥା କେବଳ ଏକ ସରକାରୀ ଯୋଜନା ନୁହେଁ, ବରଂ ଏହାକୁ "ହମାରୀ ଅଙ୍ଗନୱାଡି, ହମାରୀ ଜିମ୍ମେଦାରୀ" (ଆମ ଅଙ୍ଗନୱାଡି, ଆମ ଦାୟିତ୍ୱ) ଆଦର୍ଶରେ ଏକ ଜନ ଆନ୍ଦୋଳନରେ ପରିଣତ କରିବା ପ୍ରଧାନମନ୍ତ୍ରୀଙ୍କ ମୁଖ୍ୟ ଲକ୍ଷ୍ୟ। ବିକଶିତ ଭାରତ ଗଠନରେ ଅଙ୍ଗନୱାଡି ବ୍ୟବସ୍ଥାକୁ ସୁଦୃଢ଼ କରିବା ସରକାରଙ୍କ ପ୍ରାଥମିକତା ବୋଲି ମଧ୍ୟ ପ୍ରଧାନମନ୍ତ୍ରୀ କହିଛନ୍ତି। ମୋଦିଜୀଙ୍କ ଜନ୍ମଦିନ ଗତ ସେପ୍ଟେମ୍ବର ୧୭ରୁ ଆରମ୍ଭ ହୋଇ ଆସନ୍ତା ଅକ୍ଟୋବର ୧୭ ପର୍ଯ୍ୟନ୍ତ ଚାଲିବାକୁ ଥିବା ମାସ ବ୍ୟାପୀ ସେବା ସଂକଳ୍ପ ଅଭିଯାନ ଅନ୍ତର୍ଗତ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ କରିବା ପାଇଁ ନିଷ୍ପତି ନେଇଛନ୍ତି। ତନ୍ମଧ୍ୟରୁ ଆଙ୍ଗନ ମିଳନ ସେବା କାର୍ଯ୍ୟକ୍ରମ ହେଉଛି ଅନ୍ୟତମ। ଏନେଇ ୨୫ ସେପ୍ଟେମ୍ବରରୁ ୭ ଅକ୍ଟୋବର ପର୍ଯ୍ୟନ୍ତ ଆଙ୍ଗନ ମିଳନ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ଅବସରରେ ଶିଶୁ, ଗର୍ଭବତୀ ମହିଳା, ପ୍ରସୂତି ଏବଂ କିଶୋରୀ ବାଳିକାମାନଙ୍କର ସ୍ୱାସ୍ଥ୍ୟ ଏବଂ ପୁଷ୍ଟିହୀନତାକୁ ଦୂର କରିବା ଉଦ୍ଦେଶ୍ୟରେ କାର୍ଯ୍ୟରତ ଏବଂ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଥିବା ଅଙ୍ଗନୱାଡି ଭଉଣୀମାନଙ୍କ ସହ ଆଲୋଚନା କରାଯିବ ଏବଂ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇ ପ୍ରୋତ୍ସାହିତ କରାଯିବ। ଏଥରେ ସମସ୍ତଙ୍କ ଭାଗିଦାରୀ ରହିବା ଆବଶ୍ୟକ। ଏହି ଅଭିଯାନରେ ସାମିଲ ହୋଇ ଆମେ ସମସ୍ତେ ଆମ ନିକଟସ୍ଥ ଅଙ୍ଗନୱାଡି କେନ୍ଦ୍ରକୁ ଯାଇ ଅଙ୍ଗନୱାଡି ଭଉଣୀମାନଙ୍କୁ ସମ୍ମାନିତ କରି ସେଠାରେ ଉପସ୍ଥିତ ଶିଶୁ ଓ ମା'ମାନଙ୍କୁ ଭେଟି ପୋଷଣ ଅଭିଯାନର ଗୁରୁତ୍ୱ ସଂପର୍କରେ ଆଲୋଚନା କରିବା ଏବଂ ସୁସ୍ଥ ଭାରତ ଗଢ଼ିବା ପାଇଁ ସରକାରଙ୍କ ସହ ମିଶି ଏହି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ବୋଲି ଡା. ବିଶ୍ୱାଳ ଆହ୍ୱାନ ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମୋହିଳା ମୋର୍ଚ୍ଚା ସମ୍ପାଦିକା ପ୍ରବୀଣା ପ୍ରିୟଦର୍ଶିନୀ ଭଞ୍ଜଦେଓ ଏବଂ ରାଜ୍ୟ ମହିଳା ମୋର୍ଚ୍ଚା ଗଣମାଧ୍ୟମ ସଂଯୋଜିକା ଆରତି ମିଶ୍ର ଉପସ୍ଥିତ ଥିଲେ।

10001/570/2627



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ସୁସ୍ଥ ଓଡ଼ିଶା
ବିକଶିତ ଓଡ଼ିଶା



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଭେକ୍ଟର ବାହିତ ରୋଗ ପ୍ରତିରୋଧ ସମ୍ପର୍କରେ
କେତେକ ଜାଣିବା କଥା

ବର୍ଷା ଋତୁରେ ମଶା ବଂଶ ବୃଦ୍ଧି ପାଇବା ଏବଂ ମ୍ୟାଲେରିଆ, ଡେଙ୍ଗୁ ଓ ଜାପାନୀ ଜ୍ୱର ଭଳି ରୋଗ ବ୍ୟାପିବାର ଆଶଙ୍କା ଅଧିକ ଅଛି । ଏଥିରୁ ରକ୍ଷା ପାଇବା ପାଇଁ ନିମ୍ନଲିଖିତ ସାବଧାନତା ଅବଲମ୍ବନ କରନ୍ତୁ ।

- ଘର ପାଖ ପରିବେଶ ସଫା-ସୁତୁରା ରଖନ୍ତୁ
- ଘର ପାଖରେ ଜମୁଥିବା ପାଣିକୁ ସପ୍ତାହରେ ଅନ୍ତତଃ ଥରେ ନିଷ୍କାସନ କରିଦିଅନ୍ତୁ
- ଘରେ କିମ୍ବା ଘର ପାଖରେ ଥିବା ଫୁଲ କୁଣ୍ଡ, ପାଣି ଟାଙ୍କି, କୁଲର ଏବଂ ଫ୍ରିଜ୍‌ର ପଛପଟେ ଥିବା ଡିଫ୍ରଷ୍ଟ ୱାଟର ଟ୍ରେ ଆଦିକୁ ସପ୍ତାହକୁ ଥରେ ପାଣି ବାହାର କରି ପରିଷ୍କାର କରନ୍ତୁ
- ଘର ପାଖରେ ଥିବା ଭଙ୍ଗା ଡବା, ବୋତଲ, ପୁରୁଣା/ ଛିଣ୍ଡା ଟାୟାର, କଟା ପଇଡ଼, ନଡ଼ିଆ ଖଡ଼େଇ, କୋଡୁଆ, ବାଉଁଶ ଗଛର କଟା ଯାଇଥିବା ମୂଳ ଅଂଶ ଆଦି ସବୁକୁ ନଷ୍ଟ କରିଦିଅନ୍ତୁ
- ମ୍ୟାଲେରିଆ ପ୍ରବଣ ଅଞ୍ଚଳରେ ସରକାରଙ୍କ ତରଫରୁ ଯୋଗାଇ ଦିଆଯାଇଥିବା ଔଷଧ ଉପଚାରିତ ମଶାରି ବ୍ୟବହାର କରନ୍ତୁ
- ଦିନ ହେଉ ବା ରାତି, ଶୋଇବା ବେଳେ ମଶାରି ନିଶ୍ଚୟ ବ୍ୟବହାର କରନ୍ତୁ, ମଶା ଦାଉରୁ ସୁରକ୍ଷିତ ରହିବା ପାଇଁ ଘରର ଝରକାରେ ସରୁ ଜାଲି ଲଗାନ୍ତୁ
- ଶରୀରକୁ ପୁରା ଘୋଡ଼ାଇଲା ଭଳି ପୋଷାକ ପିନ୍ଧନ୍ତୁ
- ଆବଶ୍ୟକ ସ୍ଥଳେ ମଶା ନିବାରକ ବ୍ୟବହାର କରନ୍ତୁ
- ଜ୍ୱର, କମ୍ପ, ଆଣ୍ଠୁ-ଗଣ୍ଠି, ଆଖି ଓ ମାଂସପେଶୀରେ ଯନ୍ତ୍ରଣା ହେଲେ ତୁରନ୍ତ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ରକ୍ତ ପରୀକ୍ଷା କରି ଚିକିତ୍ସା କରାନ୍ତୁ

ଉପଯୁକ୍ତ ସଚେତନତା ସହିତ ସମୟୋଚିତ ପଦକ୍ଷେପ ସୁସ୍ଥ ଜୀବନର ମୂଳମନ୍ତ୍ର

ରାଜ୍ୟ ସ୍ୱାସ୍ଥ୍ୟସେବା ହେଲ୍ପଲାଇନ୍: ୧୦୪

OIPR: 10001/10003/2/26-27/0049

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
facebook.com/HFWOdisha
@HFWOdisha
http://www.health.odisha.gov.in/

## ୧୧ ତମ ଆୟୁର୍ବେଦ ଦିବସ ପାଳିତ

# ଆୟୁଷ ଚିକିତ୍ସାର ଲୋକପ୍ରିୟତା ବଢ଼ିଛି, ଭିତ୍ତିଭୂମି ଲାଗି ନିଆଯାଇଛି ପଦକ୍ଷେପ : ସ୍ୱାସ୍ଥ୍ୟ ମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଓଡ଼ିଶାରେ ଆୟୁର୍ବେଦ ସ୍ୱାସ୍ଥ୍ୟସେବାର ଭିତ୍ତିଭୂମି ଓ ଗୁଣବତ୍ତା ବୃଦ୍ଧି ପାଇଁ ବ୍ୟାପକ ପଦକ୍ଷେପ ନିଆଯାଉଛି । ଆର୍ଥିକ ବର୍ଷ ୨୦୨୪-୨୫ ଓ ୨୦୨୫-୨୬ରେ ୪୦୦ କୋଟିରୁ ଉର୍ଦ୍ଧ୍ୱ ବ୍ୟୟରେ ୫୭୭ରୁ ଅଧିକ ଆୟୁଷ ପ୍ରକଳ୍ପ ଅନୁମୋଦିତ ହୋଇଛି । ମୟୂରଭଞ୍ଜର ରାଇରଙ୍ଗପୁରଠାରେ ୮୫.୭୮ କୋଟି ଟଙ୍କା ବ୍ୟୟରେ ସରକାରୀ ଆୟୁର୍ବେଦ ମେଡିକାଲ କଲେଜ ଓ ହସ୍ପିଟାଲ ସ୍ଥାପନ ଏହି ପ୍ରୟାସର ଏକ ପ୍ରମୁଖ ପଦକ୍ଷେପ। ଭୁବନେଶ୍ୱରରେ ୧୦୦ ଶଯ୍ୟା ବିଶିଷ୍ଟ ଆୟୁର୍ବେଦ ହସ୍ପିଟାଲ ଏବଂ ଜଟଣୀରେ ୧୦୦ ଶଯ୍ୟା ବିଶିଷ୍ଟ ନେଚୁରୋପାଥି ହସ୍ପିଟାଲ ଭୂମିପୂଜନ ହୋଇସାରିଛି । ରାୟଗଡ଼ା, ଗଜପତି ଓ ମାଲକାନଗିରିରେ ୩ଟି ନୂତନ ସରକାରୀ ଆୟୁର୍ବେଦ ମେଡିକାଲ କଲେଜ ଏବଂ ନୂଆପଡ଼ା ଓ ନୟାଗଡ଼ରେ ୨ଟି ସରକାରୀ ହୋମିଓପାଥିକ ମେଡିକାଲ



ଚିକିତ୍ସାଳୟ ସ୍ଥାପନ ପାଇଁ ୨୦୦ କୋଟି ଟଙ୍କାର ବଜେଟ ବ୍ୟବସ୍ଥା କରାଯାଇଛି । ଏହା ଫଳରେ ଆୟୁଷ ଶିକ୍ଷା ଅଧିକ ବିକାଶ କରିବ" ବୋଲି ୧୧ ତମ ଆୟୁର୍ବେଦ ଦିବସ ପାଳନ ଅବସରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ଼ ମୁକେଶ ମହାଲିଙ୍ଗ କହିଛନ୍ତି । ଭୁବନେଶ୍ୱର ସ୍ଥିତ ସରକାରୀ ଆୟୁର୍ବେଦିକ କଲେଜରେ ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀ କହିଛନ୍ତି ଯେ, ଆୟୁଷ ସେବାର ଗୁଣବତ୍ତା ବୃଦ୍ଧି ପାଇଁ ସମସ୍ତ ସରକାରୀ ଆୟୁଷ ମେଡ଼ିକାଲ କଲେଜ ଏବଂ ୧୧୯୧ଟି ଆୟୁଷ ଔଷଧାଳୟରେ ହାଉସକିପିଂ, ପରିଚ୍ଛନ୍ନତା, ସୁରକ୍ଷା ଓ ଲିନେନ୍ ବ୍ୟବସ୍ଥା ସୁଦୃଢ଼ କରାଯାଇଛି । ସରକାରୀ ଆୟୁର୍ବେଦ ଓ ହୋମିଓପାଥିକ ହସ୍ପିଟାଲରେ ୧୬ ପ୍ରକାରର ମାଗଣା ପାଥୋଲୋଜି ପରୀକ୍ଷା ଏବଂ ଆବଶ୍ୟକ ଆୟୁଷ ଔଷଧର ନିରବଚ୍ଛିନ୍ନ ଯୋଗାଣ ପାଇଁ ୨୧.୪୭ କୋଟି ଟଙ୍କା ବ୍ୟୟ କରାଯାଉଛି। କିଛି ଜିଲ୍ଲାରେ ପଞ୍ଚକର୍ମ ସୁବିଧା ଆରମ୍ଭ ହୋଇଥିବା ବେଳେ ଇ-ସଞ୍ଜୀବନୀ ମେଡ଼ିସିନ ସେବା ମାଧ୍ୟମରେ ୫୦ଟି ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ବିଶେଷଜ୍ଞ ପରାମର୍ଶ ଯୋଗାଇ ଦିଆଯାଉଛି । ଏହା ସହ ୪୨୨ଟି ଆୟୁଷ୍ମାନ ଆରୋଗ୍ୟ ମନ୍ଦିରକୁ ସୁଦୃଢ଼ କରାଯାଇଛି।" ଆୟୁଷ ଶିକ୍ଷା ଓ ମାନବ ସମ୍ବଳ ବିକାଶ ଦିଗରେ ମଧ୍ୟ ଷ୍ଟାଇପେଣ୍ଡ ଓ ଅଧ୍ୟାପକଙ୍କ ପାରିଶ୍ରମିକ ବୃଦ୍ଧି, ୪ ହଜାରରୁ ଉର୍ଦ୍ଧ୍ୱ ଆୟୁଷ ଡାକ୍ତରଙ୍କ ପାରିଶ୍ରମିକ ବୃଦ୍ଧି ଏବଂ ଦକ୍ଷତା ବିକାଶ ପ୍ରଶିକ୍ଷଣ ଭଳି ପଦକ୍ଷେପ ନିଆଯାଇଛି । ଯୋଗ, ଆୟୁର୍ବେଦ ଓ ହୋମିଓପାଥି ସମ୍ପର୍କରେ ଜନସଚେତନତା ପାଇଁ ବିଭିନ୍ନ ଶିବିର ଓ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । ଆୟୁଷ କ୍ଷେତ୍ରରେ ଭିତ୍ତିଭୂମି, ଚିକିତ୍ସା, ଶିକ୍ଷା, ମାନବ ସମ୍ବଳ ଓ ଡିଜିଟାଲ୍ ସେବାର ସମନ୍ୱିତ ବିକାଶ ମାଧ୍ୟମରେ ଓଡ଼ିଶା ଏକ ସୁଦୃଢ଼ ଓ ଲୋକାଭିମୁଖୀ ଆୟୁଷ ବ୍ୟବସ୍ଥା ଗଠନ ଦିଗରେ ଆଗକୁ ବଢ଼ୁଛି । ଏହି ପ୍ରୟାସ 'ବିକଶିତ ଓଡ଼ିଶା ୨୦୩୬ ଓ 'ବିକଶିତ ଭାରତବର୍ଷ୨୦୪୭ଦର ସଂକଳ୍ପକୁ ଆହୁରି ସୁଦୃଢ଼ କରିବ। ଏହି ଅବସରରେ ଖାରବେଳ ଭବନ, ଲୋକସେବା ଭବନ ଏବଂ ବିଧାନସଭା ପରିସରରେ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ମାନ୍ୟବର ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ବିଧାୟକ ଏକାମ୍ର(ଭୁବନେଶ୍ୱର) ଶ୍ରୀ ବାବୁ ସିଂ, ସ୍ୱାସ୍ଥ୍ୟ ବିଭାଗ କମିଶନର ତଥା ଶାସନ ସଚିବ ଅଶ୍ୱତୀ ଏସ., ଆୟୁଷ ନିର୍ଦ୍ଦେଶିକା ଅର୍ଚ୍ଚନା ଦାସ ପଟ୍ଟନାୟକ, ସରକାରୀ ଆୟୁର୍ବେଦିକ କଲେଜ ଡେପୁଟି ସୁପେରିଟେନଡେଣ୍ଟ ଚିତ୍ତ ରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ପାର୍ବଣ ପାଇଁ ପୋଲିସର ଅପରାଧ ଓ ଅପରାଧୀ ଦମନ ଅଭିଯାନ

# ବେଆଇନ ଚାନ୍ଦା ଆଦାୟ କରି ୩ଗିରଫ , ୧୦୯ଟି ଏନ୍‌ବିଡବ୍ଲ୍ୟୁ କାର୍ଯ୍ୟକାରୀ

କଟକ,(ସବ୍ୟୁ): ଆଗାମୀ ପାର୍ବଣକୁ ଦୃଷ୍ଟିରେ ରଖି ରାଜ୍ୟରେ ଶାନ୍ତି, ଶୃଙ୍ଖଳା ଓ ନିରାପତ୍ତା ସୁନିଶ୍ଚିତ କରିବା ପାଇଁ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ରଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ପୁଲିସ, କମିଶନରେଟ୍ ପୁଲିସ, ରେଳବାଇ ପୁଲିସ ଓ ଅନ୍ୟାନ୍ୟ ପୁଲିସ ୟୁନିଟ୍ ଗୁଡ଼ିକର ମିଳିତ ସମନ୍ୱୟରେ ଚାଲିଥିବା ସ୍ୱତନ୍ତ୍ର ଅଭିଯାନ 'ଦମନକୁ ଅଧିକ ଜୋରଦାର କରାଯାଇଛି। ଗତ ୨୧ତାରିଖରୁ ରାଜ୍ୟବ୍ୟାପୀ ଚାଲିଥିବା ଏହି ଅଭିଯାନରେ ବର୍ତ୍ତମାନ ସୁଦ୍ଧା ୧୦୯ଟି ଜାମିନ ବିହୀନ ଗିରଫ ପରୱାନା (ଏନବିଡବ୍ଲ୍ୟୁ) କାର୍ଯ୍ୟକାରୀ କରାଯାଇଥିବା ବେଳେ ୪୦ ଜଣଙ୍କ ବିରୋଧରେ ବିଏନଏସଏସ ଧାରା ୧୨୯ ଅନୁଯାୟୀ ପଦକ୍ଷେପ ଗ୍ରହଣ କରାଯାଇଛି। ଜୁଆ ସମ୍ପର୍କିତ ୨ଟି ମାମଲାରେ ୧୦ ଜଣ ଗିରଫ ହୋଇଥିବାବେଳେ ୩ଟି ବେଆଇନ ଚାନ୍ଦା ଆଦାୟ ମାମଲାରେ ୩ ଜଣଙ୍କୁ ଗିରଫ କରାଯାଇଛି। ଏହି ମାମଲାରେ ନଗଦ ଟଙ୍କା ଓ ମୋବାଇଲ ଫୋନ୍ ଜବତ କରାଯାଇଛି। ସେହିପରି ଅବକାରୀ ଆଇନ ଉଲ୍ଲଂଘନ ବିରୋଧରେ ୧୪୮ଟି ମାମଲା ରୁଜୁ କରାଯାଇ ୬ଜଣଙ୍କୁ ଗିରଫ କରାଯାଇଛି। ଏହି କାର୍ଯ୍ୟାନୁଷ୍ଠାନରେ ବିପୁଳ ପରିମାଣର ଦେଶୀ ଓ ବିଦେଶୀ ମଦ ସହ ଅନ୍ୟାନ୍ୟ ଅବକାରୀ ସାମଗ୍ରୀ ଜବତ ହୋଇଛି। ଏହି ସମୟରେ ୮୯୫ ଲିଟର ଦେଶୀ ମଦ, ୧୯୩ ଲିଟର ବିଦେଶୀ ମଦ, ୯୮ ଲିଟର ଆସ୍କା ଫର୍ଟି, ୨୦୯ ଲିଟର ଦେଶୀ ମହୁଲି ଜବତ କରାଯାଇଛି। ସେହିପରି ନିଶାଦ୍ରବ୍ୟ ବିରୋଧୀ ଅଭିଯାନରେ ୧୫ଟି ଏନଡିପିଏସ ମାମଲା ରୁଜୁ କରାଯାଇ ୧୮ ଜଣଙ୍କୁ ଗିରଫ କରାଯାଇଛି। ପ୍ରାୟ ୧,୯୧୮ କେଜି ଗଞ୍ଜେଇ, ୬୩.୬୨୮ ଗ୍ରାମ୍ ବ୍ରାଉନ୍ ସୁଗାର ଓ ୬୦ ବୋତଲ କଫ୍ ସିରପ୍ ଜବତ କରାଯାଇଛି। ଏଥିସହିତ ନିଶା କାରବାରରେ ବ୍ୟବହୃତ ଯାନବାହନ, ମୋବାଇଲ ଫୋନ୍ ଓ ନଗଦ ଟଙ୍କା ମଧ୍ୟ ଜବତ ହୋଇଛି। ଜୁଆ ଓ ବେଆଇନ ଚାନ୍ଦା ଆଦାୟ ବିରୋଧରେ ମଧ୍ୟ ଚଢ଼ାଉ କରାଯାଇଛି। ଏହାବ୍ୟତୀତ ବେଆଇନ ଅସ୍ତ୍ରଶସ୍ତ୍ର ବିରୋଧରେ ଅଭିଯାନ ସମୟରେ ଗୋଟିଏ ବନ୍ଧୁକ ଓ ମାରଣାସ୍ତ୍ର ଜବତ କରାଯାଇଛି। ଅପରାଧୀଙ୍କ ଗତିବିଧି ଉପରେ ନଜର ରଖିବା ସହ ସୀମାନ୍ତ ଅଞ୍ଚଳରେ ୧୫୧ଟି ବ୍ଲକିଂ ଓ ବର୍ଡର ସିଲିଂ କରାଯାଇଛି। ସଂଗଠିତ ଅପରାଧ ବିରୋଧରେ ମଧ୍ୟ ଆଇନ ଅନୁଯାୟୀ ପଦକ୍ଷେପ ଗ୍ରହଣ କରାଯାଇଛି। 'ଦମନଦ ଅଭିଯାନ ସେପ୍ଟେମ୍ବର ୩୦ତାରିଖ ପର୍ଯ୍ୟନ୍ତ ଜାରି ରହିବ।

# ଆସିଲା ରିପୋର୍ଟ, କଟକରୁ ଜବତ ଛେନା ଅପମିଶ୍ରିତ

## ମିଶୁଥିଲା ମଇଦା ଓ ଡିଟରଜେଣ୍ଟ

କଟକ, (ସବ୍ୟୁ): ଅଗଷ୍ଟ ୧୯ରେ କଟକରୁ ଜବତ ହୋଇଥିବା ପ୍ରାୟ ୭୩ କ୍ୱିଣ୍ଟାଲ ପନିର ଅପମିଶ୍ରିତ ବୋଲି ମିଳିଛି ପ୍ରମାଣ। ଆସିଥିବା ରିପୋର୍ଟରେ ଯେଉଁ ତଥ୍ୟ ରହିଛି ତାହା ଅତି ସାଂଘାତିକ। ଏହି ପନିରରେ ମିଶୁଥିଲା ମଇଦା ଏବଂ ତା ସହିତ ମିଶାଯାଉଥିଲା ଡିଟରଜେଣ୍ଟ । ଯାହା ସ୍ୱାସ୍ଥ୍ୟ ପାଇଁ ମାରାତ୍ମକ । ଏହି ପନିର ଖାଇଲେ ଆପଣଙ୍କ ଅବସ୍ଥା କଣ ହେବ ତାହା ଥରେ ଚିନ୍ତା କରନ୍ତୁ । ଏହାକୁ ଖାଇଲେ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହେବା ନିଶ୍ଚିତ । ସଂଗୃହୀତ ପନିର ନମୁନାର ପରୀକ୍ଷଣ ହରିୟାଣାରେ ହୋଇଛି। ଯାହାର ରିପୋର୍ଟ ରାଜ୍ୟ ଖାଦ୍ୟ ସୁରକ୍ଷା କମିଶନରଙ୍କ ନିକଟରେ ପହଞ୍ଚିଛି ବୋଲି କହିଛନ୍ତି କଟକ ମହାନଗର ନିଗମର ସ୍ୱାସ୍ଥ୍ୟ ଅଧିକାରୀ। ସବୁଠାରୁ ବଡ଼ କଥା ହେଲା ଏହି ସବୁ ପନିର ଆସିଥିଲା ନିଆଳିରୁ । ଗତ ଅଗଷ୍ଟ ୧୯ ସଂଧ୍ୟାରେ କଟକ ଲିଙ୍କ ରୋଡ଼ ନିକଟରୁ ଏହି ସବୁ ପନିର ଜବତ କରିଥିଲା କଟକ ମ୍ୟୁନିସପାଲିଟି କର୍ପୋରେସନ୍ ବା କେଏମସିର ଖାଦ୍ୟ ସୁରକ୍ଷା ଟିମ୍ । ଜବତ ହୋଇଥିବା ପ୍ରାୟ ୭୩ କ୍ୱିଣ୍ଟାଲ ପନିରକୁ ସେହି ରାତିରେ ହିଁ ନଷ୍ଟ କରାଯାଇଥିଲା ଓ ଏହାର ନମୁନା ଟେଷ୍ଟ ପାଇଁ ପଠାଯାଇଥିଲା । ଆଉ ଏବେ ତାହାର ରିପୋର୍ଟର ହୋଇଛି ବଡ଼ ଖୁଲାସା ।ତେବେ ଜବତ ହୋଇଥିବା ଅପମିଶ୍ରିତ ପନିର ନିଆଳିରୁ ଆମଦାନୀ ହେବାଟା ସ୍ପଷ୍ଟ ହୋଇସାରିଛି । କିନ୍ତୁ ନିଆଳି ପନିର କେବଳ କଟକ ଆସୁନାହିଁ ବରଂ ରାଜ୍ୟର ବିଭିନ୍ନ ଅଞ୍ଚଳକୁ ମଧ୍ୟ ସପ୍ଲାଏ କରାଯାଉଛି ।

# ପୌର ନିର୍ବାଚନ: ୱାର୍ଡ ପୁନର୍ଗଠନ ଓ ଆସନ ସଂରକ୍ଷଣ ପାଇଁ ସଂଶୋଧିତ ସମୟସୂଚୀ

ଭୁବନେଶ୍ୱର, (ସବ୍ୟୁ) : ଆଗାମୀ ପୌର ନିର୍ବାଚନ ପାଇଁ ୱାର୍ଡ ପୁନର୍ଗଠନ/ ବିଭାଜନ ଓ ଆସନ ସଂରକ୍ଷଣ ପ୍ରକ୍ରିୟା ସମ୍ପନ୍ନ କରିବାକୁ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସଂଶୋଧିତ ସମୟସୂଚୀ ଜାରି ହୋଇଛି । ଏହି ସମୟସୂଚୀ ଭୁବନେଶ୍ୱର, କଟକ, ବ୍ରହ୍ମପୁର ଓ ରାଉରକେଲା ମହାନଗର ନିଗମ ସମେତ ବୌଦ୍ଧ ଜିଲ୍ଲାକୁ ବାଦ ଦେଇ ୯୯ଟି ପୌରପାଳିକା ଓ ବିଜ୍ଞପିତ ଅଞ୍ଚଳ ପରିଷଦ ପାଇଁ ପ୍ରଯୁଜ୍ୟ ହେବ । ଚାରି ମହାନଗର ନିଗମ ସମ୍ପର୍କରେ ସମ୍ପୃକ୍ତ କମିଶନରମାନେ ୱାର୍ଡ ବିଭାଜନ ଓ ଆସନ ସଂରକ୍ଷଣ ସମ୍ପର୍କିତ ତଥ୍ୟ ନିର୍ଦ୍ଧାରିତ ଫର୍ମ-୧ ଓ ଫର୍ମ-୨ ସହ ସ୍କେଚ୍ ମ୍ୟାପ୍ ଆକାରରେ ଅକ୍ଟୋବର ୮ ସୁଦ୍ଧା ବିଭାଗକୁ ଦାଖଲ କରିବେ। ସରକାରଙ୍କ ପକ୍ଷରୁ ଚିଠା ବିଜ୍ଞପ୍ତି ଅକ୍ଟୋବର ୨୨ରେ ପ୍ରକାଶ ପାଇବ ଏବଂ ଆପତ୍ତି ଓ ପ୍ରସ୍ତାବ ଦାଖଲର ଶେଷ ତାରିଖ ଅକ୍ଟୋବର ୩୧ ରହିଛି । ସେହିପରି, ୯୯ଟି ପୌରପାଳିକା ଓ ଏନ୍ ଏ ସି ପାଇଁ ସମ୍ପୃକ୍ତ ଜିଲ୍ଲାପାଳମାନେ ଅକ୍ଟୋବର ୧୨ରେ ଚିଠା ବିଜ୍ଞପ୍ତି ପ୍ରକାଶ କରି ଆପତ୍ତି ଓ ପ୍ରସ୍ତାବ ଆହ୍ୱାନ କରିବେ । ଏଥିପାଇଁ ଅକ୍ଟୋବର ୨୧ ଶେଷ ତାରିଖ । ଅକ୍ଟୋବର ୨୮ ରେ ପ୍ରାଥମିକ ବିଜ୍ଞପ୍ତି ପ୍ରକାଶ ପରେ ଏହା ବିରୋଧରେ ଅକ୍ଟୋବର ୨୮ରୁ ନଭେମ୍ବର ୧୧ ମଧ୍ୟରେ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ନିକଟରେ ଅପିଲ୍ କରାଯାଇପାରିବ । ଜିଲ୍ଲାପାଳମାନେ ଅପିଲ୍ ଆବେଦନ ଓ ନିଜର ମତାମତ ନଭେମ୍ବର ୧୨ ସୁଦ୍ଧା ନିର୍ଦ୍ଦେଶକ, ପୌର ପ୍ରଶାସନଙ୍କ ନିକଟକୁ ପଠାଇବେ। ଅପିଲ୍‌ର ଶୁଣାଣି ଓ ଚୂଡ଼ାନ୍ତ ନିଷ୍ପତ୍ତି ନଭେମ୍ବର ୧୮ରୁ ୨୫ ମଧ୍ୟରେ କରାଯିବ । ଆବଶ୍ୟକ ସଂଶୋଧନ ପରେ ଚୂଡ଼ାନ୍ତ ବିଜ୍ଞପ୍ତି ନଭେମ୍ବର ୩୦, ୨୦୨୬ରେ ପ୍ରକାଶ ପାଇବ । ପୌର ନିର୍ବାଚନ ପ୍ରସ୍ତୁତିକୁ ସମୟବଦ୍ଧ ଭାବେ ସମ୍ପନ୍ନ କରିବା ପାଇଁ ସମ୍ପୃକ୍ତ ମହାନଗର ନିଗମ କମିଶନର, ଜିଲ୍ଲାପାଳ ଓ ପୌର ସଂସ୍ଥାର କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କୁ ସଂଶୋଧିତ ସମୟସୂଚୀକୁ କଡ଼ାକଡ଼ିରେ ପାଳନ କରିବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି ।

# ଜିଲ୍ଲା ସଡ଼କ ସୁରକ୍ଷା କମିଟି ଓ ଜିଲ୍ଲା ରାଜପଥ ସୁରକ୍ଷା ଟାସ୍କ ଫୋର୍ସର ବୈଠକ

## ସଡ଼କ ସୁରକ୍ଷା ଓ ଦୁର୍ଘଟଣା ନିୟନ୍ତ୍ରଣ ଉପରେ ଗୁରୁତ୍ୱ

କଟକ, (ସବ୍ୟୁ): ଜିଲ୍ଲାସ୍ତରୀୟ ସଡକ ସୁରକ୍ଷା କମିଟି ଓ ଜିଲ୍ଲା ରାଜପଥ ସୁରକ୍ଷା ଟାସ୍କ ଫୋର୍ସ ବୈଠକ ବୁଧବାର ଅପରାହ୍ନରେ ଆଭାସୀ ମାଧ୍ୟମରେ ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବିଭିନ୍ନ ବିଭାଗର ସମନ୍ୱୟରେ ସଡ଼କ ସୁରକ୍ଷା ସମ୍ପର୍କିତ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ ନେଇ ଆଲୋଚନା କରାଯାଇଥିଲା । ବାଲି ପରିବହନ କରୁଥିବା ଭାରୀଯାନଗୁଡ଼ିକର ନିୟମିତ ଯାଞ୍ଚ ଓ ତଦାରଖକୁ ଅଧିକ କଡ଼ାକଡ଼ି କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ବାଲି ପରିବହନ ସମୟରେ ଗାଡ଼ିରେ ଆବଶ୍ୟକ ତାରପୋଲିନ୍ କିମ୍ବା ପାଲ ଢାଙ୍କି ବାଲି ପରିବହନ କରିବାକୁ ଗୁରୁତ୍ୱ ଦିଆଯାଇଥିଲା, ଯାହା ଫଳରେ ବାଲି ରାସ୍ତାରେ ପଡ଼ିବା ଓ ଅନ୍ୟ ଯାତ୍ରୀଙ୍କ ପାଇଁ ଦୁର୍ଘଟଣାର ଆଶଙ୍କା ହ୍ରାସ ପାଇବ ।ଜିଲ୍ଲା ପ୍ରଶାସନ ପକ୍ଷରୁ ଯେଉଁ ରାସ୍ତା ରେ ଭାରୀଯାନ ଚଳାଚଳ ଉପରେ କଟକଣା ଜାରି କରାଯାଇଛି, ସେହି ରାସ୍ତା ଗୁଡ଼ିକରେ ଆବଶ୍ୟକ ଟ୍ରାଫିକ ସୂଚନା ଓ ସତର୍କତା ସୂଚନା ଫଳକ ଲଗାଇବାକୁ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି । ପ୍ରତାପନଗରୀ ନିକଟସ୍ଥ ଏନ୍ ଏଚ ମଧ୍ୟରେ ଥିବା କଟ ବନ୍ଦ କରିବା ସହିତ ମେଡିଆନ ରେ ଅଧିକ ଉଚ୍ଚତାର ବ୍ୟାରିଅର୍ ସ୍ଥାପନ କରିବା ନେଇ ମଧ୍ୟ ଆଲୋଚନା କରାଯାଇଥିଲା। ଖାନନଗରସ୍ଥିତ ବସ ଷ୍ଟାଣ୍ଡ ବାହାରେ ପାର୍ସଲ ଲୋଡିଂ ପାଇଁ ବସ୍‌ଗୁଡ଼ିକର ଅବୈଧ ପାର୍କିଂ ସମସ୍ୟା ଉପରେ ମଧ୍ୟ ଆଲୋଚନା ହୋଇଥିଲା। ରାସ୍ତା ଉପରେ ଅନଧିକୃତ ଭାବେ ବସ୍ ପାର୍କିଂ କରି ଯାତାୟାତରେ ବାଧା ସୃଷ୍ଟି ନକରିବା ପାଇଁ ଆବଶ୍ୟକ ସ୍ଥଳେ ପଦକ୍ଷେପ ନେବାକୁ ବିସ୍ତୃତ ଆଲୋଚନା କରାଯାଇଥିଲା। ଜେବ୍ରା କ୍ରସିଙ୍ଗ ଓ ଷ୍ଟପ୍ ଲାଇନ୍ ଗୁଡ଼ିକୁ ପୁନଃରଙ୍ଗ କରିବାକୁ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ ଓ ପୂର୍ତ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି । ସେହିପରି, ବର୍ତ୍ତମାନ ଖରାପ ଅବସ୍ଥାରେ ଥିବା ଟ୍ରାଫିକ ପୋଷ୍ଟ ଗୁଡ଼ିକର ମରାମତି ଓ ନବୀକରଣ କରିବା ସହ ସ୍ଥାୟୀ ଶୌଚାଳୟ ନିର୍ମାଣ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସହରର ବିଭିନ୍ନ ସ୍ଥାନରେ ଥିବା ହମ୍ପ ରେ ରେଡିୟମ ଲାଇଟ୍ ଲଗାଇବା ପାଇଁ କେଡିଏ ପକ୍ଷରୁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ରାସ୍ତାରେ ଅନଧିକୃତ ଦଖଲ ଓ ପାର୍କିଂ ଯୋଗୁଁ ଯାତାୟାତରେ ସୃଷ୍ଟି ହେଉଥିବା ବାଧାକୁ ଦୂର କରିବା ସହ ଦୁର୍ଘଟଣା ଆଶଙ୍କା ହ୍ରାସ ଉପରେ ଗୁରୁତ୍ୱ ଦିଆଯାଇଥିଲା। ବୈଠକରେ ଶୂନ୍ୟ ମୃତ୍ୟୁହାର ସପ୍ତାହ ପାଳନ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା। ସେପ୍ଟେମ୍ବର ୨୦୨୬ ରୁ ମାର୍ଚ୍ଚ ୨୦୨୭ ପର୍ଯ୍ୟନ୍ତ ପ୍ରତିମାସର ପ୍ରଥମ ସପ୍ତାହକୁ ଶୂନ୍ୟ ମୃତ୍ୟୁହାର ସପ୍ତାହ ଭାବେ ପାଳନ କରି ସଡ଼କ ସୁରକ୍ଷା ସଚେତନତା ଉପରେ ଗୁରୁତ୍ୱ ଦିଆଯିବ ବୋଲି ଆଞ୍ଚଳିକ ପରିବହନ ଅଧିକାରୀ ବିଶ୍ୱଜିତ ଦାଶ କହିଛନ୍ତି। ବିଭିନ୍ନ ସ୍ଥାନରେ ସମୟ ସମୟରେ ଚଢ଼ାଉ ଓ ସ୍ୱତନ୍ତ୍ର ଯାଞ୍ଚ ଅଭିଯାନ କରାଯାଇ ମଦ୍ୟପାନ କରି ଗାଡି ଚଲାଉଥିବା , ବିନା ହେଲମେଟରେ ଗାଡି ଚଲାଉଥିବା ଚାଳକମାନଙ୍କଠାରୁ ପ୍ରଚଳିତ ନିୟମାନୁଯାୟୀ ଜରିମାନା ଆଦାୟ କରାଯାଉଛି ଏବଂ ଆଗକୁ ଏହା ଆହୁରି କଡା କଡି କରାଯିବ। ପ୍ରକାଶଥାଉକି ପୂର୍ବବର୍ଷ ଅପେକ୍ଷା ଚଳିତ ବର୍ଷ ସଡକ ଦୁର୍ଘଟଣା ଅପେକ୍ଷାକୃତ ଭାବେ ହ୍ରାସ ପାଇଛି । ସେହିପରି ଚଳିତବର୍ଷ ଅଗଷ୍ଟ ମାସ ସୁଦ୍ଧା ୬୯,୦୧,୩୭୪ ଟଙ୍କାର ଜୋରିମାନା ଆଦାୟ କରାଯାଇଛି । ବୈଠକରେ କଟକ ଜିଲ୍ଲା ବସ ମାଲିକ ସଂଘ ଏବଂ ଟ୍ରକ ମାଲିକ ସଂଘର କର୍ମକର୍ତ୍ତାମାନେ ଭାଗନେଇ ଆଲୋଚନାରେ ଅଂଶଗ୍ରହଣ ପୂର୍ବକ ନିଜ ନିଜର ସୁଚିନ୍ତିତ ମତାମତ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଡଃ ଦିବ୍ୟଲୋଚନ ମହନ୍ତ ,ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ପ୍ରଦୀପ କୁମାର ସାହୁ ,ଏସିପି ଟ୍ରାଫିକ୍ ଜୟନ୍ତ ଦୋରା,ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ ପି ଡି ସୂରଜ ସିଂଙ୍କ ସମେତ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ସଂପୃକ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ । ଆଞ୍ଚଳିକ ପରିବହନ ଅଧିକାରୀ ବିଶ୍ୱଜିତ ଦାଶ ବୈଠକ ପରିଚାଳନା କରିଥିଲେ ।

# ଶାସ୍ତ୍ରୀୟ ଓଡ଼ିଶୀ ଗାନ ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର

ଭୁବନେଶ୍ୱର, (ସବ୍ୟୁ) : ସ୍ଥାନୀୟ ବୁଦ୍ଧ ମନ୍ଦିର ସଭାଗୃହରେ ଭାରତୀୟ ସଙ୍ଗୀତ ସଂସ୍ଥାନ ଆନୁକୁଲ୍ୟରେ ଓ ନୀଳଶୈଳ ଭୁବନେଶ୍ୱର କାର୍ଯ୍ୟାଳୟ ସହଯୋଗରେ ଓଡ଼ିଶୀ ସଙ୍ଗୀତର ଶାସ୍ତ୍ରୀୟ ବିଶେଷତା ଉପରେ ଏକ ଆଲୋଚନା ଚକ୍ର ଓ ପରିଷେଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଭାରତୀୟ ସଙ୍ଗୀତ ସଂସ୍ଥାନର ଅଧ୍ୟକ୍ଷ ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର ପ୍ରାକ୍ତନ କୁଳପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ରକୁ ଉଦଘାଟନ କରି ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ଡ଼. ପ୍ରସନ୍ନ କୁମାର ସ୍ୱାଇଁ ଓଡ଼ିଶୀ ସଙ୍ଗୀତର ଶାସ୍ତ୍ରୀୟତା ପାଇଁ ସମସ୍ତ ଗୁରୁ ଏକତ୍ରିତ ହୋଇ କାର୍ଯ୍ୟ କରିବା ପାଇଁ ପରାମର୍ଶ



ଦେଇଥିଲେ । ମୁଖ୍ୟବକ୍ତା ବିଶିଷ୍ଟ ଶିକ୍ଷାବିତ ଓ ସଂସ୍କୃତି ଗବେଷକ ଡ. ଗୋପାଳ ପ୍ରସାଦ ମହାପାତ୍ର ଓଡ଼ିଶୀ ଗୀତର ଶାସ୍ତ୍ରୀୟ ପଦ୍ଧତି ୫୦୦୦ ବର୍ଷର ଅତି ପ୍ରାଚୀନ ପରମ୍ପରା ବୋଲି ଦର୍ଶାଇଥିଲେ । ସମ୍ମାନୀତ ଅତିଥି ପ୍ରାକ୍ତନ ବରିଷ୍ଠ ପ୍ରଶାସକ ନୀଳଶୈଳର ଉପଦେଷ୍ଟା ସହଦେବ ଜୟସିଂହ ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନରେ ବିଳମ୍ବ ହେଉଛି ବୋଲି କ୍ଷୋଭ ପ୍ରକାଶ କରିଥିଲେ । ବିଶିଷ୍ଟ ବକ୍ତା ଡ଼. କୃଷ୍ଣ ଚନ୍ଦ୍ର ବଳ , ଅନ୍ୟତମ ଅତିଥି ରଣଜିତ ରାୟ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଅଧୀବେଶନର ଦ୍ୱିତୀୟ ପର୍ଯ୍ୟାୟରେ ଗୁରୁ ଡ଼. କୀର୍ତ୍ତନ ନାରାୟଣ ପାଢ଼ୀ ଓ ତାଙ୍କ ଶିଷ୍ୟ ଗାୟିକା ଡ଼. ଗୀତାମଞ୍ଜରୀ ବେହେରା ଓଡ଼ିଶୀ ରାଗମାଳିକା ପରିବେଷଣ ମାଧ୍ୟମରେ ଓଡ଼ିଶୀ ଗୀତର ବିଶେଷତା ପ୍ରଦର୍ଶନ କରିଥିଲେ । ନୀଳଶୈଳର ସାଧାରଣ ସମ୍ପାଦକଙ୍କ ରଜନୀ କାନ୍ତ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡ. ଶରତଚନ୍ଦ୍ର ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ ।

# ଗହଣା ଲୁଟ୍ ଉଦ୍ୟମ, ମହିଳା ଅଟକ

ଭୁବନେଶ୍ୱର, (ସବ୍ୟୁ) : ସହିଦନଗରରେ ଥିବା ଏକ ଗହଣା ଦୋକାନରୁ ୨ଟି ସୁନାମୁଦି ଲୁଟ୍ ଉଦ୍ୟମ କରୁଥିବା ଜଣେ ସୁନ୍ଦରୀ ମହିଳାଙ୍କୁ କର୍ମଚାରୀ ଦେଖି ଅଟକାଇବା ସହ ପୋଲିସକୁ ଖବର କରିଥିଲେ । ସହିଦନଗର ଥାନା ପୋଲିସ ପହଞ୍ଚି ସେହି ସୁନ୍ଦରୀଙ୍କୁ ଥାନାକୁ ଆଣି ପଚରାଉଚରା କରୁଛି । ଗୋଟିଏ ପ୍ରତିଷ୍ଠିତ ଗହଣା ଦୋକାନକୁ ଅଟକ ଥିବା ମହିଳା ବହୁବାର ସୁନାଗହଣା କିଣିବାକୁ ଆସନ୍ତି । ବୁଧବାର ସେହି ଗହଣା ଦୋକାନକୁ ଆସି ବିଭିନ୍ନ ଗହଣା ଦେଖିବା ସହ ଗୋଟିଏ ମୁଦି କିଣିଥିଲେ । ଏହାପରେ ଆଉ ଦୁଇଟି ବଡ ସାଇଜ୍‌ର ମୁଦି ଦେଖି ହାତରେ ଧରିବା ସହ ସାଙ୍ଗରେ ଆଣିଥିବା ଇମିଷ୍ଟେସନ ମୁଦିକୁ ବଦଳାଇ ସେହି ସୁନା ମୁଦି ଦୁଇଟିକୁ ଲୁଟି ନେବାକୁ ଉଦ୍ୟମ କରୁଥିବା ବେଳେ ଦୋକାନ କର୍ମଚାରୀ ଦେଖି ଦେଇଥିଲେ । ତାଙ୍କୁ ପଚରାଉଚରା କରିବା ବେଳେ ସେ ଅସଲି ସୁନାମୁଦି ଦୁଇଟିକୁ ରଖିଦେଇ ଫାଙ୍କିବା ଉଦ୍ୟମ କରିଥିଲେ । ଦୋକାନ ମ୍ୟାନେଜର ଜାଣିବା ପରେ ସେହି ସୁନ୍ଦରୀ ମହିଳାଙ୍କୁ ଅଟକାଇ ସହିଦନଗର ଥାନାକୁ ଖବର କରିଥିଲେ । ସହିଦନଗର ଥାନା ପୋଲିସ ପହଞ୍ଚି ଦୋକାନର ସିସି କ୍ୟାମେରା ଯାଞ୍ଚ କରିବା ପରେ ସତ୍ୟାସତ୍ୟ ଜଣାପଡିଥିଲା । ସେହି ସମ୍ଭ୍ରାନ୍ତ ଘରର ସୁନ୍ଦରୀ ମହିଳାଙ୍କୁ ପୋଲିସ ଥାନାକୁ ଆଣି ପଚରାଉଚରା କରୁଛି । ପୋଲିସ କହିବାନୁଯାୟୀ ଯଦି ବିଧିବଦ୍ଧ ଭାବେ ଲିଖିତ ଅଭିଯୋଗ ହୁଏ, ତେବେ ତାଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯିବ ।

# ୭୨ ବର୍ଷରେ କ୍ୟାପିଟାଲ ହସ୍ପିଟାଲ : ପୁଣି ଖାଲିପଡ଼ିଲା ନିର୍ଦ୍ଦେଶକ ପଦବୀ

ଭୁବନେଶ୍ୱର , (ପ୍ରଦୀପ୍ତ କୁମାର ଦାସ) : ସମ୍ପ୍ରତି କ୍ୟାପିଟାଲ ହସ୍ପିଟାଲ ଇତିମଧ୍ୟରେ ୭୨ ବର୍ଷରେ ପଦାର୍ପଣ କରିଛି ।ହେଲେ ଏହି ହସ୍ପିଟାଲକୁ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଅଣଦେଖା କରିଆସୁଛି ବୋଲି ଅଭିଯୋଗ ହୋଇଛି ।ଜନସାଧାରଣଙ୍କୁ ଆବଶ୍ୟକ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ପାଇଁ ଖୋଦ ରାଜ୍ୟ ରାଜଧାନୀରେ ଥିବା ଏହି ସରକାରୀ ମୁଖ୍ୟ ହସ୍ପିଟାଲରେ ପାଖାପାଖି ମାସେ ହେଲା ନିର୍ଦ୍ଦେଶକ ପଦବୀ ପୂରଣ ନହୋଇ ଖାଲି ରହିଛି ।ଏହି ପୂର୍ବରୁ ମଧ୍ୟ ତତ୍କାଳୀନ ନିର୍ଦ୍ଦେଶକ ଛୁଟିନେଇ ରହିଥିବାରୁ ଦୀର୍ଘଦିନଧରି ଏହି ପଦବୀ ଖାଲି ପଡ଼ିଥିଲା ।ଏଥିସହ ପୂର୍ବରୁ ମଧ୍ୟ ଏହି ଚିକିତ୍ସାଳୟର ସୁପରିଟେଣ୍ଡେଣ୍ଟ ପଦବୀ ଦୀର୍ଘ ମାସ ହେଲା ପୂରଣ ନହୋଇ ଖାଲି ରହିଥିଲା ।ଅବଶ୍ୟ ଗତ ପ୍ରାୟ ଦୁଇ ମାସ ତଳେ ସୁପରିଟେଣ୍ଡେଣ୍ଟ ପଦବୀ ପୂରଣ ହୋଇଥିବା କୁହାଯାଉଛି ।ବରିଷ୍ଠ ଶଲ୍ୟ ଚିକିତ୍ସା ବିଶେଷଜ୍ଞ ଡା.ପ୍ରଭାତ ରଥ ସୁପରିଟେଣ୍ଡେଣ୍ଟ ପଦବୀରେ ରହିବା ସହ ଭାରପ୍ରାପ୍ତ ତଥା କାମଚଳା ନିର୍ଦ୍ଦେଶକ ଭାବେ ଏବେ କାର୍ଯ୍ୟ




ତୁଲାଉଛନ୍ତି। ସେଠାରେ ନିର୍ଦ୍ଦେଶକ ପଦରେ ରହି କାର୍ଯ୍ୟକରିଥିବା ବରିଷ୍ଠ ଡାକ୍ତର ରୁପଭାନୁ ମିଶ୍ର ପାଖାପାଖି ମାସେ ହେଲା ଅବସର ଗ୍ରହଣ କରିବାପରଠାରୁ ଏହି ଗୁରୁତ୍ୱପୂର୍ଣ୍ଣ ପଦବୀ ସେଠାରେ ଖାଲି ପଡ଼ିଛି ।ଉଲ୍ଲେଖଯୋଗ୍ୟଯେ ସ୍ୱାସ୍ଥ୍ୟସେବା ଅତ୍ୟାବଶ୍ୟକୀୟ ତଥା ଜରୁରୀ ସେବା ଭାବେ ପରିଗଣିତ ହେଉଥିବା ବେଳେ ଖୋଦ ରାଜ୍ୟର ମୁଖ୍ୟାଳୟରେ ଥିବା ରାଜଧାନୀ ଡାକ୍ତରଖାନାର ପ୍ରଶାସନିକ ମୁଖ୍ୟ ଦାୟିତ୍ୱ ବହନ କରୁଥିବା ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶକ ପଦବୀ ଅଗ୍ରାଧିକାର ଭିତ୍ତିରେ ପୂରଣ ହୋଇନପାରି ଖାଲି ପଡ଼ିରହିବା ଘଟଣା ସ୍ୱାସ୍ଥ୍ୟବିଭାଗର ଅବହେଳାକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି । ଅତୀତରେ ଡାକ୍ତରଖାନାର ସୁପରିଚାଳନା ଓ ରୋଗୀ ସେବା କ୍ଷେତ୍ରରେ ନାନା ବିଭ୍ରାଟ ଦେଖାଦେଇଥିବାର ନଜିର ରହିଛି। ପୂର୍ବରୁ ବିଭିନ୍ନ ସମୟରେ ଉତ୍ତମ ତଥା ଉପଯୁକ୍ତ ଚିକିତ୍ସା ଅବହେଳା/ଅଭାବରୁ ଚିକିତ୍ସାଧୀନ ଅବସ୍ଥାରେ ରୋଗୀ ମୃତ୍ୟୁ ଘଟିବା ଅଭିଯୋଗରେ ରୋଗୀଙ୍କ ସମ୍ପର୍କୀୟ ଓ ଡାକ୍ତରଖାନା ଅଧିକାରୀଙ୍କ ସମେତ କର୍ମଚାରୀଙ୍କ ମଧ୍ୟରେ ମୁହାଁମୁହିଁ କାରଣରୁ ଗଣ୍ଡଗୋଳ ସୃଷ୍ଟି ହେବା, ହସ୍ପିଟାଲର ଅଫିସିଆଲ ସାଇଟ ଦୀର୍ଘଦିନଧରି ଅକାମି ଅବସ୍ଥାରେ ରହିବା,ଲାଞ୍ଚ କରବାରରେ ଲିପ୍ତ ଦୁର୍ନୀତିଗ୍ରସ୍ତ ଡାକ୍ତରଙ୍କ କାରନାମା, କିଛି ପ୍ରଭାବଶାଳୀ ବ୍ୟକ୍ତି ଓ ବଡ଼ବଡ଼ିଆଙ୍କୁ ତୋଷକରି ଦୀର୍ଘ ବର୍ଷବର୍ଷ ଧରି ସେଠାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଗାଦିମାଡ଼ି ବସିଥିବା ଜଣେ ବରିଷ୍ଠ ଡାକ୍ତରଙ୍କ ହାକିମାତି ଓ ମନମାନି ସହ ଡାକ୍ତଖାନାର ବିଭିନ୍ନ କାର୍ଯ୍ୟରେ ଅଯଥା ହସ୍ତକ୍ଷେପ ଯୋଗୁଁ ସେଠାରେ ଉପଯୁକ୍ତ ପରିଚାଳନାରେ ବିଭ୍ରାଟ ମଧ୍ୟ ଦେଖାଯିବାର ନଜିର ଅଛି। ଇତିମଧ୍ୟରେ ୭୨ ବର୍ଷରେ ପଦାର୍ପଣ କରିଥିବା ଏହି ଡାକ୍ତରଖାନାକୁ ଏବେ ରାଜଧାନୀ ଭୁବନେଶ୍ୱର ଆଖପାଖ,ଖୋର୍ଦ୍ଧା,ପୁରୀ ଓ ନୟାଗଡ଼ ଜିଲ୍ଲା ଅଂଚଳରୁ ଦୈନିକ ହଜାର ହଜାର ସଂଖ୍ୟାରେ ରୋଗୀ ଚିକିତ୍ସାସେବା ପାଇବା ପାଇଁ ଆସୁଛନ୍ତି ।ମାତ୍ର ଆବଶ୍ୟକ ସଂଖ୍ୟକ ଶର୍ଯ୍ୟା ଅଭାବରୁ ଚିକିତ୍ସା ସୁବିଧା ପାଇବାରୁ ଅନେକ ରୋଗୀ ବଂଚିତ ହେଉଛନ୍ତି। ବିଡମ୍ବନାର କଥାଯେ ସରକାରଙ୍କ ନାକତଳେ ଖୋଦ ରାଜଧାନୀରେ ଥିବା ଏହି ସରକାରୀ ମୁଖ୍ୟ ଡାକ୍ତରଖାନା ପ୍ରତି ରାଜ୍ୟ ସ୍ୱାସ୍ଥ୍ୟବିଭାଗର ଅଣଦେଖା ନୀତିକୁ ଏହା ପଦାରେ ପକାଇଛି ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ ।ଦୀର୍ଘଦିନ ଧରି ଡାକ୍ତରଖାନାର ନିର୍ଦ୍ଦେଶକ ଓ ସୁପରିଟେଣ୍ଡେଣ୍ଟଙ୍କ ପଦବୀ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରଶାସନିକ ପଦ ତୁରନ୍ତ ପୂରଣ ନହୋଇ ଖାଲି ପଡ଼ିରହିବା ଘଟଣାକୁ ରାଜଧାନୀର ସଚେତନ ନାଗରିକ ସମାଜ ନାପସନ୍ଦ କରିଛନ୍ତି ।ତେଣୁ ସରକାର ଯଥାଶୀଘ୍ର ଅଗ୍ରାଧିକାର ଭିତ୍ତିରେ ଏହି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶକ ପଦବୀ ପୂରଣ କରିବା ପାଇଁ ସାଧାରଣରେ ଦାବୀ ହୋଇଛି ।

## ରାଜ୍ୟରେ ସ୍ଥାଣୁ ପାଲଟିଛି ମଙ୍ଗଳ ବିଭାଗ

# ୧୩ ଜିଲ୍ଲାରେ ଜିଲ୍ଲା ମଙ୍ଗଳ ଅଧିକାରୀ ପଦବୀ ଖାଲି

ଭୁବନେଶ୍ୱର/ ବଲାଙ୍ଗିର,(ସବ୍ୟୁ) : ମଙ୍ଗଳ ବିଭାଗ ଅଧିନରେ ଚାଲିଥିବା ସ୍କୁଲର ସୁପରିଚାଳନା ଲାଗି ସରକାର ବିଭାଗୀୟ ଢାଞ୍ଚାରେ ପରିବର୍ତ୍ତନ ଆଣିଛନ୍ତି । ଗୁଣାତ୍ମକ ଶିକ୍ଷା, ପାସ୍ ହାର ବୃଦ୍ଧି ସହ ଶିକ୍ଷାନୁଷ୍ଠାନ ପରିସରରେ ଶୃଙ୍ଖଳାକୁ ଅଧିକ ଗୁରୁତ୍ୱ ଦେଇଛନ୍ତି । ବିଭାଗୀୟ କାର୍ଯ୍ୟ ତଦାରଖ ଲାଗି ଟ୍ରାଇବାଲ ସବ ପ୍ଲାନ ଅଧୀନରେ ଥିବା ୧୪ ଜିଲ୍ଲାରେ ଉପନିର୍ଦ୍ଦେଶକ ପାହ୍ୟାର ଅଧିକାରୀଙ୍କୁ ଦାୟିତ୍ୱ ଦେବାକୁ ନିଷ୍ପତ୍ତି ନେଇଛି ବିଭାଗ । ଏଥି ଲାଗି ଯୋଗ୍ୟତା ଭିତ୍ତିରେ ୧୧ ଜିଲ୍ଲା ମଙ୍ଗଳ ଅଧିକାରୀ ଉପନିର୍ଦ୍ଦେଶକ ଭାବେ ପଦୋନ୍ନତି ପାଇଛନ୍ତି । ହେଲେ ପଦୋନ୍ନତି ପରେ ନିଯୁକ୍ତି ଦେବାରେ ଅବହେଳା କାରଣରୁ ଜିଲ୍ଲା ମଙ୍ଗଳ ଅଧିକାରୀ ପଦବୀରେ ରହି କାମ କରୁଛନ୍ତି ଉଚ୍ଚ ପାହ୍ୟାର ଅଧିକାରୀ । ସେପଟେ ୧୧ ଜିଲ୍ଲାରେ ଜିଲ୍ଲା ମଙ୍ଗଳ ଅଧିକାରୀ ପଦବି ଖାଲି ପଡ଼ିଥିବା ସତ୍ତ୍ୱେ ସରକାର ନୂତନ ନିଯୁକ୍ତି ଦେଉନାହାନ୍ତି କି ପଦୋନ୍ନତି ପାଇଥିବା ଅଧିକାରୀଙ୍କୁ ଅନ୍ୟତ୍ର ବଦଳି କରୁନାହାନ୍ତି । ଦୀର୍ଘ ସମୟ ଧରି ମଙ୍ଗଳ ବିଭାଗରେ ଏପରି ଅଚଳାବସ୍ଥା ଲାଗି ରହିଥିଲେ ମଧ୍ୟ ବିଭାଗୀୟ ମନ୍ତ୍ରୀ କିମ୍ବା ସଚିବ କେଣସି ପଦକ୍ଷେପ ନେଉନାହାନ୍ତି । ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଏବଂ ବିଭାଗୀୟ ଚିଠି ନଂ-୧୫୩୨୦, ତା: ୨.୭.୨୦୨୫ ମୁତାବକ ଟ୍ରାଇବାଲ ସବପ୍ଲାନ ଅଧୀନରେ ଥିବା ମୟୁରଭଞ୍ଜ, ସୁନ୍ଦରଗଡ଼ କେନ୍ଦୁଝର, ବାଲେଶ୍ୱର, ଖୋର୍ଦ୍ଧା, ଗଞ୍ଜାମ, ଗଜପତି, କଳାହାଣ୍ଡି, କୋରାପୁଟ, ରାୟଗଡ଼ା ମାଲକାନଗିରି, ନବରଙ୍ଗପୁର, କନ୍ଧମାଳ, ସମ୍ବଲପୁର ଉପନିର୍ଦ୍ଦେଶକ ପାହ୍ୟାର ଅଧିକାରୀ କାର୍ଯ୍ୟ କରିବେ । ବିଭାଗୀୟ ନିର୍ଦ୍ଦେଶନାମା ପରେ ବିଭାଗୀୟ ଚିଠି ନଂ: ୧୧୬୨୨, ୨୧.୫.୨୦୨୬ରେ ୧୧ ଜିଲ୍ଲା ମଙ୍ଗଳ ଅଧିକାରୀ ଉପନିର୍ଦ୍ଦେଶକ ପାହ୍ୟାକୁ ପଦୋନ୍ନତି ଦେଇଥିଲେ । ପଦୋନ୍ନତି ପରେ କେବଳ ନବରଙ୍ଗପୁର, କୋରାପୁଟ ଓ ଖୋର୍ଦ୍ଧାରେ ଉପନିର୍ଦ୍ଦେଶକ ଏହି ରାଙ୍କର ଅଧିକାରୀ ଅଛନ୍ତି । ମୟୁରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼ ଗଜପତି, ରାୟଗଡ଼ା ମାଲକାନଗିରି, କନ୍ଧମାଳ ଭଳି ୧୧ ଜିଲ୍ଲାରେ ପଦୋନ୍ନତି ପାଇଥିବା ଅଧିକାରୀଙ୍କୁ ଦାୟିତ୍ୱ ନ ଦେଇ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ଦ୍ୱାରା କାମ ଚଳାଉଛି ବିଭାଗ । ଫଳରେ ପଦୋନ୍ନତି ପାଇ ମଧ୍ୟ ପୂର୍ବ ପଦବୀରେ କାମ କରୁଛନ୍ତି ୮ ଅଧିକାରୀ । ଗଞ୍ଜାମ, କଳାହାଣ୍ଡି, ସମ୍ବଲପୁର, ବାଲେଶ୍ୱରରେ ଦୀର୍ଘ ମାସ ହେଲା ଉପନିର୍ଦ୍ଦେଶକ ପଦବି ଖାଲି ପଡ଼ି ସେହିପରି ବାଲେଶ୍ୱର, ନୟାଗଡ଼ ବୌଦ୍ଧ, ଢେଙ୍କାନାଳ, ଯାଜପୁର, ନୂଆପଡ଼ା ବଲାଙ୍ଗିର, ବରଗଡ଼ ଭଳି ୮ ଜିଲ୍ଲାରେ ଜିଲ୍ଲା ମଙ୍ଗଳ ଅଧିକାରୀ ପଦବି ଖାଲି ପଡ଼ିଛି । ଦିନକୁ ଦିନ ମଙ୍ଗଳ ବିଭାଗ ସ୍କୁଲରେ ବିଶୃଙ୍ଖଳା ବଢ଼ିବାରେ ଲାଗିଛି । ରାୟଗଡ଼ା ଅନ୍ତେବାସୀ ରାଗିଂର ଶିକାର ହୋଇ ବାହୁଙ୍ଗା ଓ ବ୍ୟାଟରେ ମାଡ଼ ଖାଉଥିବା ବେଳେ ମନ୍ତ୍ରୀଙ୍କ ଜିଲ୍ଲା ନବରଙ୍ଗପୁରରେ ନାନା ଅବ୍ୟବସ୍ଥା ପାଇଁ ଅନ୍ତେବାସୀ ହଷ୍ଟେଲ ଛାଡ଼ି ଘରକୁ ପଳାଉଛନ୍ତି । ସେହିପରି କୋରାପୁଟ, ମାଲକାନଗିରି, ମୟୁରଭଞ୍ଜ ଭଳି ଆଦିବାସୀ ଅଧ୍ୟୁଷିତ ଜିଲ୍ଲାରେ ମଧ୍ୟ ବିଭାଗୀୟ ପରିଚାଳନାରେ ବିଭ୍ରାଟ ଦେଖାଦେଉଛି । ତଥାପି କେଉଁ କାରଣ ପାଇଁ ଉଚ୍ଚ ପଦସ୍ତ ଅଧିକାରୀଙ୍କୁ ନିଯୁକ୍ତି ଦେବାରେ ବିଭାଗ ଅବହେଳା କରୁଛି ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

# ମୁଣ୍ଡା ଆଦିବାସୀ ଗ୍ରାମରେ ଏକାଦଶୀ କରମ ପୂଜା



ବାରିପଦା, (ସବ୍ୟୁ) : ପ୍ରତିବର୍ଷ ପରି ଚଳିତ ବର୍ଷ ମଧ ଭାଦ୍ର ମାସ ଶୁକ୍ଳ ପକ୍ଷ ଏକାଦଶୀ ତିଥିରେ ମୁଣ୍ଡା ଆଦିବାସୀ ସମ୍ପ୍ରଦାୟର ପ୍ରକୃତି-କେନ୍ଦ୍ରିତ ପାରମ୍ପରିକ ସାଂସ୍କୃତିକ ପର୍ବ କାରାମ ବଙ୍ଗା (କରମ ପୂଜା) ମୟୂରଭଞ୍ଜ ଜିଲ୍ଲାର ଶତାଧିକ ମୁଣ୍ଡା ଆଦିବାସୀ ଗ୍ରାମ ଗୁଡ଼ିକରେ ଧୁମ୍‌ଧାମ୍‌ରେ ପାଳିତ ହୋଇଯାଇଛି । ମୁଣ୍ଡା ସମ୍ପ୍ରଦାୟରେ ଏହି ପର୍ବ ପାଳନର ଏକ ସ୍ୱତନ୍ତ୍ର ପରମ୍ପରା ରହିଛି । ଯେଉଁ ଘରେ କାରାମ ବଙ୍ଗା ପାଳନର ପରମ୍ପରା ରହିଥାଏ, ସେହି ଘରର ଆଖଡ଼ା କିମ୍ବା କେତେକ ସ୍ଥାନରେ ଗ୍ରାମର ମଧଭାଗରେ କରମ ଗଛର ଡାଳ ସ୍ଥାପନ କରାଯାଇଥାଏ । ପରମ୍ପରା ଅନୁଯାୟୀ ଗାଁ ମୁଣ୍ଡ କିମ୍ବା ନିକଟସ୍ଥ ଜଙ୍ଗଲରୁ କରମ ଗଛର ଡାଳ ଆଣି ପୂଜା କରାଯିବା ପରେ ଆଖଡ଼ାରେ ସ୍ଥାପନ କରାଯାଏ । ରାତିସାରା କରମ ଡାଳକୁ କେନ୍ଦ୍ର କରି ପାରମ୍ପରିକ ପୂଜା, ନୃତ୍ୟ ଓ ସଙ୍ଗୀତ ପରିବେଷଣ ହୋଇଥାଏ । ଢୋଲ, ମାଦଳ ଓ ପାରମ୍ପରିକ ଗୀତର ତାଳେ ଗ୍ରାମବାସୀମାନେ ସାମୂହିକ ଭାବେ ନୃତ୍ୟ କରିଥାନ୍ତି । ଯୁବକମାନେ ଗୀତ ଗାଇବା ସହ ଢୋଲ ଓ ମାଦଳ ବଜାଇଥିବା ବେଳେ ଯୁବତୀମାନେ ପରସ୍ପରର ହାତ ଧରି ପାରମ୍ପରିକ ନୃତ୍ୟରେ ସାମିଲ ହୋଇଥାନ୍ତି । ପରଦିନ ସକାଳେ ପୂଜା ପରେ କରମ ଡାଳକୁ ନିକଟସ୍ଥ ନଦୀ କିମ୍ବା ପୋଖରୀରେ ପାରମ୍ପରିକ ରୀତିନୀତି ଅନୁସାରେ ବିସର୍ଜନ କରାଯାଇଥାଏ ।

କରମ ପୂଜା ମୁଣ୍ଡା ଆଦିବାସୀ ସମାଜର ପ୍ରକୃତି, ସାମୂହିକ ଜୀବନ, ପାରମ୍ପରିକ ଜ୍ଞାନ ଓ ସାଂସ୍କୃତିକ ଐତିହ୍ୟ ସହ ଜଡ଼ିତ ଏକ ପ୍ରମୁଖ ପର୍ବ ବୋଲି ସମ୍ପ୍ରଦାୟର ପ୍ରତିନିଧିମାନେ କହିଛନ୍ତି । ଏହି ପାରମ୍ପରିକ ଆଦିବାସୀ ପର୍ବକୁ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ସରକାରଙ୍କ ପକ୍ଷରୁ ସରକାରୀ ସ୍ତରରେ ସ୍ୱୀକୃତି ଓ ବିଭିନ୍ନ ସ୍ଥାନରେ ପାଳନର ବ୍ୟବସ୍ଥା ଥିବାବେଳେ, ଓଡ଼ିଶାରେ ମଧ୍ୟ ଏହାକୁ ସରକାରୀ ସ୍ତରରେ ସ୍ୱୀକୃତି ଦେବା ସହ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକରେ କରମ ପୂଜା ପାଳନ ପାଇଁ ଆବଶ୍ୟକ ଅନୁମତି ଓ ସହଯୋଗ ପ୍ରଦାନ କରିବାକୁ ଦାବି ହୋଇଆସୁଛି । ମୁଣ୍ଡାରୀୟୁଟ୍ୟୁବର୍ସ, ପ୍ରୋଡ୍ୟୁସର୍ସ ଏଣ୍ଡ୍ ଆର୍ଟିଷ୍ଟସ୍ ଆସୋସିଏସନ୍ (ମାଏପା) ପକ୍ଷରୁ ମଧ୍ୟ ଏହି ଦାବି ଉପସ୍ଥାପିତ ହୋଇଛି । ସଂଗଠନର ମତରେ, ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଏଭଳି ପାରମ୍ପରିକ ପର୍ବ ପାଳନ ଦ୍ୱାରା ଆଦିବାସୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନିଜ ଭାଷା, ସଂସ୍କୃତି, ପରମ୍ପରା ଓ ପ୍ରକୃତି ପ୍ରତି ସଚେତନତା ବୃଦ୍ଧି ପାଇପାରିବ ।

## ସିଲ୍ ହେଲା କଳିଙ୍ଗା ଘାଟି

# ଜଳଭଣ୍ଡାରରେ ବଢ଼ିଲା ଜଳସ୍ତର



ଭଂଜନଗର, (ସବ୍ୟୁ) : ସିଲ୍ ହେଲା କଳିଙ୍ଗା ଘାଟି । ଘାଟିର ଉଭୟ ପାର୍ଶ୍ୱରେ ଜଗି ରହିଛନ୍ତି, ଗଂଜାମ ଏବଂ କନ୍ଧମାଳ ଜିଲ୍ଲାର ପୋଲିସ ଏବଂ ପ୍ରଶାସନ । ଗଂଜାମ - କନ୍ଧମାଳ ଯାତାୟତ ବନ୍ଦ । କଳିଙ୍ଗା ଘାଟିରେ ବିପଦ ଆଶଙ୍କା ରହିଥିବାରୁ, ଜନସାଧାରଣଙ୍କୁ ଯିବାଆସିବା କରିବା ପାଇଁ, ନିଷେଧାଦେଶ ଜାରି ହୋଇଛି । ଏନେଇ ଭଂଜନଗର ଉପଜିଲ୍ଲାପାଳ ଉମାଶଙ୍କର ବେହେରା ଘଟଣା ସ୍ଥଳ ଅନୁଧ୍ୟାନ କରିଛନ୍ତି । ଆଜି ସକାଳୁ ବର୍ଷାର ପରିମାଣ ଧିରେ ଧିରେ ବଢିବାରେ ଲାଗିଛି । ଅନ୍ୟପକ୍ଷରେ ଗଂଜାମ ଜିଲ୍ଲାର ଭଂଜନଗର ଉପଖଣ୍ଡ ଅନ୍ତର୍ଗତ ବିଭିନ୍ନ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଇଛି । ସୁରକ୍ଷା ଦୃଷ୍ଟିରୁ, ଭଂଜନଗର, ଡହ, ସୋରଡ଼ା ଏବଂ ବାଘୁଆ ଜଳଭଣ୍ଡାରୁ ଆବଶ୍ୟକ ଅନୁଯାୟୀ, ଜଳ ଛଡାଯାଇଛି ।

ସେହିଭଳି ମାଧବରିଡା ସ୍ଥିତ ଆନିକଟ୍‌ରେ ମଧ୍ୟ ଜଳସ୍ତର ବୃଦ୍ଧି ପାଇଛି । ବର୍ଷା ଓ ଜଳସ୍ତର ବୃଦ୍ଧିକୁ ଦୃଷ୍ଟିରେ ରଖି ସଜାଗ ରହିଛି, ଭଂଜନଗର ଜଳସେଚନ ବିଭାଗ । ସେହିଭଳି ସ୍ଥାନୀୟ ପ୍ରଶାସନ ପକ୍ଷରୁ ମଧ୍ୟ ବିଭିନ୍ନ ସ୍ଥାନରେ ବର୍ଷା ଓ ସମ୍ଭାବ୍ୟ ବନ୍ୟାକୁ ଆଖି ଆଗରେ ରଖି, ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଥିବା କହିଛନ୍ତି ଭଂଜନଗର ଜଳସେଚନ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ସଂଜୟ କୁମାର ପ୍ରଧାନ ।

# ଟିପିଏସ୍‌ଓଡିଏଲ୍ ପକ୍ଷରୁ 'ସୋଲାର ରଥ' ଶୁଭାରମ୍ଭ

ବ୍ରହ୍ମପୁର, (ସବ୍ୟୁ): ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏସ୍‌ଓଡିଏଲ୍) ଟାଟା ପାଓ୍ୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ତରଫରୁ ଦକ୍ଷିଣ ଓଡ଼ିଶାରେ ସୌର ଶକ୍ତିକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଲୋକଙ୍କୁ ସଚେତନ କରିବା ଏବଂ "ପିଏମ୍ ସୂର୍ଯ୍ୟ ଘର: ମୁଫ୍‌ତ ବିଜୁଳି ଯୋଜନା'କୁ ଅଧିକ ଲୋକଙ୍କ ପାଖରେ ପହଞ୍ଚାଇବା ଉଦ୍ଦେଶ୍ୟରେ "ସୋଲାର ରଥ'ର ଶୁଭାରମ୍ଭ କରାଯାଇଛି ।

ଗଞ୍ଜାମ ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ କାର୍ଯ୍ୟାଳୟରୁ ଏହି ସୋଲାର ରଥର ଶୁଭାରମ୍ଭ ହୋଇଛି । କୀର୍ତ୍ତି ଭାସନ୍ ଭି., ଗଞ୍ଜାମ ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ୍ ଆଇଏଏସ୍ ଏବଂ ଅମିତ କୁମାର ଗର୍ଗ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଟିପିଏସ୍‌ଓଡିଏଲ୍ ମିଳିତ ଭାବେ ସୋଲାର ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତ । ଏହି ଅବସରରେ ବରିଷ୍ଠ ଅଧିକାରୀ ଓ ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ । ଟିପିଏସ୍‌ଓଡିଏଲ୍ ଏହାର କାର୍ଯ୍ୟକ୍ଷେତ୍ରରେ ଛାତ ଉପରେ ସୋଲାର ପ୍ୟାନେଲ୍ ଲଗାଇବାକୁ ନିରନ୍ତର ଭାବେ ପ୍ରୋତ୍ସାହିତ କରୁଛି ।

ଦକ୍ଷିଣ ଓଡ଼ିଶାରେ ଏବେ ସୁଦ୍ଧା ପ୍ରାୟ ୩୩,୦୦୦ ସୌର ପ୍ୟାନେଲ ସ୍ଥାପନ ହୋଇଛି । ଛାତ ଉପରେ ସୋଲାର ପ୍ୟାନେଲ୍ ସ୍ଥାପନ ସମ୍ପର୍କରେ ଲୋକଙ୍କୁ ଅଧିକ ସଚେତନ କରିବା ପାଇଁ ଟିପିଏସ୍‌ଓଡିଏଲ୍ ପୂର୍ବରୁ ଘରକୁ ଘର ବୁଲି ସଚେତନତା ଅଭିଯାନ, ଗ୍ରାମ ପଞ୍ଚାୟତ ବୈଠକ, ବ୍ଲକ୍ ସ୍ତରୀୟ କାର୍ଯ୍ୟକ୍ରମ, ଷ୍ଟଲ୍ ଏବଂ ବିକାଶ ମେଳାରେ ଅଂଶଗ୍ରହଣ ଭଳି ବିଭିନ୍ନ ପଦକ୍ଷେପ ନେଇଛି ।

"ସୋଲାର ରଥ' ମାଧ୍ୟମରେ ଅଡିଓ ଜିଙ୍ଗଲ୍, ସୂଚନାପତ୍ର ଏବଂ ଅନ୍ୟାନ୍ୟ ସଚେତନତା ସାମଗ୍ରୀ ଜରିଆରେ "ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ମୁଫ୍‌ତ ବିଜୁଳି ଯୋଜନା, ଛାତ ଉପରେ ସୋଲାର ପ୍ୟାନେଲ୍ ଲଗାଇବାର ଲାଭ, ଯୋଗ୍ୟତା, ଆବେଦନ ପ୍ରକ୍ରିୟା, ସରକାରୀ ସବସିଡି ଏବଂ ଉପଲବ୍ଧ ଆର୍ଥିକ ସହାୟତା ସମ୍ପର୍କରେ ଲୋକଙ୍କୁ ସୂଚନା ଦିଆଯିବ । ଏ ସମ୍ପର୍କରେ ଅମିତ କୁମାର ଗର୍ଗ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଟିପିଏସ୍‌ଓଡିଏଲ୍ କହିଛନ୍ତି ସୋଲାର ରଥ ମାଧ୍ୟମରେ ଛାତ ଉପରେ ସୋଲାର ପ୍ୟାନେଲ୍ ଲଗାଇବା ସମ୍ପର୍କରେ ସୂଚନା ସିଧାସଳଖ ଲୋକଙ୍କ ପାଖରେ ପହଞ୍ଚାଇବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ।

"ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ମୁଫ୍‌ତ ବିଜୁଳି ଯୋଜନା' ସମ୍ପର୍କିତ ସୂଚନାକୁ ସରଳ ଭାବେ ଗ୍ରାହକଙ୍କ ପାଖରେ ପହଞ୍ଚାଇବା ଏବଂ ଏ ସମ୍ପର୍କିତ ସୂଚନା ଉପଲବ୍ଧ କରାଇବା ଆମର ମୁଖ୍ୟ ଲକ୍ଷ୍ୟ ।

# ମଣ୍ଡଳ କାରାଗାରରେ ବନ୍ଦୀଙ୍କ ଆତ୍ମହତ୍ୟା

ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ମଣ୍ଡଳ କାରାଗାରରେ ଜଣେ ବିଚାରାଧୀନ ବନ୍ଦୀ ଆତ୍ମହତ୍ୟା କରିଛନ୍ତି । ମୃତକ ଜଣଙ୍କ ସୁନୀଲ କୁମାର ସ୍ୱାଇଁ ଓରଫ ସାନ୍ତୁନୁ କୁମାର ପାତ୍ର (୨୯) । ସେ ବାଲେଶ୍ୱର ଖୁଣ୍ଟାର ମୂଳ ନିବାସୀ ଥିବା ବେଳେ ବରଗଡ଼ ଥାନା ଅନ୍ତର୍ଗତ ମାଣିକପୁରରେ ରହୁଥିଲେ । ଜେଲ୍ କର୍ତ୍ତୃପକ୍ଷ ସୁନୀଲ ସ୍ୱାଇଁଙ୍କୁ ଏମକେସିଜିରେ ଭର୍ତ୍ତି କରିଥିବା ବେଳେ ଡାକ୍ତର ତାଙ୍କର ମୃତ୍ୟୁ ଘୋଷଣା କରିଥିଲେ । ବୈଦ୍ୟନାଥପୁର୍ ଥାନା ପୋଲିସ ଏମକେସିଜି ମେଡିକାଲରୁ ମୃତ ଦେହ ଜବତ କରିଛି । ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି । ମୃତକଙ୍କ ପରିବାରକୁ ଏନେଇ ସୂଚନା ଦିଆଯାଇଛି ।

ପ୍ରକାଶ ଯେ, ସୁନୀଲ ଗତ ୨୦୨୫ ଅଗଷ୍ଟ ୧୯ ତାରିଖରେ ହତ୍ୟା ଓ ହତ୍ୟା ଉଦ୍ୟମ ମାମଲାରେ ବରଗଡ଼ ପୋଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ସେ ବ୍ରହ୍ମପୁର ମଣ୍ଡଳ କାରାଗାରରେ ବନ୍ଦୀ ଭାବେ ଥିବା ବେଳେ ଆଜି ଅପରାହ୍ନ ପ୍ରାୟ ୨ଟା ବେଳେ ଲାଟିନକୁ ପରିସ୍ରା ପାଇଁ ଯାଇଥିଲେ । ଦୀର୍ଘ ସମୟ ପର୍ଯ୍ୟନ୍ତ ନଫେରିବାରୁ ଓ୍ୱାର୍ଡେନ ଉକ୍ତ ଲାଟିନ ଭିତରକୁ ଯାଇ ଦେଖିବା ବେଳେ ସୁନୀଲ ନିଜ ବେକରେ ଗାମୁଛା ଲଗାଇ କାଠ ବିମରେ ଝୁଲି ଆତ୍ମହତ୍ୟା କରିଥିବା ଜାଣିବାକୁ ପାଇଥିଲେ । ସେ ଜେଲ୍ କର୍ତ୍ତୃପକ୍ଷ ଜଣାଇଥିଲେ । ସୁନୀଲ ବଞ୍ଚିଥିବା ଭାବି ତାଙ୍କୁ ଉଦ୍ଧାର କରି ଏମକେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ଡାକ୍ତର ଉକ୍ତ ବନ୍ଦୀଙ୍କୁ ମୃତ ଘୋଷଣା କରିଥିବା ଜଣାପଡ଼ିଛି ।

# ଶାରଦୀୟ ଦୁର୍ଗାପୂଜା ପାଇଁ ମାଟି ଅନୁକୂଳ

ଭଞ୍ଜନଗର, (ସବ୍ୟୁ) : ଆସୁଛନ୍ତି ଜଗତଜନନୀ ମା' ଦୁର୍ଗା । ଏଥିପାଇଁ ଦୁର୍ଗାପୂଜା କମିଟି ତତ୍ପର ହୋଇ ଉଠିଛନ୍ତି । ପୂଜା ମଣ୍ଡପ ଗୁଡ଼ିକରେ ମାଟି ଅନୁକୂଳ ନୀତି ସମାପନ ହୋଇଛି । ସହରର ଅନ୍ୟତମ ପୁରାତନ ଅନୁଷ୍ଠାନ ଭଞ୍ଜ ସାହିତ୍ୟ ପରିଷଦରେ ସାର୍ବଜନୀନ ଦୁର୍ଗାପୂଜା ନିମନ୍ତେ ଆଜି ମାଟିପୂଜା ସମାପନ ହୋଇଛି । ଏହି ଅନୁଷ୍ଠାନ ନିରବଚ୍ଛିନ୍ନ ଭାବେ ଦୀର୍ଘ ବର୍ଷ ଧରି ପୂଜା ଆୟୋଜନ କରିଆସୁଛି ।

ଚଳିତ ବର୍ଷ ୮୦ ବର୍ଷରେ ପଦାର୍ପଣ କରିଛି ଏହି ଅନୁଷ୍ଠାନର ପୂଜା । ଆଜି ପୂଜାରେ ଅନୁଷ୍ଠାନର ସଭାପତି ସୁଶାନ୍ତ ମହାପାତ୍ରଙ୍କ ପୌରହିତ୍ୟରେ ନଗରପାଳ ଗୋପବନ୍ଧୁ ମହାପାତ୍ର, ଉପଦେଷ୍ଟା ରାଜେନ୍ଦ୍ର ବିଶୋୟୀ, ଶିବରାମ ନାୟକ, ସୁଧୀର ରଞ୍ଜନ ବେହେରା, ଟୁନା ଜେନା, କାଳୀପ୍ରସାଦ ତ୍ରିପାଠୀ, କୋଷାଧ୍ୟକ୍ଷ ସୀମାଞ୍ଚଳ ପଟ୍ଟନାୟକ, ସମ୍ପାଦକ ପି.ହେମନ୍ତ ରାଓ, ପ୍ରଶ୍ନ ପାଢ଼ୀ, ଉପସଭାପତି ଅମୂଲ୍ୟ ସାହୁ, ଲୋକନାଥ କର, ଶରତ ମହାନ୍ତି, କେ. ଈଶ୍ୱର ରାଓ ଆଚାରୀ ଓ ସରୋଜ ପଟ୍ଟନାୟକ, ଆର୍ଶୀବାଦ ମହାନ୍ତି,ପ୍ରମୋଦ ଦଳବେହେରା, ସୁଶାନ୍ତ ସେଠୀ, ଶରତ ଚନ୍ଦ୍ର ବରାଡ଼, ଜ୍ଞାନ ମହାପାତ୍ର, ଆର ବୁଟୁଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ । ବୈଦିକ ପଣ୍ଡିତ ଉପେନ୍ଦ୍ର ମିଶ୍ର ପୂଜା କାର୍ଯ୍ୟ ସମାପନ କରିଥିଲେ । ଚଳିତବର୍ଷ ପୂଜାକୁ ଅଧିକ ଆକର୍ଷଣୀୟ କରିବା ନିମନ୍ତେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ପୂଜାକୁ ଟିକେ ଭିନ୍ନ ଧରଣର କରିବାକୁ କମିଟି ପକ୍ଷରୁ ଆଜି ଆଲୋଚନା ହୋଇଛି ।

# ଆଇଏସ୍‌ପିପିଡି ସମ୍ମିଳନୀରେ ସୂର୍ଯ୍ୟକାନ୍ତା ଜୀଉଙ୍କୁ ଶିକ୍ଷାଗତ ଉତ୍କର୍ଷ ସମ୍ମାନ

ବାରିପଦା, (ସବ୍ୟୁ) : ମୟୂରଭଞ୍ଜର ବରିଷ୍ଠ ସାମ୍ବାଦିକ ସୁକାନ୍ତ ଜୀଉଙ୍କ କନ୍ୟା ଡା. ସୂର୍ଯ୍ୟକାନ୍ତା ଜୀଉ ଶିଶୁ ଦନ୍ତ ଚିକିତ୍ସା ଓ ପ୍ରତିଷେଧମୂଳକ ଦନ୍ତ ଚିକିତ୍ସା କ୍ଷେତ୍ରରେ ଶିକ୍ଷାଗତ ଉତ୍କର୍ଷ ପାଇଁ ଜାତୀୟସ୍ତରୀୟ ସମ୍ମାନ ହାସଲ କରିଛନ୍ତି । ନୂଆଦିଲ୍ଲୀସ୍ଥିତ ଦ ଲୀଲା ହୋଟେଲ ଆଣ୍ଡ କନଭେନସନ ସେଣ୍ଟରରେ ଆୟୋଜିତ ୪୭ତମ ଆଇଏସ୍‌ପିପିଡି ସମ୍ମିଳନୀ- ୨୦୨୬ ଅବସରରେ ସେପେଟମ୍ବର ୨୨ରେ ଡା. ଜୀଉଙ୍କୁ ଜାତୀୟ ଶିକ୍ଷାଗତ ଉତ୍କର୍ଷ ସମ୍ମାନ ପ୍ରଦାନ କରାଯାଇଥିଲା ।




ଶିକ୍ଷା "ଓ' ଅନୁସନ୍ଧାନ ବିଶ୍ୱବିଦ୍ୟାଳୟରେ ଶିଶୁ ଦନ୍ତ ଚିକିତ୍ସା ଓ ପ୍ରତିଷେଧମୂଳକ ଦନ୍ତ ଚିକିତ୍ସାରେ ସର୍ବାଧିକ ନମ୍ବର ହାସଲ କରିଥିବାରୁ ତାଙ୍କୁ ଏହି ସମ୍ମାନ ପାଇଁ ଚୟନ କରାଯାଇଥିଲା । ସମ୍ମିଳନୀରେ ଭାରତୀୟ ଶିଶୁ ଓ ପ୍ରତିଷେଧମୂଳକ ଦନ୍ତ ଚିକିତ୍ସା ସମିତିର ସଭାପତି ଡା. ବାଲିଗା ଏବଂ ସଭାପତି-ନିର୍ବାଚିତ ଡା. ସୁଶାନ୍ତ ମହାନ୍ତିଙ୍କ ଉପସ୍ଥିତିରେ ଡା. ଜୀଉଙ୍କୁ ଏହି ସମ୍ମାନ ଦିଆଯାଇଥିଲା । ଏହି ସମ୍ମିଳନୀ ଆୟୋଜନରେ ନୂଆଦିଲ୍ଲୀ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନର ଡା. ବିଜୟ ମାଥୁର ଓ ଡା. ଜ୍ଞାନେନ୍ଦ୍ର ପ୍ରମୁଖ ଭୂମିକା ନିର୍ବାହ କରିଥିଲେ । ଡା. ସୂର୍ଯ୍ୟକାନ୍ତା ଜୀଉଙ୍କ ଏହି ସଫଳତା ପାଇଁ ଶିକ୍ଷକ, ସହକର୍ମୀ, ବନ୍ଧୁବର୍ଗ ଓ ଶୁଭେଚ୍ଛୁମାନେ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଜଣେ ଓଡ଼ିଆ ଦନ୍ତ ଚିକିତ୍ସକ ଭାବେ ଜାତୀୟସ୍ତରରେ ଏହି ସମ୍ମାନ ହାସଲ କରିବା ମୟୂରଭଞ୍ଜ ପାଇଁ ମଧ୍ୟ ଗୌରବର ବିଷୟ ବୋଲି ମତ ପ୍ରକାଶ ପାଇଛି ।

# ଦିନ ସାରା ଝିପିଝିପି ବର୍ଷା ଜନଜୀବନ ଅସ୍ତବ୍ୟସ୍ତ

ବୁଗୁଡା, (ସବ୍ୟୁ): ବଙ୍ଗୋପସାଗରରେ ସୃଷ୍ଟ ସମ୍ଭାବ୍ୟ ବାତ୍ୟା ଅର୍ଣ୍ଣବ ପ୍ରଭାବରେ ବର୍ଷା ଓ ପବନ ଦ୍ୱାରା ପରିବା ଫସଲ ହାନିର ଆଶଙ୍କା କରି ବୁଗୁଡା ଅଞ୍ଚଳର ଚାଷୀକୁଳ ଟିକେ ଆତଙ୍କିତ ହୋଇପଡିଥିବା ବେଳେ ଧାନ ବିଲରେ ପାଣି ଭର୍ତ୍ତି ହୋଇରହିଛି । ବାତ୍ୟା ପ୍ରଭାବରୁ ଆଜି ସକାଳୁ ହିଁ ମେଘୁଆ ପାଗ ସାଙ୍ଗକୁ ଝିପିଝିପି ବର୍ଷା ଅନବରତ ଲାଗି ରହିଥିବାରୁ ଜନ ଜୀବନ ଅସ୍ତବ୍ୟସ୍ତ ହୋଇପଡିଥିଲା ।

ପୂର୍ବରୁ ସରକାରୀ ଘୋଷଣା ପ୍ରକାରେ ସମସ୍ତ ଶିକ୍ଷାନୁଷ୍ଠାନ ୨୨ରୁ୨୪ ପର୍ଯ୍ୟନ୍ତ ଛୁଟି ରହିଥିବା ବେଳେ ତୁହାକୁତୁହା ବର୍ଷା ଯୋଗୁଁ ବିଭିନ୍ନ କାର୍ଯ୍ୟାଳୟ ସମେତ ବସଷ୍ଟାଣ୍ଡ ଓ ବଜାର ଆଦି ସ୍ଥାନରେ ଲୋକଙ୍କ ଗହଳି ଚହଳି ନାହିଁ କି ରାସ୍ତାଘାଟରେ ମଧ୍ୟ ବହୁଳ ଲୋକଙ୍କ ଯାତାୟାତ ଦେଖିବାକୁ ମିଳୁନାହିଁ ।

## ଅଶୋକ ନଗର୍ ୩୨ ଫୁଟ ଗଣେଶ ପୂଜାରେ

# ରକ୍ତଦାନ ଶିବିର, ୧୨୫୧ ୟୁନିଟ୍ ସଂଗ୍ରହ




ବ୍ରହ୍ମପୁର, (ସବ୍ୟୁ) : ଅଶୋକ ନଗର ଯୁବକ ସଂଘ ପକ୍ଷରୁ ଆୟୋଜିତ ଗଣେଶ ପୂଜା ଅବସରରେ ମେଗା ରକ୍ତଦାନ ଶିବିର ଆୟୋଜନ ହୋଇଛି ।

ଏହି କାର୍ଯ୍ୟକ୍ରମକୁ ବ୍ରହ୍ମପୁର ମହାନଗର ମେୟର ଶ୍ରୀମତୀ ସଂଘମିତ୍ରା ଦଳାଇ ଯୋଗଦେଇ ଉଦଘାଟନ କରିଥିବାବେଳେ ସମ୍ମାନିତ ଅତିଥି ଭାବେ ଡେପୁଟି ମେୟର ବିବେକ ରେଡ୍ଡୀ, ପୂର୍ବତନ ବିଧାୟକ ଡ଼ା ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ପୂର୍ବତନ ଓଡ଼ିଶା କାଜୁ ନିଗମ ଅଧ୍ୟକ୍ଷ ସୁବାସ ମହାରଣା, ବରିଷ୍ଠ ବିଜେଡି ନେତା ଭୀମସେନ ଦଳେଇଙ୍କ ସମେତ କମିଟି ସଭାପତି ତଥା ୩୨ ନଂ ୱାର୍ଡ କର୍ପୋରେଟର ସୁରେନ୍ଦ୍ର ମହାରଣା ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ଏହି ଅବସରରେ ବରିଷ୍ଠ ସାମ୍ବାଦିକ ଶକ୍ତିଧର ରାଜଗୁରୁ, ସୁଦୀପ ସାହୁ, ବିକ୍ରମ ଜେନା, ସୂରଜ ମହାରଣା ଓ ସମସ୍ତ କମିଟି ସଦସ୍ୟ ଉପସ୍ଥିତ ରହିଥିଲେ । ବର୍ଷା ସେ%୦ ମଧ୍ୟ ଯୁବଗୋଷ୍ଠୀଙ୍କ ଉତ୍ସାହରେ ରକ୍ତଦାନ ଶିବିର ଚାଲିଥିବାବେଳେ ଏହି ଶିବିରର ସର୍ବମୋଟ ୧୨୫୧ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିବା ମୁଖ୍ୟ ଆୟୋଜକ ଏ. ସନ୍ତୋଷ ପାତ୍ର ସୂଚନା ଦେଇଛନ୍ତି ।

## ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ପ୍ରତିରକ୍ଷା କର୍ମଚାରୀଙ୍କ ପାଇଁ

# ବିଷୟଗତ ଦକ୍ଷତା ବୃଦ୍ଧି ଓ ମୂଲ୍ୟାୟନ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ବାରିପଦା, (ସବ୍ୟୁ) : ପ୍ରତିରକ୍ଷା ବାହିନୀର ସେବାରତ ଓ ପୂର୍ବତନ କର୍ମଚାରୀଙ୍କ ଶିକ୍ଷାଗତ ଉନ୍ନତି, ଦକ୍ଷତା ବିକାଶ ଏବଂ ଦ୍ୱିତୀୟ କ୍ୟାରିୟରର ସୁଯୋଗକୁ ସୁଦୃଢ଼ କରିବା ଲକ୍ଷ୍ୟରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ବାରିପଦା ପକ୍ଷରୁ କେନ୍ଦ୍ରୀୟ ସୈନିକ ବୋର୍ଡ ସହଯୋଗରେ ପଶ୍ଚିମବଙ୍ଗ ରାଜ୍ୟ ସୈନିକ ବୋର୍ଡର ପ୍ରତିରକ୍ଷା କାର୍ଯ୍ୟକ୍ରମର ପ୍ରଥମ ବ୍ୟାଚ୍ ପାଇଁ ବିଷୟଗତ ଦକ୍ଷତା ବୃଦ୍ଧି ଓ ମୂଲ୍ୟାୟନ କାର୍ଯ୍ୟକ୍ରମ (ଏସ୍.ପି.ଇ.ଏ.ପି) ଉଦଘାଟିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ମହେନ୍ଦ୍ର କୁମାର ମହାନ୍ତି ଯୋଗଦେଇ ନିଜ ବକ୍ତବ୍ୟରେ ପ୍ରତିରକ୍ଷା କର୍ମଚାରୀଙ୍କ ସାମରିକ ଅଭିଜ୍ଞତା, ନେତୃତ୍ୱ ଓ ବୃତ୍ତିଗତ ଦକ୍ଷତାକୁ ଔପଚାରିକ ଉଚ୍ଚଶିକ୍ଷା ସହ ସଂଯୋଗ କରି ସେମାନଙ୍କୁ ବେସାମରିକ ନିଯୁକ୍ତି, କର୍ପୋରେଟ୍ ନେତୃତ୍ୱ, ଉଦ୍ୟୋଗିତା ଓ ଅନ୍ୟାନ୍ୟ ଦ୍ୱିତୀୟ କ୍ୟାରିୟର ପାଇଁ ପ୍ରସ୍ତୁତ କରିବା ପାଇଁ ବିଶ୍ୱବିଦ୍ୟାଳୟର ପ୍ରତିବଦ୍ଧତା ପ୍ରକାଶ କରିବା ସହ ଏହାକୁ ବିଶ୍ୱବିଦ୍ୟାଳୟର ସେଣ୍ଟର ଫର ଡିଫେନ୍‌ସ ଷ୍ଟଡ଼ିଜ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷାଗତ ପଦକ୍ଷେପ ବୋଲି ଅଭିହିତ କରିଥିଲେ ।

ଏହି କାର୍ଯ୍ୟକ୍ରମ ପ୍ରତିରକ୍ଷା କର୍ମଚାରୀଙ୍କ ଉଚ୍ଚଶିକ୍ଷା, ଦକ୍ଷତା ବିକାଶ, ପୁନଃଦକ୍ଷତା ଅର୍ଜନ, ଉଦ୍ୟୋଗିତା ଓ ଆଜୀବନ ଶିକ୍ଷା ପାଇଁ ଏକ ସୁଯୋଗ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛି ବୋଲି ସେ କହିଥିଲେ । ସମ୍ମାନିତ ଅତିଥି ଭାବେ ପୂର୍ବାଞ୍ଚଳ ପୁନର୍ବାସ ନିର୍ଦ୍ଦେଶାଳୟ ଅତିରିକ୍ତ ଡିଜି ବ୍ରିଗେଡିୟର ସୌମ୍ୟ ବାନାର୍ଜୀ ଯୋଗଦେଇ ନିଜ ବକ୍ତବ୍ୟରେ ପୂର୍ବତନ ସୈନିକମାନଙ୍କ ପାଇଁ ସମ୍ମାନଜନକ ଓ ଅର୍ଥପୂର୍ଣ୍ଣ ଦ୍ୱିତୀୟ କ୍ୟାରିୟର ସୁଯୋଗର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ରାଜେଶ କୁମାର ସିଂହ ଏବଂ ପରୀକ୍ଷା ଉପନିୟନ୍ତ୍ରକ ରମାକାନ୍ତ ମହାନ୍ତ ମଞ୍ଚାସୀନ ଥିଲେ । ବିଶ୍ୱବିଦ୍ୟାଳୟର ପ୍ରପ୍ରେସର ଅଫ୍ ପ୍ରାକଫିସ୍ ଡଃ ଉଜ୍ଜ୍ୱଳ କୁମାର ଘଟକ ପୂର୍ବତନ ସୈନିକମାନଙ୍କ ଶିକ୍ଷାଗତ ଓ ବୃତ୍ତିଗତ ସଶକ୍ତୀକରଣ ସମ୍ପର୍କରେ ନିଜର ଅଭିଜ୍ଞତା ଓ ମତାମତ ରଖିଥିଲେ । ଶେଷରେ କମ୍ପ୍ୟୁଟର ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଡଃ ଶାନ୍ତି ସ୍ୱରୂପ ବସା ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ସେବାରତ ଓ ପୂର୍ବତନ ପ୍ରତିରକ୍ଷା କର୍ମଚାରୀଙ୍କ ପ୍ରଥମ ବ୍ୟାଚ୍‌କୁ ସ୍ୱାଗତ କରାଯାଇଥିଲା । କାର୍ଯ୍ୟକ୍ରମର ଶିକ୍ଷାଗତ ଓରିଏଣ୍ଟେସନ୍ ପର୍ଯ୍ୟାୟକୁ ଦୂର ଓ ଅନ୍‌ଲାଇନ ଶିକ୍ଷା କେନ୍ଦ୍ରର ଇଂରାଜୀ ବିଭାଗର ସହକାରୀ ଅଧ୍ୟାପିକା ଅଭିପ୍ସା ପଟ୍ଟନାୟକ ପରିଚାଳନା କରିଥିବାବେଳେ, ବିଶ୍ୱବିଦ୍ୟାଳୟର ସାମରିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ନୋଡାଲ ଅଧିକାରୀ ପ୍ରଫେସର ସୁକାନ୍ତ କୁମାର ନାୟକଙ୍କ ପକ୍ଷରୁ ବ୍ୟବସାୟ ପ୍ରଶାସନ ବିଭାଗର ସହକାରୀ ପ୍ରାଧାପକ ଡଃ ସୀତାରାମ ଦାସ ସ୍ୱାଗତ ଓ ପ୍ରାରମ୍ଭିକ ଅଭିଭାଷଣ ରଖିଥିଲେ ।

ପରେ କମ୍ପ୍ୟୁଟର ବିଜ୍ଞାନ ବିଭାଗର ଡଃ ଶାନ୍ତି ସ୍ୱରୂପ ବସା, ରାଜନୀତି ବିଜ୍ଞାନ ବିଭାଗର ଡଃ ଧନଞ୍ଜୟ ନାୟକ ଏବଂ ବ୍ୟବସାୟ ପ୍ରଶାସନ ବିଭାଗର ବିବେକ ଦାସ ପ୍ରଥମ ବ୍ୟାଚ୍ ପାଇଁ ବିଷୟଭିତ୍ତିକ ପାଠ୍ୟ ମଡ୍ୟୁଲ୍ ସମ୍ପର୍କରେ ବିସ୍ତୃତ ଧାରଣା ଦେଇଥିଲେ । ଉଦଘାଟନୀ କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ବିଭିନ୍ନ ଅଧ୍ୟାପକ ଅଧ୍ୟାପିକା ଓ ଅଣଶିକ୍ଷକ କର୍ମଚାରୀ ଯୋଗଦେଇଥିଲେ ।

## ବୁଗୁଡ଼ା ପୋଲିସ ପଞ୍ଝାରେ ଛେଳି ଚୋର ଗ୍ୟାଙ୍ଗ୍

# ୩ ଗିରଫ, ୧୪ଟି ଛେଳି ଉଦ୍ଧାର

ବୁଗୁଡା, (ସବ୍ୟୁ) : ବୁଗୁଡ଼ା ଥାନା ଅଞ୍ଚଳରେ ଛେଳି ଚୋର ଗ୍ୟାଙ୍ଗ ସକ୍ରିୟ ରହି ଅନେକ ସ୍ଥାନରୁ ଛେଳି ଚୋରି କରି ଛେଳି ପାଳକଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି କରିଥିଲା ବେଳେ ଆଜି ସେହି ଗ୍ୟାଙ୍ଗର ୩ ଜଣଙ୍କୁ ପୋଲିସ ଗିରଫ କରିବା ସହ ସେମାନଙ୍କଠାରୁ ଏକ ଡାଲା ଅଟୋ ଏବଂ ୧୪ଟି ଛେଳିକୁ ଜବତ କରିଥିବା ଜଣାଯାଇଛି । ଗିରଫ ତିନିହେଁ ହେଲେ ଆସ୍କା ଥାନା ଅନ୍ତର୍ଗତ କାମାଗଡା ଗ୍ରାମର ପ୍ରକାଶ ପାତ୍ର (୫୦), ବୁଗୁଡ଼ା ଥାନା ଅଧୀନସ୍ଥ ନିମପଦର ଗାଁ ନୂଆସାହିର ସୁଶାନ୍ତ ସାହୁ(୩୩) ଓ ଶିବରାମ ଘଡେଇ(୩୦) ।

ଏ ନେଇ ବୁଗୁଡା ଥାନାରେ କେସ୍ ନଂ ୪୬୧/୨୬ରେ ଏକ ମାମଲା ରୁଜୁ ହୋଇଥିବା ପୋଲିସ ପ୍ରକାଶ କରିଛି । ପ୍ରକାଶ ଯେ, ବୁଗୁଡ଼ା ଅଞ୍ଚଳରେ ଘନ ଘନ ଛେଳି ଚୋରି ଘଟଣା ପୋଲିସର ମୁଣ୍ଡବିନ୍ଧାର କାରଣ ପାଲଟିଥିଲା ବେଳେ ଏବେ ଭଞ୍ଜନଗର ଉପଖଣ୍ଡ ଆରକ୍ଷୀ ଅଧିକାରୀ ଡ.ଦୀପକ କୁମାର ମିଶ୍ରଙ୍କ ନିର୍ଦ୍ଦେଶ କ୍ରମେ ଛେଳି ଚୋର ଗ୍ୟାଙ୍ଗକୁ ଚିହ୍ନଟ ନିମନ୍ତେ ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା । ଏହି ଟିମ୍ କୌଣସି ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଛେଳି ଚୋର ଗ୍ୟାଙ୍ଗର ତିନି ଜଣ ଚୋରଙ୍କୁ କାବୁ କରିବାରେ ସଫଳ ହୋଇଛନ୍ତି । ବାଲିପଦର ଫାଣ୍ଡି ଅଧିକାରୀ କେ.ନିଳାଦ୍ରୀ ରେଡିଙ୍କ ନେତୃତ୍ୱରେ ଗଠିତ ଏହି ପୋଲିସ ଦଳରେ ବୁଗୁଡା ଏସ୍‌ଆଇ ଜ୍ୟୋତିଶ୍ରୀ ସାହୁ ଓ ଅଜୟ ମଲ୍ଲିକଙ୍କ ସମେତ ଏଏସଆଇ ସୁମନ୍ତ କୁମାର ବେହେରା ଓ ଉପେନ୍ଦ୍ର କ୍ରାସକା , ଓଏପିଏଫ୍ ଲୋକନାଥ ନାୟକ, କନଷ୍ଟେବଲ ଉମେଶ କୁମାର ଗୌଡ, ହୋମଗାର୍ଡ ଉତ୍ତମ କୁମାର ସ୍ୱାଇଁ ଓ ଚନ୍ଦନ ନାୟକ ପ୍ରମୁଖ ସାମିଲ ରହିଥିଲେ । ତେବେ ଗିରଫ ଛେଳି ଚୋର ତିନିହେଁଙ୍କୁ ଆସନ୍ତାକାଲି କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି । ପ୍ରକାଶ ଯୋଗ୍ୟ ଯେ, ପୂର୍ବରୁ ବୁଗୁଡ଼ା ଥାନା ଅଞ୍ଚଳରେ ଛେଳି ଚୋରି ଘଟଣା ଅନେକ ଥର ଘଟିଥିଲା ବେଳେ ଚଳିତ ମାସ ୧୫ ତାରିଖ ବିଳମ୍ବିତ ରାତିରେ ଭୋଗଡା ଗ୍ରାମର କୃଷ୍ଣଚନ୍ଦ୍ର ଗୌଡଙ୍କ ୭୦ଟି ଛେଳି ଓ ୧୦ଟି ମେଣ୍ଢା ଚୋରି ହୋଇଥିବା ଅଭିଯୋଗ ହୋଇଥିଲା । ଏହା ପୂର୍ବରୁ ଗତ ମାର୍ଚ୍ଚ ମାସରେ ବି.ବ୍ରହ୍ମପୁର ଗାଁର ବନା ଗୌଡଙ୍କ ୩୨ଟି ଛେଳି ଏବଂ ଡାକରଡା ଗାଁର ନାୟକଙ୍କ ୭ଟି ଛେଳି ଚୋରି ହୋଇଥିଲା । ତେବେ ଏହି ଛେଳି ଚୋର ଗ୍ୟାଙ୍ଗର ତିନି ଜଣ ଚୋର ପୋଲିସ ଫାଶରେ ପଡିଥିବା ବେଳେ ଏ ଦିଗରେ ଅଧିକ ତଦନ୍ତ ଜାରି ରହିଥିବା ଜଣାଯାଇଛି ।

# ସାହାଣୀ କପ ଫୁଟବଲ ଚାମ୍ପିଅନସିପ ପାଇଁ ମୟୂରଭଞ୍ଜ ଦଳ ଘୋଷିତ

ବାରିପଦା, (ସବ୍ୟୁ) : ଓଡିଶା ଫୁଟବଲ ଏସୋସିଏସନ ଆନୁକୂଲ୍ୟରେ ଆୟୋଜିତ ବରିଷ୍ଠ ଆନ୍ତଃ ଜିଲ୍ଲା ଫୁଟବଲ ଚମ୍ପିୟାନସିପ "ସାହାଣୀ' କପରେ ଅଂଶଗ୍ରହଣ କରିବା ପାଇଁ ମୟୂରଭଞ୍ଜର ୨୦ଜଣିଆ ଦଳ ଘୋଷିତ ହୋଇଯାଇଛି ।

ସୁନ୍ଦରଗଡ଼ ଠାରେ ଅନୁଷ୍ଠିତ ହେବାକୁ ଥିବା ଏହି ଚମ୍ପିୟାନସିପରେ ମୟୂରଭଞ୍ଜ ଦଳର ଅଧିନାୟକ ରାଇସେନ ଟୁଡୁଙ୍କ ସମେତ ବାଗରାଇ ହେମ୍ବ୍ରମ, ଜୀବନ ବାସ୍କେ, ବିକ୍ରମ ହାଁସଦାଃ, ଶୁଶିଲ ହେମ୍ବ୍ରମ, ଆୟୁଷ ବେସାନ, ଆଲୋକ ମୁର୍ମୁ, ରାମଚନ୍ଦ୍ର ବେସ୍ରା, ବାପୁନ ମାର୍ଣ୍ଡି, ବିଶ୍ୱଜିତ



ହେମ୍ବ୍ରମ, ଜଗନ୍ନାଥ କିସ୍କୁ, ମାନଚିତ୍ର ମାର୍ଣ୍ଡି, ବଳଭଦ୍ର ସିଂ, ସୁନାରାମ ମୁର୍ମୁ, ବିକାଶ ନାଏକ, ରଘୁନାଥ ସୋରେନ, ଗଣେଶ ସୋରେନ, ମହେଶ କୁମାର ହୋନାଗା, ବାବୁଲି ନାଏକ ଓ ସୁମନ୍ତ କୁମାର ମାର୍ଣ୍ଡି ସାମିଲ ଥିବାବେଳେ କୋଚ୍ ଭାବେ ଜିତୁରାମ ଟୁଡୁ ଓ ମ୍ୟାନେଜର ଭାବେ ମାସଙ୍ଗ ଟୁଡୁ ଦଳ ସହିତ ଗସ୍ତ କରିଛନ୍ତି। ମୟୂରଭଞ୍ଜ ଏଥଲେଟିକ ଏସୋସିଏସନର ଉପସଭାପତି ବିବେକାନନ୍ଦ ପଟ୍ଟନାୟକ, ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, କୋଷାଧକ୍ଷ୍ୟ ଅମିତାଭ ଦାସ, ଫୁଟବଲ ସମ୍ପାଦକ ଅମର କୁମାର ସେଠି, ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ, ସହ ସମ୍ପାଦକ ବୈଦ୍ୟନାଥ ରଥ ଓ ଅମ୍ବିକା ରାଉତ, ବରିଷ୍ଠ ସଦସ୍ୟ ବିଜୟ କୁମାର ଦାସ (ମଣ୍ଟୁ ଦା), ନନ୍ଦଲାଲ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିବା ସହ ସଫଳତା କାମନା କରିଥିଲେ।

# ଏନ୍‌ଟିପିସି କ୍ଷତିଗ୍ରସ୍ତ ଗାଁର ସମସ୍ୟା ନେଇ ରାଜସ୍ୱ ମନ୍ତ୍ରୀଙ୍କୁ ଭେଟିଲେ ବିଧାୟକ

କଣିହାଁ, (ସବ୍ୟୁ): ଭୁବନେଶ୍ୱର ଠାରେ ଆଜି ଓଡ଼ିଶା ସରକାରଙ୍କ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ବିଧାନସଭା କକ୍ଷରେ ଭେଟି କଣିହାଁ ଏନଟିପିସି ପ୍ରକଳ୍ପ ଯୋଗୁଁ ପ୍ରଭାବିତ ଓ କ୍ଷତିଗ୍ରସ୍ତ ହୋଇଥିବା ଗ୍ରାମଗୁଡ଼ିକର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି ପାଲଲହଡ଼ା ବିଧାୟକ ତଥା ଅନୁଗୋଳ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଅଶୋକ ମହାନ୍ତି ।



ବିଧାୟକ ଶ୍ରୀ ମହାନ୍ତି ବିଶେଷ କରି ୧୯୮୮ ମସିହାରେ ଏନଟିପିସି କଣିହାଁ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ସମୟରେ ନିଜର ଜମି ହରାଇଥିବା ପ୍ରଜାମାନଙ୍କ ସମସ୍ୟାକୁ ରାଜସ୍ୱ ମନ୍ତ୍ରୀଙ୍କ ଦୃଷ୍ଟିକୁ ଆଣିଥିଲେ । ଦୀର୍ଘ ବର୍ଷ ଧରି ଜମି ଅଧିଗ୍ରହଣ ଯୋଗୁଁ ପ୍ରଭାବିତ ହୋଇଥିବା ଏହି ଜମିହରା ପ୍ରଜାମାନଙ୍କୁ (ଏସଏପି)ରେ ଅନ୍ତର୍ଭୁକ୍ତ କରିବା ନେଇ ସେ ମନ୍ତ୍ରୀଙ୍କ ନିକଟରେ ଦାବି ରଖିଥିଲେ । ପ୍ରକଳ୍ପ ପାଇଁ ୧୯୮୮ ମସିହାରେ ଜମି ଅଧିଗ୍ରହଣ ହୋଇଥିବା ସତ୍ତ୍ୱେ ସମ୍ପୃକ୍ତ ଅନେକ ଜମିହରା ପ୍ରଜା ଆଜି ମଧ୍ୟ ନିଜର ଅଧିକାର ଓ ନ୍ୟାୟସଙ୍ଗତ ସୁବିଧାରୁ ବଞ୍ଚିତ ଥିବା ଅଭିଯୋଗ ରହିଛି । ଏହି ପରିବାର ଗୁଡ଼ିକର ଦୀର୍ଘଦିନର ସମସ୍ୟାର ସମାଧାନ କରି ସେମାନଙ୍କୁ ଏସଏପି ଅନ୍ତର୍ଭୁକ୍ତ କରାଗଲେ ପ୍ରଭାବିତ ପରିବାରମାନେ ନ୍ୟାୟ ପାଇପାରିବେ ବୋଲି ସେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ । ଏହି ଅବସରରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ବିଧାୟକଙ୍କ ଦ୍ୱାରା ଉଠାଯାଇଥିବା ବିଷୟକୁ ଗୁରୁତ୍ୱର ସହ ଗ୍ରହଣ କରି ୧୯୮୮ ମସିହାରେ ଏନଟିପିସି ପ୍ରକଳ୍ପ ପାଇଁ ହୋଇଥିବା ଜମି ଅଧିଗ୍ରହଣ ସମ୍ପର୍କିତ ସମସ୍ତ ଖାତା, ରେକର୍ଡ ଓ ଚିଠିପତ୍ର ଯାଞ୍ଚ କରିବା ସହିତ ମାମଲାର ବିସ୍ତୃତ ତଥ୍ୟ ଅନୁଧ୍ୟାନ କରି ଅନୁଗୋଳ ଜିଲ୍ଲାପାଳଙ୍କ ସହ ଫୋନ ଯୋଗେ ବିସ୍ତୃତ ଆଲୋଚନା କରିଥିଲେ । ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି । କଣିହାଁ ଅଞ୍ଚଳର ଜମିହରା ଓ ପ୍ରକଳ୍ପ କ୍ଷତିଗ୍ରସ୍ତ ପରିବାରଙ୍କ ଦୀର୍ଘଦିନର ସମସ୍ୟାକୁ ସରକାରଙ୍କ ନଜରକୁ ଆଣି ଏହାର ସମାଧାନ ପାଇଁ ବିଧାୟକଙ୍କ ଉଦ୍ୟମକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଆଶା ସୃଷ୍ଟି ହୋଇଛି ।

## ଘଣ୍ଟପଡ଼ା ପଞ୍ଚାୟତରେ ନୂତନ ରେଳ ଲାଇନକୁ ବିରୋଧ
# ଜନଶୁଣାଣିରେ କ୍ଷୁବ୍ଧ ହେଲେ ଗ୍ରାମବାସୀ

ତାଳଚେର, (ସବ୍ୟୁ) : ଘଣ୍ଟପଡ଼ା ଗ୍ରାମର ଧଣ୍ଡପତା ଛକ ଠାରେ ଓଡ଼ିଶା ସରକାରଙ୍କ ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ରେଲୱେ ଅଧିକାରୀ, ଘଂଟପଡ଼ା ଗ୍ରାମ୍ୟ କମିଟି, ସରପଂଚ, ସମିତିସଭ୍ୟ, ଜିଲ୍ଲାପରିଷଦ ସଦସ୍ୟ ଏବଂ ଗ୍ରାମବାସୀଙ୍କ ଉପସ୍ଥିତିରେ ନୂତନ ରେଳପଥ ପ୍ରକଳ୍ପର "ୱାଇ' ସଂଯୋଗୀକରଣ ନିମନ୍ତେ ଏକ ଗୁରୁତ୍ୱପୂର୍ଣ୍ଣ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଜନଶୁଣାଣୀରେ ଗ୍ରାମବାସୀ ଓ ପଂଚାୟତ ତରଫରୁ ସର୍ବସମ୍ମତିକ୍ରମେ ପଂଚାୟତର ସୀମା ମଧ୍ୟରେ କୌଣସି ନୂତନ ରେଲୱେ ପ୍ରକଳ୍ପ କରାଇ ଦିଆଯିବ ନାହିଁ ବୋଲି ପ୍ରକାଶ କରିବା ସହ ଏହାକୁ ତିବ୍ର ବିରୋଧ କରିଥିଲେ । ପୂର୍ବରୁ ଘଂଟପଡ଼ା ଗ୍ରାମ ଚତୁର୍ପାର୍ଶ୍ୱରେ ରେଳପଥ ଏବଂ ଫାଟକ ନିର୍ମାଣ ହେବାକୁ ଯୋଗୁଁ ଗ୍ରାମାବସୀମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏଭଳି ସ୍ଥିତିରେ ପୁନଶ୍ଚ ଗ୍ରାମର ଜୀବନ ରେଖା କୁହାଯାଉଥିବା ଚାଟେଲି ବନ୍ଧ ମଧ୍ୟ ଦେଇ ଏହି "ୱାଇ' ସଂଯୋଗିକରଣ କରାଗଲେ ୪-୫ଟି ରାସ୍ତା ଅବରୋଧ ହେବା ସହ ଦୈନିକ ଯାତାୟତରେ ବାଧାପ୍ରାପ୍ତ ହେବ ବୋଲି ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି । ଏହା ସହିତ ଭବିଷ୍ୟତରେ କୃଷି କ୍ଷେତ୍ରରେ ବାଧାପ୍ରାପ୍ତ ହେବା ସହିତ ଗ୍ରାମର ଶତାଧିକ ପୁରୁଷ, ମହିଳା ସେହି ପୋଖରୀ ଉପରେ ନିର୍ଭର କରୁଥିବାରୁ ଯଦି ରେଳପଥ ନିର୍ମାଣ କରାଯାଏ, ତେବେ ସେମାନେ ପୋଖରୀକୁ ହରାଇବେ ଏବଂ ସେମାନଙ୍କ ନିତ୍ୟକର୍ମରେ ବାଧାପ୍ରାପ୍ତ ହେବ ।

ଏପରିକି ମତ୍ସ୍ୟଚାଷ ଏବଂ ଅନ୍ୟାନ୍ୟ ନିତ୍ୟ ବ୍ୟବହାର କାର୍ଯ୍ୟପାଇଁ ଜଳସଙ୍କଟ ଦେଖାଦେବ । ପୂର୍ବରୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ପ୍ରକଳ୍ପ ପାଇଁ ଗ୍ରାମବାସୀମାନେ ୮ଶହ ଏକରରୁ ଉର୍ଦ୍ଧ୍ୱର୍ ଜମି ହରାଇଛନ୍ତି । ତେଣୁ ଗ୍ରାମର ସୁରକ୍ଷା ଏବଂ ସମସ୍ୟାକୁ ଦୃଷ୍ଟିରେ ରଖି ଏହି ନୂତନ ପ୍ରକଳ୍ପକୁ ଗ୍ରାମର ସୀମା ବାହାର ଦେଇ ନେବାକୁ ଦୃଢ ଦାବି କରିଥିବା ପୂର୍ବତନ ସରପଂଚ ଏହା ପ୍ରକାଶ କରିଛନ୍ତି ।

## ଦୁଇ ୱାରେଣ୍ଟି ଗିରଫ

ରେଙ୍ଗାଳି, (ସବ୍ୟୁ) : ରେଙ୍ଗାଳି ଥାନା ୨୦୨୦ ମସିହାର କେସରେ ଅଭିଯୁକ୍ତ ମାଗୁଣି ସାହୁ (୪୬) ଓ ପ୍ରତାପ ହେନ୍ତାଳ (୩୯)କୁ ପୋଲିସ ଆଜି ଗିରଫ କରି ଥିବା ପୋଲିସ ସୂତ୍ରରୁ ପ୍ରକାଶ । ପାଞ୍ଚ ବର୍ଷ ବର୍ଷ ପୂର୍ବରୁ ରେଙ୍ଗାଳି ଥାନା ପୋଡାଗଡ଼ ଗାଁ ଅଞ୍ଚଳରେ ବନ୍ୟଜନ୍ତୁ ଶିକାର କରିଥିବା ନେଇ ବନ ବିଭାଗ ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା । ରେଙ୍ଗାଳି ପୋଲିସ ଆଜି ଫେରାର ମାଗୁଣି ସାହୁ ଓ ପ୍ରତାପ ହେନ୍ତାଳକୁ ଡାକ୍ତରୀ ପରୀକ୍ଷା ପରେ ଗିରଫ କରି କୋର୍ଟ ଚାଲାଣ କରିଥିବା ନେଇ ଆଇଆଇସି ଚଞ୍ଚଳା ନାୟକ ପ୍ରକାଶ କରିଛନ୍ତି ।

## ପୋଖରୀରୁ ଯୁବକଙ୍କ ମୃତଦେହ ଉଦ୍ଧାର

ଆଠମଲ୍ଲିକ, (ସବ୍ୟୁ) : ଆଠମଲ୍ଲିକ ବ୍ଲକ ମାଧପୁର ଗ୍ରାମପଞ୍ଚାୟତ ଅନ୍ତର୍ଗତ ବନ୍ଧୁପାଲି ଗ୍ରାମରେ ବନ୍ଧରେ ବୁଡ଼ି ଜଣେ ୧୯ ବର୍ଷୀୟ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ସୋନପୁର ଜିଲ୍ଲା ସୁବଳୟା ଥାନା ଯୁବରାଜପୁର ଗ୍ରାମର ଶ୍ୟାମସୁନ୍ଦର ପ୍ରଧାନଙ୍କ ପୁଅ ଶୁଭମ ପ୍ରଧାନ । ଶୁଭମ ବନ୍ଧୁପାଲି ଗ୍ରାମରେ ମାମୁଁ ଘରେ ରହି ବରଗଡ଼ରେ ପାଠ ପଢୁଥିଲେ । ନୂଆଖାଇ ଛୁଟି ଥିବାରୁ ସେ ମାମୁଁ ଘରକୁ ଆସିଥିଲେ । ସୋମବାର ଭୋର ପ୍ରାୟ ୪ଟାରେ ସେ ଘରୁ ବାହାରି ଯାଇଥିଲେ । ହେଲେ ଦୀର୍ଘ ସମୟ ପରେ ମଧ୍ୟ ଘରକୁ ନଫେରିବାରୁ ପରିବାର ଲୋକେ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ । ହେଲେ ତାଙ୍କର କୌଣସି ସନ୍ଧାନ ମିଳିନଥିଲା । ମଙ୍ଗଳବାର ସକାଳେ ପାର୍ବତୀ ଢାବା ନିକଟ ତିତିରିକଟା ବନ୍ଧରେ ଜଣେ ଯୁବକଙ୍କ ମୃତଦେହ ଭାସୁଥିବା ଖବର ମିଳିଥିଲା । ଖବର ପାଇ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ମୃତଦେହଟି ଶୁଭମଙ୍କର ବୋଲି ଚିହ୍ନଟ କରିଥିଲେ । ଏନେଇ ସୂଚନା ପାଇ ଆଠମଲ୍ଲିକ ଥାନା ଆଇଆଇସି ପି. ସ୍ୱରୂପ କିସାନଙ୍କ ନେତୃତ୍ୱରେ ପୁଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା । ପରେ ଦମକଳ ବାହିନୀକୁ ଖବର ଦିଆଯିବାରୁ ଆଠମଲ୍ଲିକରୁ ଦମକଳ ବାହିନୀ ପହଞ୍ଚି ବନ୍ଧରୁ ମୃତଦେହ ଉଦ୍ଧାର କରିଥିଲା ।

## ଦୁଇ ବାଇକ ମୁହାଁମୁହିଁ : ବିଟେକ୍ ଛାତ୍ରଙ୍କ ସହିତ ୨ ଗୁରୁତର

ପରଜଙ୍ଗ, (ସବ୍ୟୁ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ଦଦରାଘାଟି ଫାଣ୍ଡି ରାଣାସ୍ୱଞ୍ଜି ନିକଟରେ ଦୁଇଟି ମୋଟର ସାଇକେଲ ମୁହାଁମୁହିଁ ଧକ୍କା ହେବାରୁ ୩ ଯୁବକ ଆହତ ହୋଇ ଚିକିତ୍ସିତ ହେଉଥିବାର ଜଣାପଡିଛି । ପରଜଙ୍ଗ ଥାନା ଅଧୀନରେ ଥିବା ଦଦରା ଘାଟି ଫାଣ୍ଡି ଅଧିନରେ ଥିବା ରାଣାସ୍ୱଞ୍ଜି ଆଇରନ କାରଖାନାର ନିକଟରେ ୧୪୯ ନଂ ଜାତୀୟ ରାଜପଥ ଉପରେ ଥିବା ଗମ୍ଭାରିଆନାଳ ବ୍ରିଜ୍ ପାଖରେ ଦୁଇଟି ବାଇକ୍ ମୁହାଁମୁହିଁ ଧକ୍କା ହୋଇ ୩ ଜଣ ଯୁବକ ଆହତ ହୋଇଛନ୍ତି । ସରାଙ୍ଗ ଇଞ୍ଜିନିୟରିଂ କଲେଜରେ ବି.ଟେ.କ ପଢୁଥିବା ବଶୋଇ ଗ୍ରାମର ପ୍ରତାପ ଖିଲାରଙ୍କ ପୁଅ ରିଙ୍କୁ ଖିଲାର (୧୯) ଏବଂ ତାର ସାଙ୍ଗ ଧର୍ମାନନ୍ଦ ବିଶ୍ୱାଳଙ୍କ ପୁଅ ଅଂଶୁମାନ ବିଶ୍ୱାଳ ଏକ ପଲ୍‌ସର ମୋଟର ସାଇକେଲରେ ଦଦରାଘାଟିରୁ ସରାଙ୍ଗ ଫେରୁଥିବା ବେଳେ ବିପରିତ ଦିଗରୁ ଦ୍ରୁତ ଗତିରେ ଆସୁଥିବା ଗ୍ଲାମର ମୋଟର ସାଇକେଲ ପଲସର ସହ ମୁହାଁମୁହିଁ ପିଟି ହୋଇଥିଲା । ଫଳରେ ପଲ୍‌ସର ଚଳାଉଥିବା ମୋହନପଶି ଗ୍ରାମର ଗଣେଷ ମୁଣ୍ଡାଙ୍କ ପୁଅ ମଧୁ ମୁଣ୍ଡା(୨୧)ଙ୍କ ସହିତ ଧକ୍କା ହେବା ଫଳରେ ୩ ମୋଟର ସାଇକେଲର ଆରୋହି ଛିଟିକି ପଡି କ୍ଷତାକ୍ତ ହୋଇଥିଲେ । ଖବର ପାଇ ଘଟଣା ସ୍ଥଳରେ ପୋଲିସ୍ ପହଞ୍ଚି ମଧୁ ମୁଣ୍ଡାଙ୍କୁ ପ୍ରଥମେ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ପହଞ୍ଚାଇଥିଲେ । ପରେ ପରେ ଆମ୍ବୁଲାନସ୍ ପହଞ୍ଚି ବିଟେକ ଛାତ୍ର ଦୁଇଜଣଙ୍କୁ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଥିଲା । ବିଟେକ ଛାତ୍ର ଦ୍ୱୟ ପ୍ରାଥମିକ ଚିକିତ୍ସା ପରେ ନିଜନିଜ ଘରକୁ ଯାଇଥିବା ବେଳେ ମଧୁ ମୁଣ୍ଡାଙ୍କୁ ଚିକିତ୍ସା ପାଇଁ ତାଳଚେର ମଣ୍ଡାପାଳ ଡ଼ାକ୍ତରଖାନାକୁ ପଠାଯାଇଛି ।

## ବେଆଇନ ଗୋରୁ ଚଲାଣ ଅଭିଯୋଗରେ ପୁଣି ୮ ଗିରଫ

ଠାକୁରଗଡ଼, (ସବ୍ୟୁ) : ଅନୁଗୋଳ ଜିଲ୍ଲା ଠାକୁରଗଡ଼ ଥାନା ଅଞ୍ଚଳରୁ ବେଆଇନ ଭାବରେ ଗୋରୁ ସଂଗ୍ରହ କରି ରାଜ୍ୟ ବାହାରକୁ ଚଲାଣ କରୁଥିବା ଏକ ଗ୍ୟାଙ୍ଗକୁ ହଣ୍ଡପା ପୋଲିସ ବୁଧବାର ଦିନ ଧରିବାରେ ସଫଳ ହୋଇଛି । ଉରୁକୁଳା ଜଙ୍ଗଲରୁ ଏକ କଣ୍ଟେନର ସାହାଯ୍ୟ ରେ ତା ୮/୯/୨୦୨୬ ରେ ୩୪ ଟି ଗୋରୁ ବୋଝେଇ କରି କଲି କତା ଅଭିମୁଖେ ଚଲାଣ କରୁଥିବା ବେଳେ ହଣ୍ଡପା ପୋଲିସ ଏକ ସ୍ୱତନ୍ତ୍ର ଟିମ ଗଠନ କରି ଚଢ଼ାଉ କରି ଜବତ କରିବା ସହ ଏହି ଚଲାଣରେ ସଂପୃକ୍ତ ଥିବା ୭ ଜଣ ବ୍ୟବସାୟୀଙ୍କୁ ଗିରଫ କରିଥିବା ବେଳେ ବୁଧବାର ଦିନ ପୁଣି ୮ ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ କଟକ ଜିଲ୍ଲା ନରସିଂହପୁର ଥାନା ବିର ସିଂହପୁର ଗ୍ରାମର ଅବରାଲ ମହମ୍ମଦ (୨୫), ନୟାଗଡ଼ ଜିଲ୍ଲା ମାଣିକାଗୋଡ଼ା ଗ୍ରାମର ଶେଖ ଆଶିଷ (୨୬), ବାଗେଡ଼ିଆ ଥାନା ଘୁଣ୍ଟୁଲ ପୋଷି ଗ୍ରାମ ର ସୁଶାନ୍ତ ନାୟକ (୩୮), ହଣ୍ଡପା ଥାନା ଉରୁକୁଳା ଗ୍ରାମର ଗୁରୁ ଚରଣ ବେହେରା,(୪୨) ହର ମୋହନ ବେହେରା (୨୩), ବଡ଼ ଉଙ୍ଗିଆଣି ଗ୍ରାମର ବଳରାମ ପ୍ରଧାନ (୫୬), କଟରଙ୍ଗା ଗ୍ରାମର ବାଲା ଉଦାବର (୪୫), ଜାମୁ ଝରି ଗ୍ରାମର ବିଶି କେଶନ ନାୟକ (୫୭) । ଏମାନଙ୍କ ନାମରେ ନମ୍ବର ୩୪୨/୨୬ ରେ ମାମଲା ରୁଜୁ କରା ଯାଇ ଆଠମଲ୍ଲିକ କୋର୍ଟକୁ ଚଲାଣ କରା ଯାଇଛି । ଏଥିରେ ଆଉ କିଛି ବ୍ୟବସାୟୀ ସାମିଲ ପୋଲିସ ସୁରାକ ପାଇଥିବା ବେଳେ ସେମାନେ ଫେରାର ଥିବା ଜଣା ପଡିଛି । ଘଟଣାରୁ ପ୍ରକାଶ ଯେ ଏହି ଅଂଚଳରୁ ଅଗଷ୍ଟ ଓ ସେପେଟମ୍ବର ମାସରେ ବହୁ ଗୋରୁ ସଂଗ୍ରହ କରି ଉରୁକୁଳା ଜଙ୍ଗଲରେ ଗଛିତ କରିବା ପରେ କଣ୍ଟେନର ସାହାଯ୍ୟରେ ରାଜ୍ୟ ବାହାରକୁ ଚଲାଣ କରିଛନ୍ତି । ହଣ୍ଡପା ପୋଲିସର ଚଢ଼ାଉ ପରେ ଠାକୁରଗଡ଼ ଥାନା ଅଞ୍ଚଳରେ ଥିବା କିଛି ଗୋରୁ ମାଫିଆ ମାନେ ଫେରାର ହୋଇ ଯାଇଛନ୍ତି ।

# ଜାତୀୟ ରାଜପଥରେ ୭ ଦିନରେ ୪ ମୃତ : ଚେତୁନି ପ୍ରଶାସନ

ବଆଁରପାଳ, (ସବ୍ୟୁ) : ଅନୁଗୋଳ ଜିଲ୍ଲା ଦେଇ ଯାଇଥିବା ୫୫ ଓ ୧୪୯ ନମ୍ବର ଜାତୀୟ ରାଜପଥ ଏବେ ମରଣଯନ୍ତା ପାଲଟି ଯାଇଛି । ଜଣେ ବ୍ୟକ୍ତି ଜଦି ଘରୁବାହରକୁ ଯାଉଛି ସୁରକ୍ଷିତ ଭାବେ ଫେରିବ ବୋଲି କୌଣସି ଗ୍ୟାରେଣ୍ଟି ନାହିଁ । ବିପର୍ଯ୍ୟସ୍ତ ରାସ୍ତାରେ ଗାଡ଼ି ଚାଳକ ମାନେ ନିଶାଶକ୍ତ ଅବସ୍ଥାରେ ମୋବାଇଲ ଧରି ବେପରୁଆ ଭାବେ ଗାଡ଼ି ଚଳାଉଥିବାରୁ ଦୁର୍ଘଟଣା ଘଟାଉଛନ୍ତି ।

ଅମାନିଆ ଡ୍ରାଇଭର ମାନଙ୍କ ଯୋଗୁଁ ଗୋଟିଏ ସପ୍ତାହରେ କେବଳ ବଆଁରପାଳରୁ ଚାଇଁପାଳ ମଧ୍ୟରେ ଟ୍ରକ ଧକ୍କାରେ ୪ ଜଣ ମୃତ୍ୟୁବରଣ କରିସାରିଲେଣି । ତାଳଚେର ଗୁରୁଜାଙ୍ଗୁଲି ଗ୍ରାମର ଭୋଳାନାଥ ରଥ ନିଜ ବଡ ଭଉଣୀକୁ ଛାଡି ଫେରୁଥିବା ବେଳେ ଏକ ଟ୍ରକ ଧକ୍କାରେ ମୃତ୍ୟୁବରଣ କରିଥିଲେ । ଏହାର କିଛି ଦିନ ପରେ ବଆଁରପାଳର ଏକ ଘରୋଇ ଡାକ୍ତରଖାନାରେ କାର୍ଯ୍ୟ କରୁଥିବା ଦୁଇଜଣ ଷ୍ଟାଫ୍ ନର୍ସ ନାଲକୋ ବିଶ୍ୱକର୍ମା ପୂଜା ଦେଖିବାକୁ ଆସୁଥିବା ବେଳେ ଏକ ଟ୍ରକ ଧକ୍କା ଦେବାରୁ ଘଟଣା ସ୍ଥଳରେ ସୁମିତ୍ରା ମହାନ୍ତଙ୍କ ମୃତ ଘଟିଥିଲା ।

ଅନ୍ୟଜଣେ ଯୁବତୀ ଗୁରୁତର ଆହତ ହୋଇ କଟକରେ ଚିକିତ୍ସିତ ହେଉଛନ୍ତି । ସେହି ରାତିରେ ଚାଇଁପାଳ ଗାଁର ବିଭୂତି ବାରିକ ତାଳଚେରରୁ କାର୍ଯ୍ୟ ସାରି ସାଇକେଲରେ ଘରକୁ ଫେରିବା ସମୟରେ ଏକ ଅଜଣା ଗାଡ଼ି ଧକ୍କାରେ ମୃତ୍ୟୁବରଣ କରିଥିଲେ । ନାଲକୋ ଥାନା ଅନ୍ତର୍ଗତ କାଣ୍ଡସର ଠାରେ ରବିବାର ବିଳମ୍ବିତ ରାତ୍ରରେ ଏକ କୋଇଲା ବୋଝେଇ ଟ୍ରଲର ଧକ୍କାରେ ଗୋଟିଏ ସ୍ଥାନରେ ୧୦ରୁ ଉର୍ଦ୍ଧ୍ୱ ଗୋରୁ ମୃତ୍ୟୁ ବରଣ କଲେ । ମଙ୍ଗଳବାର ଅପରାହ୍ନରେ ପୁଣି ଏକ ହୃଦୟ ବିଦାରକ ଦୁର୍ଘଟଣା ଘଟିଲା ୧୪୯ ନମ୍ବର ଜାତୀୟ ରାଜପଥ ଗୋତମରା ଛକଠାରେ। ଗୋତମରା ଗ୍ରାମର ସୁବଳ ନାୟକଙ୍କ ପୁଅ ଶ୍ରୀପତି ନାୟକ (୪୨) ବଆଁରପାଳରୁ କାର୍ଯ୍ୟ ସାରି ସାଇକେଲରେ ଘରକୁ ଆସୁଥିବା ବେଳେ ଗୋଟିଏ ଟ୍ରକ ଧକ୍କାରେ ମୃତ୍ୟୁବରଣ କରିଥିଲେ ।

ଏହାକୁ ନେଇ ପରିବାର ସଦସ୍ୟ ଓ ସ୍ଥାନୀୟ ଜନସାଧାରଣ ଉପଯୁକ୍ତ କ୍ଷତିପୂରଣ ଓ ରାସ୍ତାରେ ଦୁର୍ଘଟଣା ନିୟନ୍ତ୍ରଣ ପାଇଁ ଦାବିକରି ଜାତୀୟ ରାଜପଥ ଅବରୋଧ କରିଥିଲେ । ଫଳରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଅଚଳାବସ୍ଥା ଯୋଗୁଁ ଶହଶହ ଗାଡ଼ି ରାସ୍ତାରେ ଅଟକି ରହିଥିଲା । ସବୁ ଦୁର୍ଘଟଣା ପରେ ପୋଲିସ, ପ୍ରଶାସନ ପହଞ୍ଚି ଯେଉଁ ପ୍ରତିଶ୍ରୁତି ଦିଅନ୍ତି ସେହି ପ୍ରତିଶ୍ରୁତି ଦେଇ ଲୋକଙ୍କୁ ବୁଝାଇବା ପରେ ରାସ୍ତା ଅବରୋଧ ହଟିଥିଲା। ବାସ୍ତବରେ କୌଣସି ପ୍ରତିଶ୍ରୁତି ପାଳନ ହୋଇନଥାଏ । ଜାତୀୟ ରାଜପଥ ପଥରର ଶୋଚନୀୟ ଅବସ୍ଥା ସାଙ୍ଗକୁ ରାସ୍ତା କଡରେ ଖୋଲିଥିବା ଢାବା, ହୋଟେଲ ଓ ଗାଡ଼ି ଗ୍ୟାରେଜ ମାନଙ୍କରେ ପାର୍କିଂ ବ୍ୟବସ୍ଥା ନଥିବାରୁ ଭାରି ଯାନଗୁଡ଼ିକ ରାସ୍ତାରେ ରଖୁଥିବାରୁ ଦୁର୍ଘଟଣା ବୃଦ୍ଧି ପାଉଛି ବୋଲି ଅଭିଯୋଗ ହେଉଛି ।

## ପୁଣି ଜଣେ ଦାଦନଙ୍କ ଅକାଳ ମୃତ୍ୟୁ
# ବିଧାୟକଙ୍କ ଉଦ୍ୟମରେ ସ୍ୱତନ୍ତ୍ର ଯାନରେ ଆସିଲା ମରଶରୀର

ପାଲଲହଡ଼ା, (ସବ୍ୟୁ): ରାଜ୍ୟରୁ ଦାଦନ ଦୁଃଖ ଓ ତଦଜନିତ ଅକାଳ ମୃତ୍ୟୁ ଘଟଣା ଯାଉନି ମନରୁ । ଯାହାର ଏକ ନଗ୍ନ ଉଦାହରଣ ଦେଖିବାକୁ ମିଳିଛି ଅନୁଗୁଳ ଜିଲ୍ଲା ପାଲଲହଡା ବ୍ଲକ ନମପସୀ ପଂଚାୟତ ଅନ୍ତର୍ଗତ କଣ୍ଟାନାଲି ଗ୍ରାମରେ । ଏଠାରେ କାମ ନପାଇ ତାମିଲନାଡୁର ଏକ ସୂତାକଳକୁ କାମକରି ନିଜ ପରିବାରର ଦୈନନ୍ଦିନ ଗୁଜୁରାଣ ମେଂଟେଇବାକୁ ଯାଇଥିବା କଣ୍ଟାନାଳୀ ଗ୍ରାମର ର୍ବିସା ଭତ୍ରାଙ୍କ ଦୁଃଖଦ ମୃତ୍ୟୁ ପରେ ଆଜି ତାଙ୍କ ମରଶରୀର ସ୍ଥାନୀୟ ବିଧାୟକ ଅଶୋକ ମହାନ୍ତିଙ୍କ ପ୍ରଚେଷ୍ଟାରୁ ନିଜ ଜନ୍ମମାଟି କଣ୍ଟାନାଳୀରେ ଏକ ସ୍ୱତନ୍ତ୍ର ଯାନରେ ପହଞ୍ଚିଛି । ମରଶରୀର ଗ୍ରାମରେ ପହଞ୍ଚିବା ପରେ ଶୋକାକୁଳ ପରିବାରବର୍ଗଙ୍କୁ ସ୍ଥାନୀୟ ବିଜେପି କାର୍ଯ୍ୟକର୍ତ୍ତାମାନେ ସାକ୍ଷାତ କରି ଶାନ୍ତ୍ୱନା ଜଣାଇଥିଲେ । ବିର୍ସା ଭତ୍ରାଙ୍କ ଅକାଳ ବିୟୋଗ ଖବରରେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ଗଭୀର ଶୋକ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜଣାଇଥିଲେ । ଏହି ଦୁଃଖଦ ସମୟରେ ପରିବାରକୁ ସହଯୋଗ କରିବା ସହ ବିର୍ସାଙ୍କ ମରଶରୀରକୁ ନିଜ ଜନ୍ମମାଟିକୁ ଫେରାଇ ଆଣିବା ପାଇଁ ବିଧାୟକ ତତ୍ପରତା ପ୍ରକାଶ କରିଥିଲେ । ବିଧାୟକଙ୍କ ପକ୍ଷରୁ ତାମିଲନାଡୁ ପ୍ରଶାସନ ସହ ଯୋଗାଯୋଗ କରାଯାଇ ବିର୍ସା ଭତ୍ରାଙ୍କ ମରଶରୀରକୁ ସୁରକ୍ଷିତ ଭାବେ କଣ୍ଟାନାଳୀ ଗ୍ରାମକୁ ଆଣିବାର ବ୍ୟବସ୍ଥା କରାଯାଇଥିଲା ।

ବିର୍ସା ଭତ୍ରାଙ୍କ ଅକାଳ ବିୟୋଗରେ କଣ୍ଟାନାଳୀ ଗ୍ରାମରେ ଶୋକର ପରିବେଶ ସୃଷ୍ଟି ହୋଇଥିବା ବେଳେ ସ୍ଥାନୀୟ ବିଜେପି କାର୍ଯ୍ୟକର୍ତ୍ତାମାନେ ପରିବାର ସହିତ ରହି ଏହି ଦୁଃଖଦ ସମୟରେ ସହଯୋଗ ଓ ସାନ୍ତ୍ୱନା ପ୍ରଦାନ କରିଥିଲେ ।

ଏହି ଶୋକାକୁଳ ପରିବେଶରେ ସାଂସଦଙ୍କ ପ୍ରତିନିଧି ଲିଙ୍ଗରାଜ ଦାସ, ପାଲଲହଡ଼ା ମଣ୍ଡଳ ସଭାପତି ଆଶିଷ ସାମଲ, ପ୍ରମୁଖ ଉପସ୍ଥିତ ଥିବାବେଳେ ଖବର ପାଇ ପ୍ରାକ୍ତନ ବିଧାୟକ ମୁକେଶ କୁମାର ପାଳ, ନମପସି ପଂଚାୟତର ପ୍ରାକ୍ତନ ସମିତିସଭ୍ୟ ଛତିଶ ମାଝୀ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ଶାନ୍ତ୍ୱନା ଦେବା ସହିତ ସ୍ଥାନୀୟ ଉପଜିଲ୍ଲାପାଳଙ୍କ ସହିତ ଯୋଗାଯୋଗ କରି ରେଡ଼କ୍ରସରୁ ଆର୍ଥିକ ଅନୁଦାନ ପାଇଁ ସୁବନ୍ଦୋବସ୍ତ କରିଥିଲେ ।

## ଟ୍ରକ ଧକ୍କାରେ ସାଇକେଲ ଆରୋହୀ ମୃତ

ବଆଁରପାଳ, (ସବ୍ୟୁ) : ବଆଁରପାଳ-ତାଳଚେର ୧୪୯ ନଂ ଜାତୀୟ ରାଜପଥ ବଆଁରପାଳ ନିକଟସ୍ଥ ଗୋତମରା ଛକଠାରେ ଟ୍ରକ ଧକ୍କାରେ ସାଇକେଲ ଆରୋହୀଙ୍କ ମୃତ ଘଟିଛି । ସୂଚନା ଅନୁଯାୟୀ ଗୋତମରା ଗ୍ରାମର ସୁବଳ ନାୟକଙ୍କ ପୁଅ ଶ୍ରୀପତି ନାୟକ (୩୫) ବଆଁରପାଳ ବଜାରକୁ ଯାଇଥିଲେ । ସେଠାରୁ କାର୍ଯ୍ୟ ସାରି ସାଇକେଲ ଯୋଗେ ଘରକୁ ଫେରୁଥିବା ବେଳେ ଗୋତମରା ଛକ ଠାରେ ଦ୍ରୁତଗତିରେ ଆସୁଥିବା ଏକ ଟ୍ରକ ଶ୍ରୀପତିକୁ ଧକ୍କା ଦେଇଥିଲା । ଫଳରେ ଘଟଣା ସ୍ଥଳରେ ସେ ମୃତ୍ୟୁବରଣ କରିଥିଲେ । ଦୁର୍ଘଟଣା ଖବର ପାଇଁ ମୃତ ବ୍ୟକ୍ତିଙ୍କ ପରିବାର ଓ ସ୍ଥାନୀୟ ଲୋକମାନେ ଘଟଣା ସ୍ଥଳରେ ପହଞ୍ଚି ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ଓ ରାସ୍ତାରେ ଦୁର୍ଘଟଣା ନିୟନ୍ତ୍ରଣ ପାଇଁ ଦାବି କରି ଜାତୀୟ ରାଜପଥ ଅବରୋଧ କରିଥିଲେ ।

## ବାପା, ମାଙ୍କୁ ମାଡ଼ ଅଭିଯୋଗ

ଠାକୁରଗଡ଼, (ସବ୍ୟୁ) : ଠାକୁରଗଡ଼ ଥାନା ଘୋଡା ବାନ୍ଧୁଣି ଗ୍ରାମର କୃଷ୍ଣଚନ୍ଦ୍ର ପ୍ରଧାନ ଓ ତାଙ୍କ ପତ୍ନୀ ଚଞ୍ଚଳ । ପ୍ରଧାନଙ୍କୁ ତାଙ୍କ ପୁଅ ସୁଶାନ୍ତ କୁମାର ପ୍ରଧାନ ମାଡ଼ ମାରିବା ସହ ହତ୍ୟା କରିବା ପାଇଁ ଧମକ ଦେଇଥିବା ଚଞ୍ଚଳା ଠାକୁରଗଡ଼ ଥାନାରେ ସୋମବାର ଦିନ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗ ପତ୍ରରେ ଉଲେଖ କରିଛନ୍ତି ଜେ ସେମାନେ ସ୍ୱାମୀ ଓ ସ୍ତ୍ରୀ ଘରେ ଥିବା ବେଳେ ତାଙ୍କ ପୁଅ ସୁଶାନ୍ତ ଆସି ତାଙ୍କ ଜମିରେ କେହି ପଥର ଗଦାଇଛନ୍ତି ବୋଲି କହିଥିଲେ । ଏହି ସମୟରେ କୃଷ୍ଣ ଚନ୍ଦ୍ର ସେ କହିଥିବାରୁ ପଥର ଗଦା ହେଉଛି ବୋଲି କହିଥିଲେ । ଏହି କଥାକୁ ନେଇ ସୁଶାନ୍ତ ଉତକ୍ଷିପ୍ତ ହୋଇ ବାପ, ମାଙ୍କୁ ମାଡ଼ ମାରିବା ସହ ହତ୍ୟା କରିଦେବେ ବୋଲି ଧମକ ଦେଇଥିବା ଅଭିଯୋଗ ପତ୍ରରେ ଉଲେଖ କରାଯାଇଛି । ଏ ନେଇ ନମ୍ବର ୨୯୬/୨୬ ରେ ଏକ ମାମଲା ରୁଜୁ କରାଯାଇଛି ।

## ରାଜ୍ୟ ବିଜୁ ମହିଳା ସଭାପତି ସ୍ନେହାଙ୍ଗିନୀ ଛୁରିଆଙ୍କ ଢେଙ୍କାନାଳ ଗସ୍ତ
# ଯୁବତୀଙ୍କୁ ଅସଦାଚରଣ ଘଟଣାରେ ଅତିରିକ୍ତ ଏସ୍‌ପିଙ୍କ ସହ ଆଲୋଚନା




ଢେଙ୍କାନାଳ, (ସବ୍ୟୁ) : ପ୍ରସିଦ୍ଧ ଶୈବପୀଠ କପିଳାସକୁ ଦର୍ଶନ କରିବାକୁ ଆସିଥିବା ଚୌଦ୍ୱାର ଅଞ୍ଚଳର ୨ ଯୁବତୀ ଓ ତାଙ୍କର ୩ ଜଣ ପୁରୁଷ ବନ୍ଧୁଙ୍କୁ ମାଡ ମାରିବା ସହିତ ଯୁବତିଙ୍କୁ ଅସଦାଚରଣ କରି ସୋସିଆଲ ମିଡିଆରେ ଭିଡିଓ ଭାଇରାଲ କରିବା ମାମଲା ଏବେ ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ ଏହାକୁ ନେଇ ବୁଧବାର ଅପରାହ୍ନରେ ବିଜୁ ଜନତା ଦଳ ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ବିଜୁ ଜନତା ଦଳର ରାଜ୍ୟ ମହିଳା ସଭାପତି ସ୍ନେହାଙ୍ଗିନୀ ଛୁରିଆଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲା ଏସପିଙ୍କ କାର୍ଯ୍ୟାଳୟରେ ପହଞ୍ଚି ଏସ୍‌ପିଙ୍କ ଅନୁପସ୍ଥିତିରେ ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣୀ ପ୍ରଧାନଙ୍କ ସହିତ ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ ।

ପର୍ଯ୍ୟଟନ ସ୍ଥଳି ଓ ଏହାର ଆଖପାଖ ଅଞ୍ଚଳରେ ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ପୋଲିସ ବିଟ ହାଉସ ହେବା ସହିତ ବ୍ୟାପକ ପୋଲିସ ପେଟ୍ରୋଲିଂ ଆବଶ୍ୟକ ଥିବାବେଳେ ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ନଦେଇ ସମ୍ପୂର୍ଣ୍ଣ ଉଦାସିନ ରହୁଛନ୍ତି । ଏହି ଆଲୋଚନା ସମୟରେ ବିଜୁ ଜନତା ଦଳର ରାଜ୍ୟ ଏସ୍‌ସି ସେଲ ସଭାପତି ମହେଶ ସାହୁ, ପୂର୍ବତନ ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ମିନତୀ ବେହେରା, ରାଜ୍ୟ ସାଧାରଣ ସମ୍ପାଦିକା ସୁମିତ୍ରା ଜେନା, ଗିତାଞ୍ଜଳୀ ବସ୍ତିଆ, ଜିଲାପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ, ଜିଲା ଉପସଭାନେତ୍ରୀ ତିଳୋତ୍ତମା ଚୌଧୁରୀ, ଜିଲା ମହିଳା ବିଜେଡି କାର୍ଯ୍ୟକାରୀ ସଭାପତି ଶୁଭଲକ୍ଷ୍ମୀ ସାହୁ, ଜିଲା ବିଜେଡି କାର୍ଯ୍ୟକାରି ସଭାପତି ସନ୍ଦିପ ଷଡଙ୍ଗୀଙ୍କ ସମେତ ବିଜୁ ମହିଳା ଜନତା ଦଳର ବହୁ କର୍ମୀ ଉପସ୍ଥିତ ରହିଥିଲେ ।

## ଜ୍ୟୋତିର୍ବିଦ୍ ସମ୍ମାନିତ

ଠାକୁରଗଡ଼, (ସବ୍ୟୁ) : ଅନୁଗୋଳ ଜିଲା କୁଶକିଳା ଗାଁର ଜ୍ୟୋତିର୍ବିଦ୍ ମହାପାତ୍ର ଜ୍ୟୋତିଷ ରନି ଜାତୀୟ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଭୁବନେଶ୍ୱରର ଏକ ହୋଟେଲଠାରେ ଅନୁଷ୍ଠିତ ଏକ କର୍ମଶାଳାରେ ଶ୍ରୀ ମହାପାତ୍ରଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯାଇଛି । ଆୟୋଜକ ସଂସ୍ଥାର ମୁଖ୍ୟ ସୁବାସ କୁମାର ଖୁଣ୍ଟିଆ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ଡ ମାଇକେଲ ଡେନିଜ ମୂଖ୍ୟ ଅତିଥିଭାବେ ଯୋଗ ଦେଇ ସାମ୍ପ୍ରତିକ ପରିସ୍ଥିତିରେ ବାସ୍ତୁ ଓ ଜ୍ୟୋତିଷ ଶାସ୍ତ୍ରର ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ। କର୍ମଶାଳାରେ ବିଭିନ୍ନ ଅଞ୍ଚଳରୁ ଜ୍ୟୋତିର୍ବିଦ୍‌ମାନେ ସାମିଲ ହୋଇ ମାନବ ସମାଜର ଉନ୍ନତି ପାଇଁ ବାସ୍ତୁ ବିଚାର ଓ ଜ୍ୟୋତିଷ ଶାସ୍ତ୍ରର ବିଭିନ୍ନ ସୂକ୍ଷ୍ମ ଦିଗ ନେଇ ଆଲୋଚନା କରାଯାଇଥିଲା । ହସ୍ତରେଖା, ସାମୁଦ୍ରିକ, ମୁଖ ଗଣନା, ରନି ପଥର ବିଚାର, ଔଷଧିୟ ବୃକ୍ଷ ମାଧ୍ୟମରେ ବିଭିନ୍ନ ସମସ୍ୟାର ସମାଧାନସହ ଯନ୍ତ୍ର ଓ ତନ୍ତ୍ର ସମ୍ପର୍କରେ ବିଭିନନ ପଣ୍ଡିତମାନେ ସେମାନଙ୍କ ସନ୍ଦର୍ଭ ଉପସ୍ଥାପନ କରିଥିଲେ । ଅନୁଗୋଳ ଜିଲା କୁଶକିଳା ଗାଁର ଯୁବ ଜ୍ୟୋତିର୍ବିଦ୍ କୌଳିକ ବୃତ୍ତି ଜ୍ୟୋତିଷି ହୋଇଥିବାରୁ ସେ ପିଲାଟି ଦିନରୁ ନିଜର ଜେଜେ ବାପା ଓ ବାପାଙ୍କ ଠାରୁ ଜ୍ୟୋତିଷ ଶାସ୍ତ୍ର ଶିକ୍ଷା କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମନୋଜ ମଞ୍ଜରୀ ରାଏ, ଡ ପ୍ରଦୀପ କୁମାର ବାସୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ ।

## କନ୍ଧପଡ଼ାରେ କଂଗ୍ରେସ କାର୍ଯ୍ୟକର୍ତ୍ତା ସମ୍ମିଳନୀ

ଆଠମଲ୍ଲିକ, (ସବ୍ୟୁ) : ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ ୫ ନମ୍ବର ଜୋନ କଂଗ୍ରେସ କାର୍ଯ୍ୟକର୍ତ୍ତା ଙ୍କୁ ନେଇ କନ୍ଧପଡା ହାଟତୋଟାଠାରେ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ନ ଟି ଗ୍ରାମପଞ୍ଚାୟତର କଂଗ୍ରେସ କର୍ମକର୍ତ୍ତା ସମ୍ମିଳନୀରେ ଯୋଗ ଦେଇଥିଲେ । ଜୋନ ସଭାପତି ଫକୀର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀରେ ବରିଷ୍ଠ କଂଗ୍ରେସ ନେତା ହିମାଂଶୁ ଶେଖର ଚାଉଳିଆ, ବ୍ଲକ କଂଗ୍ରେସ ସଭାପତି ସୁରେନ୍ଦ୍ର କୁମାର ସାହୁ ପ୍ରମୁଖ ଯୋଗଦେଇ ଆଗାମୀ ପଞ୍ଚାୟତ ନିର୍ବାଚନରେ ସମସ୍ତ କଂଗ୍ରେସ କର୍ମୀ ଏକତ୍ରିତ ହୋଇ ଲଢେଇ କରିବାକୁ ଆହ୍ୱାନ ଦେବା ସହିତ ଡବଲ ଇଂଜିନ ସରକାର ଙ୍କ ସମୟ ରେ ବିଭିନ୍ନ ଜିନିଷ ର ଦର ବୃଦ୍ଧି, କୃଷକ ସମସ୍ୟା, ମାଧପୁର ଡାକ୍ତରଖାନା ରେ ଅବ୍ୟବସ୍ଥା, ପାଠ୍ୟ ପୁସ୍ତକରେ ତ୍ରୁଟି, ଓ ଖଣି ଖାଦାନକୁ ବିଭିନ୍ନ ଉଦ୍ୟୋଗ ପତିକୁ ଟେକି ଦେବା ଫଳରେ ଆଗାମୀ ପିଢ଼ି ଅସୁବିଧାର ସମ୍ମୁଖୀନ ହେବେ ବୋଲି ସମାଲୋଚନା କରିବା ସହିତ ବାର୍ଦ୍ଧକ୍ୟ ଭତ୍ତା ତିନି ହଜାର ଟଙ୍କାକୁ ବୃଦ୍ଧି କରିବାକୁ ଦାବି ରଖିଥିଲେ ।

ଏହି ସଭାରେ କଂଗ୍ରେସ କର୍ମକର୍ତ୍ତା ଜୟଲାଲ ବିଶ୍ୱାଳ, ସନ୍ତୋଷ ଧଳ, ଦେବହରୀ ପ୍ରଧାନ, ଚକ୍ରଧର ମହାନନ୍ଦିଆ, ଦେବେନ୍ଦ୍ର ନାଥ ବେହେରା, ଉଦୟ ବେହେରା, ଚିନ୍ମୟ ଭୋଇ, ଅନ୍ତର୍ଯ୍ୟାମୀ ସାହୁ, ମହେଶ୍ୱର ପାଣ୍ଡେ, ପ୍ରଶାନ୍ତ ବେହେରା ମାଳି, କୁଶଧଜ ପ୍ରଧାନ, ଧନଞ୍ଜୟ ଭୁକ୍ତା, ଗୌରୀ ଶଙ୍କର ସୁନା, ଶରତ ବିଶ୍ୱାଳ, କୃପାସିନ୍ଧୁ ଦେହୁରୀ, ଅନିଲ ବଡ଼ମାଳି, ରମେଶ ବେହେରା ମାଳି, ଶେଷଦେବ ମହାନନ୍ଦିଆ, ଘାଷିନାଥ ମହାନନ୍ଦିଆ, ବାବୁଲା ସେଠି, ସମୀର ଦେହୁରୀଙ୍କ ସମେତ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ ।

## ବ୍ଲକ୍‌ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ: ଜିଲ୍ଲାସ୍ତରକୁ ୩୬ ଜଣ ମନୋନୀତ

ଠାକୁରଗଡ଼ ,(ସବ୍ୟୁ) : କିଶୋରନଗର ବ୍ଲକ ହଣ୍ଡପା ଥାନା ହଣ୍ଡପା ମହାନଦୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ମଙ୍ଗଳବାର ଦିନ ଉଦଯାପିତ ହୋଇଛି । କିଶୋରନଗର ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଯୋଗଦେଇଥିବା ଛାତ୍ରଛାତ୍ରୀମାନେ କବାଡ଼ି, ଖୋ-ଖୋ, ଆଦି ବିଭିନ୍ନ କ୍ରୀଡ଼ାରେ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ । ଉଦଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ଅରୁଣ କୁମାର ସେଠୀ ଯୋଗଦେଇ କ୍ରୀଡ଼ାର ଗୁରୁତ୍ୱ ଉପରେ ମତବ୍ୟକ୍ତ କରିଥିଲେ । ବିଦ୍ୟାଳୟ ପରିଚାଳନା ସମିତିର ଅଧ୍ୟକ୍ଷ ବାପୁଜୀ ପ୍ରଧାନ ମଧ୍ୟ ଉପସ୍ଥିତ ରହି କ୍ରୀଡ଼ାବିମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ ।

ଏହି ଅବସରରେ ପ୍ରଧାନ ଶିକ୍ଷକ ଅଶୋକ କୁମାର ଜେନା ଯୋଗ ଦେଇ କହିଥିଲେ- କ୍ରୀଡ଼ା କେବଳ ଜିତିବା କିମ୍ବା ହାରିବାର ବିଷୟ ନୁହେଁ ଏହା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଶୃଙ୍ଖଳା, ନେତୃତ୍ୱ, ଏକତା ଓ ଦଳଗତ ମନୋଭାବ ଗଢ଼ି ତୋଳେ । ଏହି କ୍ରୀଡାରେ ଅଂଶ ଗ୍ରହଣ କରିଥିବା ପ୍ରତିଯୋଗୀ ରୁ ୩୬ ଜଣ କ୍ରୀଡ଼ାବିତ୍ ଜିଲ୍ଲାସ୍ତରକୁ



ମନୋନୀତ ହୋଇଛନ୍ତି । ପ୍ରତିଯୋଗିତାକୁ ଖେଳ ଶିକ୍ଷକ ବିଶ୍ୱନାଥ ଦେହୁରୀ, ଅରୁଣ କୁମାର ପ୍ରଧାନ, ପ୍ରଦୀପ କୁମାର ପ୍ରଧାନ, ସିପୁନ ସାହୁ, ମିନତି ପ୍ରଧାନ, ଧନଞ୍ଜୟ ସାହୁ, ପୁଷ୍ପଲତା ଜେନା, ସତ୍ୟଭାମା ପ୍ରଧାନ, ବରୁଣ ଦେହୁରୀ, ନୀଳମଣି ସାହୁ ପରିଚାଳନା କରିଥିଲେ । ଏହି କ୍ରୀଡ଼ା ପ୍ରତିଯୋଗିତାରେ ହଣ୍ଡପା ହାଇସ୍କୁଲର ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀମାନେ ସହଯୋଗ କରିଥିଲେ ।

## ସମ୍ପାଦକୀୟ



# ଓଡ଼ିଆ ଚଳଚ୍ଚିତ୍ର 'ଲହରୀ'କୁ ଜାତୀୟ ପୁରସ୍କାର

ଅନେକ କ୍ଷେତ୍ରରେ ଓଡ଼ିଶା ପଛରେ ପଡ଼ିଥିଲେ ମଧ୍ୟ କେତେକ କ୍ଷେତ୍ରରେ ଆଗରେ ରହିଛି । ଓଡ଼ିଶା ବା ଓଡ଼ିଆମାନଙ୍କ ବିକାଶ ଯୋଗୁଁ ଆମେ ଆନନ୍ଦ ପ୍ରକାଶ କରିବା ଉଚିତ । ଆମେ ପଛରେ ଯେଉଁ କ୍ଷେତ୍ରରେ ପଡ଼ିଯାଇଛେଁ, ସେଥିପାଇଁ ଦୁଃଖ କରିବା ମଧ୍ୟ ଆବଶ୍ୟକ । କେବଳ ଦୁଃଖ ନ କରି କେମିତି ସୁରୁଖୁରୁରେ ଆଗେଇ ପାରିବା ଆମେ, ସେଥିପାଇଁ ଉଦ୍ୟମ ମଧ୍ୟ ଜାରି ରଖିବା ଦରକାର । ଓଡ଼ିଆ ଚଳଚ୍ଚିତ୍ର ଯଦିଓ ଗୁଣାତ୍ମକ ଦୃଷ୍ଟିରୁ ଆଗରେ ଥିଲା, ବିଳମ୍ବରେ ପରିମାଣାତ୍ମକ ଦୃଷ୍ଟିରୁ ଅଧିକ ସଂଖ୍ୟାରେ ନିର୍ମିତ ହୋଇଥିଲା ସତ, କିନ୍ତୁ କେତେକ ହିନ୍ଦୀ ଚଳଚ୍ଚିତ୍ରକୁ ଅନୁକରଣ କରି କରାଯାଇଥିବାରୁ ସଚେତନ ଦର୍ଶକମାନେ ସେ ସବୁ ଚଳଚ୍ଚିତ୍ରକୁ ଗ୍ରହଣ କରି ପାରି ନଥିଲେ । ମନେ ପଡୁଛି, ରାଜେଶ ଖାନ୍ନା ଓ ଶର୍ମିଳା ଟାଗୋରଙ୍କଦ୍ୱାରା ଅଭିନୀତ ହିନ୍ଦୀର ଲୋକପ୍ରିୟ 'ଆରାଧନା' ଚଳଚ୍ଚିତ୍ରର କାହାଣୀକୁ କପି କରି ଓଡ଼ିଆ ଚଳଚ୍ଚିତ୍ର ନିର୍ମିତ ହୋଇଥିଲା । ତାହା ଦେଖି ସାରିବା ପରେ ଓଡ଼ିଆ ଚଳଚ୍ଚିତ୍ର ପ୍ରତି ଏ ଲେଖକର ଘୃଣା ଭାବ ଚାଲି ଆସିଥିଲା । ସେ ଯାହା ହେଉ, ୧୯୫୦ ମସିହାରେ 'ଶ୍ରୀଜଗନ୍ନାଥ' ଚଳଚ୍ଚିତ୍ର ସେତେବେଳେ ଖୁବ୍ ଆଦୃତ ହୋଇଥିଲା ଓ ତେଲୁଗୁ ଭାଷାରେ ତାହା ପୁନଃନିର୍ମିତ ହୋଇ ଦକ୍ଷିଣ ଭାରତରେ ଆଦୃତ ମଧ୍ୟ ହୋଇ ପାରିଥିଲା । ଏବେ ଓଡ଼ିଆ ଚଳଚ୍ଚିତ୍ର 'ଲହରୀ'କୁ ଜାତୀୟ ପୁରସ୍କାରର ମର୍ଯ୍ୟାଦା ମିଳିଥିବାରୁ ଆମେମାନେ ଖୁବ୍ ଆନନ୍ଦିତ ।

କେନ୍ଦ୍ର ସୂଚନା ଓ ପ୍ରସାରଣ ବିଭାଗ ପକ୍ଷରୁ ଗୁଜରାଟର ଏକତା ନଗରରେ ଆୟୋଜିତ ୭୨ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଉତ୍ସବରେ ଏହି ପୁରସ୍କାର ମିଳି ପାରିଛି– ଗତ ସେପ୍ଟେମ୍ବର ୨୨ ତାରିଖ (୨୦୨୬)ରେ । ବଡ଼ କଥା ହେଉଛି ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜଣେ ଓଡ଼ିଆ । ସେ ଏହି ଚଳଚ୍ଚିତ୍ର ପ୍ରଯୋଜକ ଝିଲ୍ଲିକ ଭଟ୍ଟାଚାର୍ଯ୍ୟ ଓ ନିର୍ଦ୍ଦେଶକ ଅମର୍ତ୍ତ୍ୟ ଭଟ୍ଟାଚାର୍ଯ୍ୟଙ୍କୁ ନୂଆଦିଲ୍ଲୀରେ ପୁରସ୍କାର ପ୍ରଦାନ କରିବା ଆମ ପାଇଁ ଥିଲା ଗର୍ବର ବିଷୟ । ଓଡ଼ିଶାର ସର୍ବ ପୁରାତନ ସମ୍ବାଦପତ୍ର ଏ ସମ୍ପର୍କରେ ଲେଖିଛନ୍ତି, 'ମୋସନ ପିକଚର୍ରସ୍' ପକ୍ଷରୁ ନିର୍ମିତ 'ଲହରୀ'ରେ ମାଟିର କଥା ସାଙ୍ଗକୁ ରହିଛି ସଂସ୍କୃତି, ପରମ୍ପରା ଓ ପର୍ଯ୍ୟଟନ ବିକାଶର କଥା । ସାମାଜିକ ଜୀବନର ମୂଳତତ୍ତ୍ୱ ସହ ନିଜକୁ ଯୋଡ଼ି ରଖିବା ଓ ବାପ–ପୁଅର ସମ୍ପର୍କ ଉପରେ ଆଧାରିତ ଏବର କାହାଣୀ । ଓଡ଼ିଆ ମୌଳିକ କାହାଣୀ ତଥା ବାସ୍ତବ ଚିତ୍ରକୁ ନେଇ ଚଳଚ୍ଚିତ୍ର କଲେ ନିଶ୍ଚିତ ସଫଳତା ମିଳିବ ଯାହା ଆଜି ପ୍ରମାଣିତ ହୋଇଛି । ('ସମାଜ' ପୃଷ୍ଠା ୪, ୨୩ ସେପ୍ଟେମ୍ବର ୨୦୨୬)

**କେନ୍ଦ୍ର ସୂଚନା ଓ ପ୍ରସାରଣ ବିଭାଗ ପକ୍ଷରୁ ଗୁଜରାଟର ଏକତା ନଗରରେ ଆୟୋଜିତ ୭୨ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଉତ୍ସବରେ ଏହି ପୁରସ୍କାର ମିଳି ପାରିଛି– ଗତ ସେପ୍ଟେମ୍ବର ୨୨ ତାରିଖ (୨୦୨୬)ରେ । ବଡ଼ କଥା ହେଉଛି ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜଣେ ଓଡ଼ିଆ । ସେ ଏହି ଚଳଚ୍ଚିତ୍ର ପ୍ରଯୋଜକ ଝିଲ୍ଲିକ ଭଟ୍ଟାଚାର୍ଯ୍ୟ ଓ ନିର୍ଦ୍ଦେଶକ ଅମର୍ତ୍ତ୍ୟ ଭଟ୍ଟାଚାର୍ଯ୍ୟଙ୍କୁ ନୂଆଦିଲ୍ଲୀରେ ପୁରସ୍କାର ପ୍ରଦାନ କରିବା ଆମ ପାଇଁ ଥିଲା ଗର୍ବର ବିଷୟ ।**

ପ୍ରକୃତରେ ଓଡ଼ିଆ ଚଳଚ୍ଚିତ୍ରଗୁଡ଼ିକ ଅତୀତରେ ମଧ୍ୟ ପୁରସ୍କୃତ ହୋଇଛି ଓ ଆମମାନଙ୍କ ପାଇଁ ଗର୍ବର କାରଣ ହୋଇ ପାରିଛି । ୧୯୮୩ରେ ନୀରଦ ମହାପାତ୍ରଙ୍କରଦ୍ୱାରା ନିର୍ମିତ ଓ ନିର୍ଦ୍ଦେଶିତ ଓଡ଼ିଆ ଚଳଚ୍ଚିତ୍ର 'ମାୟା ମିରିଗ' ସେତେବେଳେ ବେଶ ଆଲୋଡ଼ନ ସୃଷ୍ଟି କରିଥିଲା । ସେହି ଚଳଚ୍ଚିତ୍ରଟି ମଧ୍ୟ ଜାତୀୟ ପୁରସ୍କାର ଲାଭ କରିଥିଲା । ଏବେ ସେ ସ୍ୱର୍ଗରେ । ସେହିପରି ମନମୋହନ ମହାପାତ୍ରଙ୍କଦ୍ୱାରା ନିର୍ମିତ, ନିର୍ଦ୍ଦେଶିତ ଓଡ଼ିଆ ଚଳଚ୍ଚିତ୍ର 'ନୀରବ ଝଡ଼' ଓ 'କ୍ଳାନ୍ତ ଅପରାହ୍ନ' ମଧ୍ୟ ଆଦୃତ ହୋଇ ଜାତୀୟ ପୁରସ୍କାର ଲାଭ କରିଥିଲା । ସେ ମଧ୍ୟ ଏବେ ସ୍ୱର୍ଗବାସୀ । ମାତ୍ର ଆଉ ଜଣେ ପ୍ରଖ୍ୟାତ ହିନ୍ଦୀ ଚଳଚ୍ଚିତ୍ରର ଅଭିନେତା ଓ ଚଳଚ୍ଚିତ୍ର ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର ଆମ ଗହଣରେ ଅଛନ୍ତି ଏବେ ବି । ତାଙ୍କଦ୍ୱାରା ୧୯୮୯ରେ ନିର୍ଦ୍ଦେଶିତ 'ଭୂଖା' ଚଳଚ୍ଚିତ୍ର ଯେଉଁଥିରେ ଓଡ଼ିଆ ସହିତ ସମ୍ବଲପୁରୀ ଭାଷା ମଧ୍ୟ ରହିଛି, ତାହା ଜାତୀୟ ସ୍ତରରେ ଆଲୋଡ଼ନ ସୃଷ୍ଟି କରି ପାରିଥିଲା । ଏ ତିନି ମହାପାତ୍ରଙ୍କ ବ୍ୟତୀତ ପଲ୍ଲୀକବି ନନ୍ଦକିଶୋରଙ୍କ ରଚିତ 'କନକଲତା' ଉପନ୍ୟାସକୁ ନେଇ ଚଳଚ୍ଚିତ୍ର ନିର୍ମାଣ କରିଥିବା ଆଉ ଜଣେ ମହାପାତ୍ର ଅର୍ଥାତ୍ ଘନଶ୍ୟାମ ମହାପାତ୍ରଙ୍କର ଏହି ଚଳଚ୍ଚିତ୍ରଟି ଜାତୀୟ ଓ ଅର୍ନ୍ତଜାତୀୟ କ୍ଷେତ୍ରରେ ପ୍ରଶଂସିତ ହୋଇଛି । ସେହିପରି ଓଡ଼ିଆ ଚଳଚ୍ଚିତ୍ରଗୁଡ଼ିକ ମଧ୍ୟରେ ପ୍ରସିଦ୍ଧ ଚଳଚ୍ଚିତ୍ର ନିର୍ଦ୍ଦେଶକ ଓ ଅଧ୍ୟାପକ ହିମାଂଶୁ ଖଟୁଆଙ୍କ 'ଶୂନ୍ୟ ସ୍ୱରୂପ' ଓ 'କଥାନ୍ତର' ପ୍ରଭୃତି ଓଡ଼ିଆ ଚଳଚ୍ଚିତ୍ର ଜାତୀୟ ସ୍ତରରେ ମଧ୍ୟ ପୁରସ୍କୃତ ହୋଇ ପାରିଛି ।

ଓଡ଼ିଆ ଅଭିନେତା ସାଧୁ ମେହେର 'ଅଙ୍କୁର' ହିନ୍ଦୀ ଚଳଚ୍ଚିତ୍ରରେ ଅଭିନୟ କରି 'କୋସିସ' ନାମକ ଅନ୍ୟ ଏକ ହିନ୍ଦୀ ଚଳଚ୍ଚିତ୍ରରେ ଅଭିନେତା ସଂଜୀବ କୁମାରଙ୍କୁ ମଧ୍ୟ ଅଭିନୟରେ ବଳି ଯାଇଥିଲେ ବୋଲି ନିଜେ ସଂଜୀବ କୁମାର, ସାଧୁ ମେହେରଙ୍କୁ ଏକଦା କହିଥିଲେ, ଯାହା ଶ୍ରୀ ମେହେର ଏହି ଲେଖକଙ୍କ ନିକଟରେ ପ୍ରକାଶ କରିଥିଲେ । ସେହି 'ଅଙ୍କୁର'ର ନାୟିକା ଥିଲେ ସାବାନା ଆଜମୀ । ଏହି ଚଳଚ୍ଚିତ୍ର 'ସ୍ୱର୍ଣ୍ଣ କମଳ' ଜାତୀୟ ପୁରସ୍କାର ଲାଭ କରିଥିଲା । ଓଡ଼ିଆ ଅଭିନେତ୍ରୀ ନନ୍ଦିତା ଦାସ ମଧ୍ୟ ବିଭିନ୍ନ ହିନ୍ଦୀ ଚଳଚ୍ଚିତ୍ରରେ ଅଭିନୟ କରିବା ସହିତ 'ଫିରାକ' (୨୦୦୮) ନାମକ ଏକ ଉର୍ଦ୍ଦୁ ଚଳଚ୍ଚିତ୍ରରେ ନିର୍ଦ୍ଦେଶନା ଦେଇ ଜାତୀୟ ପୁରସ୍କାର ଲାଭ କରିଥିଲେ । ବିଶିଷ୍ଟ ଅଭିନେତା ଓ ଚିକିତ୍ସକ ଡାକ୍ତର ଚିତ୍ତରଂଜନ ମିଶ୍ରଙ୍କ ଉଦ୍ୟମରେ 'ଓଡ଼ିଶାରେ ଗାନ୍ଧି' ଚଳଚ୍ଚିତ୍ରଟି ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡ଼ି ରହିଛି । ଅର୍ଥାଭାବ ଯୋଗୁଁ ଏହା ସମ୍ପୂର୍ଣ୍ଣ ହୋଇ ପାରି ନାହିଁ । ତେବେ ଓଡ଼ିଆ ଚଳଚ୍ଚିତ୍ରର ଭବିଷ୍ୟତ ଉଜ୍ଜ୍ୱଳ ହେଉ । ଏହା ହିଁ କାମନା ।

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

## ଆଜିର ଅନୁଚିନ୍ତା :

# ବିସ୍ଥାପନ ସମସ୍ୟା: ଏକ ଦୃଷ୍ଟିପାତ–୨



ରତ୍ନାକର ରାଉତ

କିଛିଦିନ ପୂର୍ବରୁ 'ଆମେ କୁଆଡ଼େ ଯିବୁ' ଶୀର୍ଷକରେ ଏକ କବିତା ଲେଖିଥିଲି । ସେହି କବିତାର ପ୍ରଥମ ପଦଟି ନିମ୍ନରେ ଉଲ୍ଲେଖ କରୁଛି । 'ଆମେ କୁଆଡ଼େ ଯିବୁ/ ଜନ୍ମ ହୋଇଛୁ ଏଇଠି, ଏଇ ମାଟିରେ/ ଏ ଆମ ଜନ୍ମଭୂମି/ ଯେଉଁଠି ଜଳିଛି ଆମ ଏନ୍ତୁଡ଼ି/ ଯେଉଁଠି ଅଛି ଆମର ଷଠିଦୁଶୀ/ ଯେଉଁ ମାଟି, ପାଣି, ପବନରୁ ଗଢ଼ା/ ଆମର ଅସ୍ଥି, ମଜ୍ଜା, ମେଦ, ମାଂସ/ ପ୍ରତ୍ୟେକ ଜୀବକୋଷ/.ଯେଉଁଠି ଶେଷରେ ଜଳିବ ଆମର ଚିତା/ ଏହା ଆମର ଅଭିଳାଷ/ ତାକୁ ଛାଡ଼ି ଯିବୁ କୁଆଡ଼େ ।' ବିସ୍ଥାପିତ ଲୋକଙ୍କ ମାଟି ସହିତ ବନ୍ଧନ, ସମ୍ପର୍କ ଓ ମୋହ, ତାଂକ ମନର ବ୍ୟଥା, ଦରଦ, ଯନ୍ତ୍ରଣା ଏବଂ ଅନାଗତ ଭବିଷ୍ୟତରେ ଅନିଶ୍ଚିତତାର ଆଶଂକା ଏ କବିତାର ସ୍ୱର । ଆମେ କୁଆଡ଼େ ଯିବୁ ଏ ମାଟି ଛାଡ଼ି କବିତାର ଏହି ପଂକ୍ତି ହିଁ ବିସ୍ଥାପନର ସବୁଠୁ ବଡ଼ ପ୍ରଶ୍ନ । ବିସ୍ଥାପନ କେବଳ ଏକ ଭୌଗୋଳିକ ସ୍ଥାନାନ୍ତର ନୁହେଁ, ଏହା ଏକ ସଂସ୍କୃତି, ଏକ ପରିଚୟ, ଏକ ଜୀବନ ଶୈଳୀର ଉଚ୍ଛେଦ । ମାନବ ଜାତି ପାଇଁ ଏହା ନିଶ୍ଚୟ ଏକ ଗୁରୁତର ସମସ୍ୟା । କିନ୍ତୁ ଆଜିର ବିଶ୍ୱାୟନ ଓ ଶିଳ୍ପାୟନ ଯୁଗରେ ପ୍ରଶ୍ନ ଉଠୁଛି, ବିସ୍ଥାପନ ବିନା ବିକାଶ କଣ ସମ୍ଭବ କି?

ତେଣୁ ବିସ୍ଥାପନ କ'ଣ ସେ ସଂପର୍କରେ ପ୍ରଥମେ ଅବଗତ ହେବା ଜରୁରୀ । ସାଧାରଣ ଭାବେ ଜଣେ ବ୍ୟକ୍ତି ବା ଏକ ସମୁଦାୟ ନିଜର ମୂଳ ବାସସ୍ଥାନରୁ ବଳପୂର୍ବକ ବା ପରିସ୍ଥିତି ବଶତଃ ଅନ୍ୟତ୍ର ଯିବାକୁ ବାଧ୍ୟ ହେବାକୁ ବିସ୍ଥାପନ କୁହାଯାଏ । ଏହା ଦୁଇ ପ୍ରକାରର –

୧) ପ୍ରାକୃତିକ ବିସ୍ଥାପନ: ବନ୍ୟା, ବାତ୍ୟା, ମରୁଡ଼ି, ଭୂମିକମ୍ପ ହେତୁ ।

୨) ମାନବକୃତ ବିସ୍ଥାପନ: ଯାହା ବିକାଶମୂଳକ କାର୍ଯ୍ୟ ପାଇଁ ହୁଏ । ଆମ ଆଲୋଚନା ମୁଖ୍ୟତଃ ଏହି ଦ୍ୱିତୀୟ ପ୍ରକାରକୁ ନେଇ । ବନ୍ଧ, କାରଖାନା, ଖଣି, ବନ୍ଦର, ବିମାନ ବନ୍ଦର, ସ୍ମାର୍ଟ ସିଟି, ଜାତୀୟ ରାଜପଥ ପାଇଁ ହଜାର ହଜାର ଲୋକଙ୍କୁ ସେମାନଙ୍କ ପୁରୁଷ ପୁରୁଷର ଭିଟାମାଟିରୁ ଉଚ୍ଛେଦ କରାଯାଉଛି ।

ଅତଏବ, ବିସ୍ଥାପନର ଗମ୍ଭୀର ପରିଣତି ସମ୍ପର୍କରେ ଏଠାରେ ଆଲୋକପାତ କରିବା ଆବଶ୍ୟକ । ବିସ୍ଥାପନର କ୍ଷତ କେବଳ ଅର୍ଥନୈତିକ ନୁହେଁ, ବହୁମୁଖୀ । ସେଗୁଡ଼ିକ ହେଲା :–

**୧– ଅର୍ଥନୈତିକ ସଙ୍କଟ:** ଜମି ହରାଇବା ମାନେ ଜୀବିକା ହରାଇବା । ଚାଷୀ ହୁଏ ମୂଲିଆ, ମାଲିକ ହୁଏ ଶ୍ରମିକ । କ୍ଷତିପୂରଣ ଟଙ୍କା କିଛି ଦିନରେ ଶେଷ ହୋଇଯାଏ, କିନ୍ତୁ ସ୍ଥାୟୀ ରୋଜଗାର ମିଳେ ନାହିଁ ।

**୨– ସାମାଜିକ ଓ ସାଂସ୍କୃତିକ ବିଚ୍ଛିନ୍ନତା:**
ଏହା ସବୁଠୁ ବଡ଼ ଆଘାତ । ଗୋଟିଏ ଗାଁ ମାନେ କେବଳ କିଛି ଘର ନୁହେଁ, ତାହା ହେଉଛି ପରସ୍ପର ମଧ୍ୟରେ ଭାଇଚାରା, ଗ୍ରାମ୍ୟ ଦେବତା, ଠାକୁର, ଠାକୁରାଣୀ, ଦେଉଳ, ପୋଖରି, ବିଦ୍ୟାଳୟ,ଭାଗବତ ଟୁଙ୍ଗୀ, ଗ୍ରାମ୍ୟ ପାଠାଗାର, ଶ୍ମଶାନ, ଖେଳ ପଡ଼ିଆ, ସାହି ଭାଇର ସମ୍ପର୍କ । ବିସ୍ଥାପନ ଏ ସବୁକୁ ଛିନ୍ନଭିନ୍ନ କରିଦିଏ । ଯେମିତି କବିତାରେ ଲେଖାଯାଇଛି, ଏନ୍ତୁଡ଼ି ଓ ଷଠିଦୁଶୀ, ସେ ସ୍ମୃତି ସବୁ ଲିଭିଯାଏ । ବିଶେଷ କରି ଆଦିବାସୀ ସମାଜ ପାଇଁ ଜଙ୍ଗଲ ଓ ଜମି ହେଉଛି ତାଙ୍କର ମହାପ୍ରଭୁ, ତାଙ୍କ ଦେବୀ, ଦେବତା, ତାଙ୍କର ଧର୍ମଗ୍ରନ୍ଥ । ତାଙ୍କୁ ସେଠୁ ଅଲଗା କରିବା ମାନେ ତାଙ୍କୁ ଆତ୍ମାହୀନ କରିଦେବା । ଏହା ସେମାନଙ୍କ ପାଇଁ ସାଂସ୍କୃତିକ ବିଚ୍ଛେଦ ।

**ଏହା ସବୁଠୁ ବଡ଼ ଆଘାତ । ଗୋଟିଏ ଗାଁ ମାନେ କେବଳ କିଛି ଘର ନୁହେଁ, ତାହା ହେଉଛି ପରସ୍ପର ମଧ୍ୟରେ ଭାଇଚାରା, ଗ୍ରାମ୍ୟ ଦେବତା, ଠାକୁର, ଠାକୁରାଣୀ, ଦେଉଳ, ପୋଖରି, ବିଦ୍ୟାଳୟ,ଭାଗବତ ଟୁଙ୍ଗୀ, ଗ୍ରାମ୍ୟ ପାଠାଗାର, ଶ୍ମଶାନ, ଖେଳ ପଡ଼ିଆ, ସାହି ଭାଇର ସମ୍ପର୍କ । ବିସ୍ଥାପନ ଏ ସବୁକୁ ଛିନ୍ନଭିନ୍ନ କରିଦିଏ । ଯେମିତି କବିତାରେ ଲେଖାଯାଇଛି, ଏନ୍ତୁଡ଼ି ଓ ଷଠିଦୁଶୀ, ସେ ସ୍ମୃତି ସବୁ ଲିଭିଯାଏ । ବିଶେଷ କରି ଆଦିବାସୀ ସମାଜ ପାଇଁ ଜଙ୍ଗଲ ଓ ଜମି ହେଉଛି ତାଙ୍କର ମହାପ୍ରଭୁ, ତାଙ୍କ ଦେବୀ, ଦେବତା, ତାଙ୍କର ଧର୍ମଗ୍ରନ୍ଥ । ତାଙ୍କୁ ସେଠୁ ଅଲଗା କରିବା ମାନେ ତାଙ୍କୁ ଆତ୍ମାହୀନ କରିଦେବା । ଏହା ସେମାନଙ୍କ ପାଇଁ ସାଂସ୍କୃତିକ ବିଚ୍ଛେଦ ।**

**୩– ମନସ୍ତାତ୍ତ୍ୱିକ ବା ମାନସିକ ପ୍ରଭାବ:** ବାସ୍ତୁହରା ଲୋକ ସବୁବେଳେ ନିଜକୁ ଅନାଥ ମନେ କରେ । ଉପରୋକ୍ତ କବିତାର ଭାଷାରେ ଅନାଥର ଆଶ୍ରା ପରି । ହୀନମନ୍ୟତା, ଅନିଶ୍ଚିତତା ତାଙ୍କୁ ଘାରେ । ବାସ୍ତୁହରା ହୋଇଯିବାର ଦୁର୍ଭାଗ୍ୟ ସେମାନେ ଭୋଗନ୍ତି ।

ଏବେ ଓଡ଼ିଶା ପ୍ରସଙ୍ଗରେ ଭିନ୍ନ ଭିନ୍ନ ସମୟରେ ଘଟିଥିବା ବିସ୍ଥାପନ ସଂପର୍କରେ ସମ୍ୟକ ଉଲ୍ଲେଖ କରିବା ଯଥାର୍ଥ ହେବ । ଆମ ରାଜ୍ୟ ଓଡ଼ିଶା ବିସ୍ଥାପନର ଏକ ଜ୍ୱଳନ୍ତ ଉଦାହରଣ । ହୀରାକୁଦ ବନ୍ଧ ଠାରୁ ଆରମ୍ଭ କରି ରାଉରକେଲା ଷ୍ଟିଲ ପ୍ଲାଣ୍ଟ, ବାଲିମେଳା, କୋଲାବ, ତାଳଚେର, କୋଇଲା ଖଣି ଅଞ୍ଚଳ, କଳିଙ୍ଗନଗର, ପୋସ୍କୋ, ନିୟମଗିରି ଯାଏଁ ଲକ୍ଷ ଲକ୍ଷ ପରିବାର ବିସ୍ଥାପିତ ହୋଇଛନ୍ତି । ସରକାରୀ ତଥ୍ୟ ଅନୁଯାୟୀ ଓଡ଼ିଶାରେ ୧୯୫୦ରୁ ୨୦୨୦ ମଧ୍ୟରେ ପ୍ରାୟ ୧୫ ଲକ୍ଷ ଲୋକ ବିସ୍ଥାପିତ ହୋଇଛନ୍ତି, ଯେଉଁଥିରେ ୪୦ ପ୍ରତିଶତରୁ ଅଧିକ ଆଦିବାସୀ ସଂପ୍ରଦାୟର ଲୋକ । ସେମାନଙ୍କ ମଧ୍ୟରୁ ଅନେକଙ୍କୁ ଆଜି ଯାଏଁ ଠିକ୍ ଭାବେ ଥଇଥାନ କରାଯାଇ ନାହିଁ ।

ତେବେ ବିକାଶ ପାଇଁ ବିସ୍ଥାପନ ଜରୁରୀ କି? ଏଭଳି ଏକ ଅତ୍ୟନ୍ତ ସମ୍ବେଦନଶୀଳ, ସ୍ପର୍ଶକାତର ଓ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ନ କଲେ ଏ ଆଲେଖ୍ୟ ଅସମ୍ପୂର୍ଣ୍ଣ ରହିବ ବୋଲି ମନେହୁଏ । ଏହି ପ୍ରସଙ୍ଗରେ ଏଠାରେ ଆମକୁ ନିରପେକ୍ଷ ଭାବେ ଚିନ୍ତା କରିବାକୁ ପଡ଼ିବ । ବିକାଶ ଆମକୁ ଦରକାର । ଦେଶର କୋଟି କୋଟି ଲୋକଙ୍କୁ ବିଦ୍ୟୁତ ଯୋଗାଇବା ପାଇଁ ବନ୍ଧ ଦରକାର, ଇସ୍ପାତ ତିଆରି ପାଇଁ କାରଖାନା ଦରକାର, ଖଣିଜ ସମ୍ପଦ ଉତ୍ତୋଳନ ଦରକାର । ଏହା ସତ୍ୟ ଯେ ବିନା ଶିଳ୍ପରେ କୌଣସି ଦେଶ ଆଗକୁ ଯାଇପାରିବ ନାହିଁ । ତେଣୁ ସୀମିତ ପରିସରରେ ବିସ୍ଥାପନକୁ ଏଡ଼ାଇ ଦିଆଯାଇ ନପାରେ ।

ମାତ୍ର ପ୍ରଶ୍ନ ହେଉଛି, ବିକାଶ କାହା ପାଇଁ? ଯଦି ବିକାଶ ନାମରେ କିଛି ଲୋକ ସମୃଦ୍ଧ ହେବେ ଏବଂ ହଜାର ହଜାର ଲୋକ ବାସ୍ତୁହରା ହେବେ, ତେବେ ସେହି ବିକାଶର ଅର୍ଥ କ'ଣ? ଆମେରିକୀୟ ଅର୍ଥନୀତିଜ୍ଞ ମାଇକେଲ ସେରନିଆ କହିଛନ୍ତି–ବିସ୍ଥାପନ ଯୋଗୁଁ ଲୋକେ ୮ ପ୍ରକାର ବିପଦର ସମ୍ମୁଖୀନ ହୁଅନ୍ତି – ଭୂମିହୀନ, ବେକାର, ଗୃହହୀନ, ପ୍ରାନ୍ତୀୟକୃତ, ଖାଦ୍ୟ ଅନିରାପତ୍ତା, ଶିକ୍ଷା ଓ ସ୍ୱାସ୍ଥ୍ୟ ସୁବିଧାରୁ ବଞ୍ଚିତ ଏବଂ ସାମାଜିକ ବିଚ୍ଛିନ୍ନତା ।

ଅତଏବ,ଏହି ଅନାକାଂକ୍ଷିତ ସମସ୍ୟାର ସମାଧାନର ବାଟ କଣ?

**୧– ସର୍ବନିମ୍ନ ବିସ୍ଥାପନ ନୀତି:** ପ୍ରଥମେ ଚିନ୍ତା କରିବା ଦରକାର, କଥିତ ପ୍ରକଳ୍ପ ପାଇଁ ବିକଳ୍ପ ଜାଗା ଅଛି କି ? ଅନୁର୍ବର ଜମିକୁ ବ୍ୟବହାର କରାଯାଇ ପାରିବ କି ? ଜଙ୍ଗଲ ଓ ଚାଷ ଜମିକୁ କିପରି ଯୋଜନା କଲେ ଏଡ଼ାଯାଇ ପାରିବ ?

**୨– ଥଇଥାନ ପୂର୍ବରୁ ବିସ୍ଥାପନ ନୁହେଁ:**
ଏବେର ପ୍ରଥା ପ୍ରକଳ୍ପର ଗୁରୁତ୍ୱ ଦୃଷ୍ଟିରୁ ଯାହା ଅନୁସୃତ ହୋଇ ଆସୁଛି, ପ୍ରଥମେ ଲୋକଙ୍କୁ ଉଠାଇ ଦିଅ, ପରେ ଥଇଥାନ । ଏହାକୁ ବଦଳାଇ ପ୍ରଥମେ ପୁନର୍ବାସ କଲୋନୀ, ସ୍କୁଲ, ହସ୍ପିଟାଲ, ଜୀବିକାର ବ୍ୟବସ୍ଥା କରି ସାରିବା ପରେ ବିସ୍ଥାପନ କରାଯିବା ଉଚିତ ।

**୩– ଜମି ବଦଳରେ ଜମି:** କେବଳ ଟଙ୍କା ନୁହେଁ, ଚାଷୀକୁ ଚାଷ ଜମି ଦିଆଯାଉ । ୨୦୧୩ ଭୂ–ଅଧିଗ୍ରହଣ ଆଇନ ଏହା କହୁଛି । ଏହାଛଡ଼ା ବିକଳ୍ପ ସ୍ଥାୟୀ ରୋଜଗାରର ପନ୍ଥା ବିସ୍ଥାପିତଙ୍କ ପାଇଁ ଉପଲବ୍ଧ କରେଇବା ।

**୪– ବିକାଶରେ ଅଂଶୀଦାର:** ବିସ୍ଥାପିତ ଲୋକଙ୍କୁ ଭିକାରୀ ଭାବେ ନ ଦେଖି, ସେହି ପ୍ରକଳ୍ପର ଅଂଶୀଦାର କରାଯାଉ । ସେମାନଙ୍କ ପରିବାରରୁ ଜଣକୁ ଚାକିରି, ପ୍ରକଳ୍ପ ଲାଭରେ ଅଂଶୀଦାର କରାଯିବା ଉଚିତ ।

**୫– ଗ୍ରାମସଭାର ଅନୁମତି: Panchayats ( Extension to Scheduled Areas) Act** ବା ସଂକ୍ଷେପରେ ପେସା(PESA) ଆଇନ ଓ ବନ ଅଧିକାର ଆଇନ ଅନୁଯାୟୀ ଆଦିବାସୀ ଅଞ୍ଚଳରେ ଗ୍ରାମସଭା ବିନା କୌଣସି ଅଧିଗ୍ରହଣ ହେବା ଅନୁଚିତ ।

ଉପରୋକ୍ତ ଆଲୋଚନାରୁ ଏହି ନିଷ୍କର୍ଷରେ ପହଞ୍ଚି ହେବ, ବିକାଶ ଜରୁରୀ, କିନ୍ତୁ କୌଣସି ପରିସ୍ଥିତିରେ ମଣିଷକୁ ବଳି ଦେଇ ନୁହେଁ । ପ୍ରକୃତ ବିକାଶ ସେହି, ଯେଉଁଠି କେହି ପଛରେ ପଡ଼ି ରହିବେ ନାହିଁ । ତେଣୁ ଉଲ୍ଲିଖିତ କବିତାର ଶେଷରେ ଯେଉଁ ଆଶା ପୋଷଣ କରାଯାଇଛି, କେବେ ତୁମ ମନ ବୁଝିଗଲେ ଏହାର ବିକାଶ ପାଇଁ ମନ ବଳେଇବ–ଏହା ହିଁ ମାନବିକ ବିକାଶର ମନ୍ତ୍ର ହେବା ଉଚିତ । ବିସ୍ଥାପନକୁ ଶେଷ ବିକଳ୍ପ ଭାବେ ଦେଖିବା, ପ୍ରଥମ ବିକଳ୍ପ ଭାବେ ନୁହେଁ । ନଚେତ୍ ଆମେ ସମୃଦ୍ଧିର ପିରାମିଡ ଗଢ଼ିବୁ, କିନ୍ତୁ ତା' ତଳେ ଚାପି ହୋଇ ମରିବେ ନିରୀହ ମଣିଷ ଓ କାଳ କାଳ ପାଇଁ ଫସିଲ୍ ହୋଇଯିବ ମାନବ ଜାତିର ଅସଲ ସଂପଦ ମାଓ୍ୱବୀୟ ମୂଲ୍ୟବୋଧ ଓ ମାନବିକତା ।

**(ଲେଖକ ଭାରତୀୟ ପ୍ରଶାସନିକ ସେବାର ଜଣେ ଅବସରପ୍ରାପ୍ତ ଅଧିକାରୀ ଓ ସୁଲେଖକ)**
**ପ୍ଲଟ ନମ୍ବର –୭୬୭(ପାର୍ଟ),ଜୟଦୁର୍ଗା ନଗର,ଭୁବନେଶ୍ୱର,ପିନ୍–୭୫୧୦୦୬,**
**ମୋ– ୯୪୩୭୩୮୨୨୮୧**

# ଆସନ୍ତାକାଲି ବଞ୍ଚିବା ପାଇଁ ଆୟୁର୍ବେଦ



ସନାତନ ମହାକୁଡ଼

ଆୟୁର୍ବେଦ ହେଉଛି ଭାରତୀୟ ଚିକିତ୍ସା ପଦ୍ଧତିର ଏକ ପ୍ରାଚୀନ ପରମ୍ପରା । ଯୋଗ ଓ ସଂସ୍କୃତ ଭଳି ଆୟୁର୍ବେଦ ମଧ୍ୟ ବିଶ୍ୱ ପାଇଁ ଭାରତର ଏକ ଅମୂଲ୍ୟ ଅବଦାନ । 'ଆୟୁର୍ବେଦ' ଶବ୍ଦର ଅର୍ଥ ହେଉଛି 'ଆୟୁ' ବା ଜୀବନ ଏବଂ 'ବେଦ'ର ଅର୍ଥ ହେଉଛି ଜ୍ଞାନ । ତେଣୁ ଆୟୁର୍ବେଦ କେବଳ ରୋଗ ଚିକିତ୍ସାର ଏକ ପଦ୍ଧତି ନୁହେଁ ଏହା ସୁସ୍ଥ, ସନ୍ତୁଳିତ ଓ ଦୀର୍ଘ ଜୀବନଯାପନର ଏକ ସମଗ୍ର ଦର୍ଶନ ।

ଆଧୁନିକ ସମାଜରେ ଆୟୁର୍ବେଦର ଆବଶ୍ୟକତା ଅନେକ ରହିଛି । ବର୍ତ୍ତମାନର ତୀବ୍ର ପରବର୍ତ୍ତନଶୀଳ ଜୀବନରେ ଅନିୟମିତ ଖାଦ୍ୟାଭ୍ୟାସ, ଅପର୍ଯ୍ୟାପ୍ତ ନିଦ୍ରା, ଶାରୀରିକ ନିଷ୍କ୍ରିୟତା ଓ ଅତ୍ୟଧିକ ମାନସିକ ଚାପ ଆମମାନଙ୍କ ସ୍ୱାସ୍ଥ୍ୟକୁ ପ୍ରଭାବିତ କରୁଛି । ଏପରି ପରିସ୍ଥିତିରେ ଆୟୁର୍ବେଦର ସୁସ୍ଥ ଜୀବନଶୈଳୀ ସମ୍ପର୍କିତ କେତେକ ଶିକ୍ଷା ବିଶେଷ ଗୁରୁତ୍ୱ ବହନ କରେ ।

**୧) ସନ୍ତୁଳିତ ଖାଦ୍ୟ ହେଉଛି ସୁସ୍ଥ ଜୀବନର ଆଧାର ।** କଥାରେ ଅଛି ଯେମିତି ଅନ୍ନ ସେମିତି ମନ । ଆୟୁର୍ବେଦ ଅନୁଯାୟୀ ଖାଦ୍ୟ ଆମ ଶରୀର ଓ ମନର ସୁସ୍ଥତାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରିଥାଏ । ସତେଜ, ପୌଷ୍ଟିକ ଓ ସନ୍ତୁଳିତ ଖାଦ୍ୟ ନିୟମିତ ସମୟରେ ଏବଂ ଉପଯୁକ୍ତ ପରିମାଣରେ ଖାଇବାର ଅଭ୍ୟାସ ମଧ୍ୟ ରଖିବା ଆବଶ୍ୟକ । ପ୍ରତ୍ୟେକ ବ୍ୟକ୍ତି ନିଜର ବୟସ ଓ କାର୍ଯ୍ୟ ଦକ୍ଷତା ଅନୁଯାୟୀ ଫଳ, ପନିପରିବା, ଡାଲି, ଶସ୍ୟ ଓ ଅନ୍ୟାନ୍ୟ ପୌଷ୍ଟିକ ଖାଦ୍ୟକୁ ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲ କରିବା ଉଚିତ । ସନ୍ତୁଳିତ ଖାଦ୍ୟ ଗ୍ରହଣ: ଅତ୍ୟଧିକ ଜଙ୍କ୍ ଫୁଡ୍ ଓ ଅନିୟମିତ ଖାଦ୍ୟାଭ୍ୟାସକୁ କମାଇ ସତେଜ ଓ ପୌଷ୍ଟିକ ଖାଦ୍ୟ ଖାଇବା ।

ଖାଇବା ସମୟରେ ମନୋଯୋଗ: ଖାଦ୍ୟ ଖାଇବା ବେଳେ ମୋବାଇଲ୍ କିମ୍ବା ଅନ୍ୟାନ୍ୟ ବିକ୍ଷିପ୍ତତାକୁ ଏଡ଼ାଇ ଧୀରେ ଧୀରେ ଖାଇବା ।

**୨) ସୁସ୍ଥ ଜୀବନର ଛୋଟ ଛୋଟ ପଦକ୍ଷେପ ।** ଏହି ପଦକ୍ଷେପ ଦୈନନ୍ଦିନ ଜୀବନରେ ଅଭ୍ୟାସ କରାଯାଇ ପାରେ । ଆୟୁର୍ବେଦରେ ଦିନ, କାଳ, ଋତୁ ଓ ଭୌଗଳିକ ସ୍ଥିତି ଅନୁଯାୟୀ ନିୟମିତ ଦିନଚର୍ଯ୍ୟାକୁ ବିଶେଷ ଗୁରୁତ୍ୱ ଦିଆଯାଇଛି । ସୁସ୍ଥ ରହିବା ପାଇଁ ବଡ଼ ପରିବର୍ତ୍ତନ ଅପେକ୍ଷା ଛୋଟ ଛୋଟ ଭଲ ଅଭ୍ୟାସ ଅଧିକ ଉପଯୋଗୀ ହୋଇଥାଏ । ଉଦାହରଣ ସ୍ୱରୂପ ସକାଳୁ ନିୟମିତ ସମୟରେ ନିଦରୁ ଉଠିବା । ଯାହା ଦିନକୁ ଶୃଙ୍ଖଳିତ ଭାବରେ ଆରମ୍ଭ କରିବାର ଅଭ୍ୟାସ ଶିଖାଏ ।

**୩) ପରିଷ୍କାର ଓ ପରିଚ୍ଛନ୍ନତା ।** ଦୈନିକ ଦାନ୍ତ ଘଷିବା, ଜିଭ ସଫା କରିବା, ଭଲଭାବରେ ସ୍ନାନ କରିବା ଓ ହାତ ସଫା ରଖିବା ଭଳି ଅଭ୍ୟାସ ପାଳନ କରିବା ସହିତ ନିୟମିତ ବ୍ୟବଧାନରେ ନଖ ଏବଂ ଚୁଟି କାଟିବା ଇତ୍ୟାଦି ।

ସୁସ୍ଥ ଆଗାମୀକାଲି ପାଇଁ ବା ସୁସ୍ଥ ଭବିଷ୍ୟତ ଗଢ଼ିବା ପାଇଁ ଆମକୁ ଆଜିଠାରୁ ନିଜ ଜୀବନଶୈଳୀ ପ୍ରତି ସଚେତନ ହେବାକୁ ପଡ଼ିବ । ସନ୍ତୁଳିତ ଖାଦ୍ୟ, ନିୟମିତ ଶାରୀରିକ କାର୍ଯ୍ୟକଳାପ, ପର୍ଯ୍ୟାପ୍ତ ନିଦ୍ରା, ମାନସିକ ଶାନ୍ତି ଓ ପ୍ରକୃତି ସହିତ ସମନ୍ୱୟ ଆମ ଶରୀରରେ ଏସବୁ ଆମ ସ୍ୱାସ୍ଥ୍ୟର ମଜବୁତ ଆଧାର । ଆୟୁର୍ବେଦ ଆମକୁ ଶିଖାଏ– ସ୍ୱାସ୍ଥ୍ୟ ହେଉଛି ସବୁଠାରୁ ବଡ଼ ସମ୍ପଦ । ଆଜିର ସୁସ୍ଥ ଶରୀର ଆସନ୍ତାକାଲିର ସୁସ୍ଥ ଜୀବନର ମୂଳଦୁଆ ବା ଭିତ୍ତି ।

**୪) ଯଥେଷ୍ଟ ପରିମାଣର ପାଣି ପିଇବା ।** ଦିନସାରା ନିଜ ଶରୀରର ଆବଶ୍ୟକତା ଅନୁଯାୟୀ ପାଣି ପିଇବା ଏବଂ ତୃଷାକୁ ଅବହେଳା ନକରିବା । ଏହା ଶରୀରକୁ ଶକ୍ତି ଯୋଗାଇବା ସହିତ ପାଚନ ଓ ରକ୍ତ ସଂଚାଳନରେ ସହଯୋଗ କରିଥାଏ । ଜଳ ଦେହର ବର୍ଜ୍ୟବସ୍ତୁ ସବୁକୁ ଝାଳ, ମଳ ଓ ମୂତ୍ର ମାଧ୍ୟମରେ ନିଷ୍କାସନ କରିଥାଏ ।

**୫) ନିୟମିତ ଶାରୀରିକ କାର୍ଯ୍ୟକଳାପ:** ଯେମିତି ପ୍ରାତଃକାଳ ବା ସନ୍ଧ୍ୟା ସମୟରେ ଭ୍ରମଣ, ବୟସ ଅନୁଯାୟୀ ସହଜ ବ୍ୟାୟାମ, ଯୋଗ ଆସନ, ପ୍ରାଣାୟାମ, ସୂର୍ଯ୍ୟ ନମସ୍କାର, ସାଇକେଲ ଚାଳନା, ସନ୍ତରଣ ଭଳି ଶାରୀରିକ କାର୍ଯ୍ୟକଳାପକୁ ଦୈନନ୍ଦିନ କାର୍ଯ୍ୟସୂଚୀରେ ସାମିଲ କରିବା ।

**୬) ପର୍ଯ୍ୟାପ୍ତ ନିଦ୍ରା ।** ପ୍ରତିଦିନ ଯଥେଷ୍ଟ ଓ ନିୟମିତ ଶୋଇବା ବା ନିଦ୍ରା ନେବା । ଶୋଇବା ପୂର୍ବରୁ ଦୀର୍ଘ ସମୟ ମୋବାଇଲ୍ କିମ୍ବା ସ୍କ୍ରିନ୍ ବ୍ୟବହାର ନକରିବା ଭଲ ଅଭ୍ୟାସ ।

**୭) ମାନସିକ ଶାନ୍ତି:** ସମୟ ବାହାର କରି ଦୈନିକ କିଛି ସମୟ ଧ୍ୟାନ, ଜପ, ପ୍ରାର୍ଥନା, ଗଭୀର ଶ୍ୱାସ–ପ୍ରଶ୍ୱାସ, ପାଠପଢ଼ା କିମ୍ବା ନିଜ ପସନ୍ଦର ଶାନ୍ତ କାର୍ଯ୍ୟରେ ବିତାଇବା ଆବଶ୍ୟକ ।



**୮) ପ୍ରକୃତି ସହିତ କିଛି ସମୟ ବିତାଇବା ।** ସମ୍ଭବ ହେଲେ ପ୍ରତିଦିନ କିଛି ସମୟ ଖୋଲା ପରିବେଶରେ ଚଲାବୁଲା କରବା ଓ ପ୍ରକୃତିକୁ ଉପଭୋଗ କରିବା ।

**୯) ଡିଜିଟାଲ୍ ବିରତି ।** ଅନାବଶ୍ୟକ ଭାବେ ଦୀର୍ଘ ସମୟ ଫୋନ୍ କିମ୍ବା କମ୍ପ୍ୟୁଟର୍ ବ୍ୟବହାର ନକରି ମଧବର୍ତ୍ତୀ ସମୟରେ ବିରତି ନେବା ଆବଶ୍ୟକ । ଦୈନନ୍ଦିନ ନିୟମିତ କାର୍ଯ୍ୟ ଧାରା ଅବଲମ୍ବନ କରିବା:– ପଢ଼ା, ଖାଦ୍ୟ, ବ୍ୟାୟାମ, ବିଶ୍ରାମ ଓ ନିଦ୍ରା ପାଇଁ ଏକ ସୁସଂଗଠିତ ସମୟ ନିର୍ଘଣ୍ଟ ରଖିବା । ଏହି ସରଳ ଅଭ୍ୟାସଗୁଡ଼ିକୁ ଧୀରେ ଧୀରେ ଜୀବନର ଅଂଶ କରିପାରିଲେ ଶରୀର ଓ ମନର ସୁସ୍ଥତା ପ୍ରତି ଅଧିକ ସଚେତନ ହୋଇ ପାରିବା ।

**୧୦) ଆୟୁର୍ବେଦରେ ଯୋଗ, ପ୍ରାଣାୟାମ ଓ ଧ୍ୟାନର ଭୂମିକା ।** ଶରୀର ସହିତ ମନର ସୁସ୍ଥତା ମଧ୍ୟ ଆବଶ୍ୟକ । ଯୋଗ, ପ୍ରାଣାୟାମ ଓ ଧ୍ୟାନ ଭଳି ଅଭ୍ୟାସ ଶାରୀରିକ ସକ୍ରିୟତା, ମନର ଶାନ୍ତି ଓ ଚାପ ପରିଚାଳନାରେ ସହାୟକ ହୋଇପାରେ । ଏଗୁଡ଼ିକୁ ନିୟମିତ ଓ ଉପଯୁକ୍ତ ଭାବରେ ଅଭ୍ୟାସ କରିବା ଉଚିତ ।

**୧୧) ପ୍ରକୃତି ସହିତ ସମନ୍ୱୟ ରଖି ଜୀବନଯାପନ କରିବା ।** ଆୟୁର୍ବେଦର ମୁଖ୍ୟ ବାର୍ତ୍ତା ହେଲା ଋତୁ ଅନୁଯାୟୀ ଖାଦ୍ୟ ଓ ଜୀବନଶୈଳୀରେ ଆବଶ୍ୟକ ପରିବର୍ତ୍ତନ । ସତେଜ ଖାଦ୍ୟ ଗ୍ରହଣ ଏବଂ ପରିବେଶ ପ୍ରତି ଯତ୍ନ ଆମକୁ ଅଧିକ ସୁସ୍ଥ କରିବା ସହ ବାତ, ପିତ୍ତ ଓ କଫ ମଧ୍ୟରେ ସନ୍ତୁଳନତା ଆଣିଥାଏ ।

**୧୨) ଭେଷଜ ଓ ଆୟୁର୍ବେଦିକ ଚିକିତ୍ସାରେ ସଚେତନତା ।**

ଆୟୁର୍ବେଦିକ ଔଷଧ ଓ ଭେଷଜ ଉପଚାର ବ୍ୟବହାର କରିବା ସମୟରେ ସଚେତନତା ଆବଶ୍ୟକ । 'ପ୍ରାକୃତିକ' ବୋଲି ପ୍ରତ୍ୟେକ ଜିନିଷ ସମସ୍ତଙ୍କ ପାଇଁ ନିରାପଦ ହେବ–ଏହା ଧରିନେବା ଠିକ୍ ନୁହେଁ । କୌଣସି ଆୟୁର୍ବେଦିକ ଔଷଧ କିମ୍ବା ଚିକିତ୍ସା ଗ୍ରହଣ ପୂର୍ବରୁ ଯୋଗ୍ୟ ଚିକିତ୍ସକଙ୍କ ପରାମର୍ଶ ନେବା ଉଚିତ ।

**୧୩) ଆୟୁର୍ବେଦ ଓ ଆଧୁନିକ ବିଜ୍ଞାନ:** ଆୟୁର୍ବେଦର ପାରମ୍ପରିକ ଜ୍ଞାନକୁ ଆଧୁନିକ ବୈଜ୍ଞାନିକ ଗବେଷଣା ଓ ସଚେତନତା ସହିତ ଯୋଡ଼ିବା ଆବଶ୍ୟକ । ପ୍ରମାଣଭିତ୍ତିକ ଚିକିତ୍ସା, ଯୋଗ୍ୟ ଚିକିତ୍ସକଙ୍କ ପରାମର୍ଶ ଓ ସୁସ୍ଥ ଜୀବନଶୈଳୀ । ଏସବୁର ସମନ୍ୱୟ ଏକ ଭଲ ସ୍ୱାସ୍ଥ୍ୟ ବ୍ୟବସ୍ଥା ଗଠନରେ ସହାୟକ ହୋଇପାରେ ।

ସୁସ୍ଥ ଆଗାମୀକାଲି ପାଇଁ ବା ସୁସ୍ଥ ଭବିଷ୍ୟତ ଗଢ଼ିବା ପାଇଁ ଆମକୁ ଆଜିଠାରୁ ନିଜ ଜୀବନଶୈଳୀ ପ୍ରତି ସଚେତନ ହେବାକୁ ପଡ଼ିବ । ସନ୍ତୁଳିତ ଖାଦ୍ୟ, ନିୟମିତ ଶାରୀରିକ କାର୍ଯ୍ୟକଳାପ, ପର୍ଯ୍ୟାପ୍ତ ନିଦ୍ରା, ମାନସିକ ଶାନ୍ତି ଓ ପ୍ରକୃତି ସହିତ ସମନ୍ୱୟ ଆମ ଶରୀରରେ ଏସବୁ ଆମ ସ୍ୱାସ୍ଥ୍ୟର ମଜବୁତ ଆଧାର । ଆୟୁର୍ବେଦ ଆମକୁ ଶିଖାଏ–ସ୍ୱାସ୍ଥ୍ୟ ହେଉଛି ସବୁଠାରୁ ବଡ଼ ସମ୍ପଦ । ଆଜିର ସୁସ୍ଥ ଶରୀର ଆସନ୍ତାକାଲିର ସୁସ୍ଥ ଜୀବନର ମୂଳଦୁଆ ବା ଭିତ୍ତି ।

**ଗ୍ରାମ/ ପୋ.ଅ–ବେରୁଆଁବାରୀ**
**୭୫୨୦୮୨, ଜିଲ୍ଲା– ନୟାଗଡ଼ ,ଓଡିଶା**
**ଦୂରଭାଷ– ୯୩୩୯୬୧୦୧୬୮**
**EMAIL:-sanmahakudgmail.com**

# ନାବାଳିକା ବିବାହ ପଣ୍ଡ: ଉଦ୍ଧାର କଲା ଖୋର୍ଦ୍ଧା ଚାଇଲ୍ଡ ହେଲ୍ପ ଲାଇନ

ନିରାକାରପୁର,(ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ଥାନା ଅଞ୍ଚଳରେ ଏକ ନାବାଳିକା ବିବାହକୁ ପଣ୍ଡ କରିବାରେ ସଫଳ ହୋଇଛି ପ୍ରଶାସନ । ବିବାହ ପାଇଁ ବେଦି ପ୍ରସ୍ତୁତ ହୋଇଥିବା ବେଳେ ଏବଂ ଭୋଜିଭାତ ଚାଲିଥିବା ସମୟରେ ଚଢ଼ାଉ ହେବାରୁ କନ୍ୟା ଓ ବର ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ । ତେବେ ଦୀର୍ଘ ୮ ଘଣ୍ଟାର ଲଗାତାର ଛାନଭିନ ପରେ ଉକ୍ତ ୧୫ ବର୍ଷୀୟା ନାବାଳିକାଙ୍କୁ ବେଗୁନିଆ ଥାନା ଅଞ୍ଚଳରୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି ।ବୁଧବାର ଦିନ ଟାଙ୍ଗୋଳ ତାରାଦେବୀ ମନ୍ଦିର ନିକଟରେ ଜଣେ ୧୫ ବର୍ଷର ନାବାଳିକାଙ୍କ ବିବାହ ଆୟୋଜନ କରାଯାଉଥିବା ନେଇ ଖୋର୍ଦ୍ଧା ଚାଇଲ୍ଡ ହେଲ୍ପ-ଲାଇନକୁ ଖବର ମିଳିଥିଲା । ସୂଚନା ପାଇବା ମାତ୍ରେ ଚାଇଲ୍ଡ ହେଲ୍‌-ଲାଇନ ଟିମ, ଟାଙ୍ଗୀ ସିଡିପିଓ ଏବଂ ଜଙ୍କିଆ ପୋଲିସର ଏକ ମିଳିତ ଟିମ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ । ସେଠାରେ ବିବାହ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିଲା, ବେଦି ସଜାଯାଇଥିଲା ଏବଂ ବହୁ ସଂଖ୍ୟାରେ ଲୋକଙ୍କ ପାଇଁ ଖାଦ୍ୟପେୟର ଆୟୋଜନ ମଧ ହୋଇଥିଲା । କିନ୍ତୁ ପ୍ରଶାସନିକ ଟିମ ପହଞ୍ଚିବା ବେଳକୁ ବର ଏବଂ ନାବାଳିକା କନ୍ୟା ଉଭୟ ଘଟଣାସ୍ଥଳରୁ କୁଆଡ଼େ ଖସି ପଳାଇଥିବା ଜଣାପଡ଼ିଥିଲା ।ଏହାପରେ ନାବାଳିକାଙ୍କୁ ଠାବ କରିବା ପାଇଁ ଖୋର୍ଦ୍ଧା ଚାଇଲ୍ଡ ହେଲ୍ପ-ଲାଇନ ଟିମ ପକ୍ଷରୁ ନିରନ୍ତର ଖୋଜାଖୋଜି ଆରମ୍ଭ ହୋଇଥିଲା । ବିଭିନ୍ନ ସୂତ୍ରରୁ ଖବର ସଂଗ୍ରହ କରିବା ସହ ଦୀର୍ଘ ୮ ଘଣ୍ଟାର ଅକ୍ଳାନ୍ତ ପରିଶ୍ରମ ପରେ ଟିମ ଜାଣିବାକୁ ପାଇଥିଲା ଯେ, ନାବାଳିକା ଜଣକ ତାଙ୍କ ହେବାକୁ ଥିବା ଶାଶୁଙ୍କ ସହିତ ବେଗୁନିଆ ଥାନା ଅଞ୍ଚଳରେ ଲୁଚି ରହିଛନ୍ତି । କୌଣସି ବିଳମ୍ବ ନକରି ଟିମ ତୁରନ୍ତ ବେଗୁନିଆରେ ପହଞ୍ଚି ନାବାଳିକାଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲା ।ଉଦ୍ଧାର ପରେ ଆବଶ୍ୟକ ଆଇନଗତ ପ୍ରକ୍ରିୟା ଅନୁସରଣ କରାଯାଇ ନାବାଳିକାଙ୍କୁ ଖୋର୍ଦ୍ଧା ଶିଶୁ ମଙ୍ଗଳ ସମିତି ସମ୍ମୁଖରେ ହାଜର କରାଯାଇଥିଲା । ପରେ ଶିଶୁ ମଙ୍ଗଳ ସମିତି ଙ୍କ ନିର୍ଦ୍ଦେଶକ୍ରମେ ନାବାଳିକାଙ୍କୁ ଖୋର୍ଦ୍ଧାସ୍ଥିତ ଓପେନ ସେଲଟରରେ ଥଇଥାନ କରାଯାଇଛି । ନାବାଳିକାଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିବା ଦିଗରେ ଚାଇଲ୍ଡ ହେଲ୍ପ-ଲାଇନ ଟିମର ଏହି ତତ୍ପରତା ଓ ସଫଳ ପ୍ରୟାସକୁ ସାଧାରଣରେ ପ୍ରଶଂସା କରାଯାଇଛି ।



# ବେଦାନ୍ତ ଆଲୁମିନିୟମକୁ ଆଇବାସ୍ ୨୦୨୬ରେ ଦୁଇଟି ଶ୍ରେଷ୍ଠ ପ୍ରବନ୍ଧ ପୁରସ୍କାର

ଭୁବନେଶ୍ୱର, (ସବ୍ୟୁ) : ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଝାରସୁଗୁଡ଼ାରେ ଅନୁଷ୍ଠିତ ୧୪ତମ ଆନ୍ତର୍ଜାତୀୟ ବକ୍ସାଇଟ୍, ଆଲୁମିନା ଓ ଆଲୁମିନିୟମ ସମ୍ମିଳନୀ ଏବଂ ପ୍ରଦର୍ଶନୀ 'ଆଇବାସ୍ ୨୦୨୬'ରେ ନିଜର ଗବେଷଣା, ନବସୃଜନ ଓ ବୈଷୟିକ ଦକ୍ଷତା ପ୍ରଦର୍ଶନ କରିଛି । କମ୍ପାନୀ ପକ୍ଷରୁ କୃତ୍ରିମ ବୁଦ୍ଧିମତ୍ତା, ଡିଜିଟାଲୀକରଣ, ଆଲୁମିନା ଶୋଧନ, ଆଲୁମିନିୟମ ଗଳନ, ସ୍ଥାୟୀତ୍ୱ, ମିଶ୍ରଧାତୁ ବିକାଶ, ସମ୍ପଦ ପୁନରୁଦ୍ଧାର ଓ କାର୍ଯ୍ୟକ୍ଷମତା ବୃଦ୍ଧି ଭଳି ପ୍ରମୁଖ କ୍ଷେତ୍ରରେ ୨୪ଟି ବୈଷୟିକ ପ୍ରବନ୍ଧ ଉପସ୍ଥାପିତ ହୋଇଥିଲା । ଏହି ବୈଷୟିକ ଅବଦାନ ମାଧ୍ୟମରେ ଆଲୁମିନିୟମ ମୂଲ୍ୟଶୃଙ୍ଖଳାରେ ଉତ୍ପାଦନ ଉତ୍କର୍ଷ, ସମ୍ପଦର ଦକ୍ଷ ବ୍ୟବହାର ଏବଂ ନୂତନ ପିଢ଼ିର ପ୍ରଯୁକ୍ତି ବିକାଶ ପ୍ରତି କମ୍ପାନୀର ପ୍ରତିବଦ୍ଧତା ପ୍ରତିଫଳିତ ହୋଇଛି । 'ଗ୍ଲୋବାଲ୍ ଆଲୁମିନିୟମ ଆଉଟଲୁକ୍ ୨୦୩୦: ସୁରକ୍ଷିତ ସମ୍ପଦ, ଦକ୍ଷ ଶକ୍ତି ବ୍ୟବହାର ଓ ବର୍ଜ୍ୟରୁ ମୂଲ୍ୟ ସୃଷ୍ଟି' ବିଷୟବସ୍ତୁକୁ ନେଇ ଆୟୋଜିତ ଏହି ସମ୍ମିଳନୀ ଆଲୁମିନିୟମ କ୍ଷେତ୍ର ସହ ଜଡ଼ିତ ଶିଳ୍ପପତି, ଗବେଷକ, ପ୍ରଯୁକ୍ତି ଯୋଗାଣକାରୀ, ନୀତି ନିର୍ମାତା ଓ ଶିକ୍ଷାନୁଷ୍ଠାନଗୁଡ଼ିକୁ ଏକାଠି କରିଥିଲା । ସମ୍ପଦ ସୁରକ୍ଷା ସୁଦୃଢ଼ କରିବା, ଶକ୍ତିର ଦକ୍ଷ ବ୍ୟବହାର ବଢ଼ାଇବା ଏବଂ ପରିପତ୍ର ଅର୍ଥନୀତି ମାଧ୍ୟମରେ ବର୍ଜ୍ୟରୁ ଅଧିକ ମୂଲ୍ୟ ସୃଷ୍ଟି ନେଇ ସମ୍ମିଳନୀରେ ଆଲୋଚନା ହୋଇଥିଲା । ବେଦାନ୍ତ ଆଲୁମିନିୟମର ମୁଖ୍ୟ ନିର୍ବାହୀ ଅଧିକାରୀ ରାଜେଶ କୁମାର ଉଦ୍‌ଘାଟନୀ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଲୁମିନିୟମ କ୍ଷେତ୍ରରେ ଉଦୀୟମାନ ସୁଯୋଗ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ମୂଲ୍ୟଶୃଙ୍ଖଳା ଗଠନର ଗୁରୁତ୍ୱ ଉପରେ ମତ ରଖିଥିଲେ । ସେ କହିଥିଲେ, ବିଦ୍ୟୁତ୍‌ଚାଳିତ ଯାନ, ଅକ୍ଷୟ ଶକ୍ତି, ଭିତ୍ତିଭୂମି ଓ ଉନ୍ନତ ଉତ୍ପାଦନ କ୍ଷେତ୍ରରେ ଚାହିଦା ବଢ଼ୁଥିବାରୁ ଦୃଢ଼, ପ୍ରଯୁକ୍ତିନିର୍ଭର ଓ ମୂଲ୍ୟବର୍ଦ୍ଧିତ ପରିବେଶ ଗଠନ ଉପରେ ଗୁରୁତ୍ୱ ଦେବା ଆବଶ୍ୟକ । ବେଦାନ୍ତ ଆଲୁମିନିୟମ ସମ୍ପଦ ଓ ଶୋଧନଠାରୁ ଆରମ୍ଭ କରି ଡିଜିଟାଲ କାର୍ଯ୍ୟପ୍ରଣାଳୀ, ପରିପତ୍ର ଅର୍ଥନୀତି ଓ ଡାଉନଷ୍ଟ୍ରିମ୍ ଉତ୍ପାଦନ ପର୍ଯ୍ୟନ୍ତ ମୂଲ୍ୟଶୃଙ୍ଖଳାର ପ୍ରତ୍ୟେକ ସ୍ତରକୁ ସୁଦୃଢ଼ କରୁଛି ବୋଲି ସେ କହିଥିଲେ । ସମ୍ମିଳନୀରେ ବେଦାନ୍ତ ଆଲୁମିନିୟମ, ଝାରସୁଗୁଡ଼ାର ସ୍ମେଲ୍ଟର କାରଖାନାର ମୁଖ୍ୟ ପରିଚାଳନା ଅଧିକାରୀ ବିଭବ ଉପାଧ୍ୟାୟ 'ଆଲୁମିନିୟମ ମୂଲ୍ୟଶୃଙ୍ଖଳା ଓ ଏହାର ପ୍ରୟୋଗ: ହାଲୁକା ସମାଧାନ, ଶକ୍ତି ଦକ୍ଷତା ଓ ପରିବେଶ- ସାମାଜିକ- ପ୍ରଶାସନିକ ଲକ୍ଷ୍ୟକୁ ଆଗେଇ ନେବା' ଶୀର୍ଷକରେ ବିଶେଷ ଅଭିଭାଷଣ ଦେଇଥିଲେ । ବିଭିନ୍ନ କ୍ଷେତ୍ରରେ ହାଲୁକା, ଶକ୍ତି-ଦକ୍ଷ ଓ ସ୍ଥାୟୀ ସମାଧାନ ଯୋଗାଇବାରେ ଆଲୁମିନିୟମର ବଢ଼ୁଥିବା ଭୂମିକା ସହିତ ଶିଳ୍ପର ଭବିଷ୍ୟତ ଗଠନରେ ପ୍ରଯୁକ୍ତି, ନବସୃଜନ ଓ ଦାୟିତ୍ୱପୂର୍ଣ୍ଣ ଉତ୍ପାଦନର ଗୁରୁତ୍ୱ ଉପରେ ସେ ଆଲୋକପାତ କରିଥିଲେ । ଏହି ସମ୍ମିଳନୀରେ ବେଦାନ୍ତ ଆଲୁମିନିୟମର ବୈଷୟିକ ଅବଦାନକୁ ଦୁଇଟି 'ଶ୍ରେଷ୍ଠ ପ୍ରବନ୍ଧ ପୁରସ୍କାର' ମିଳିଛି । ଆଲୁମିନିୟମ ଗଳନ ବର୍ଗରେ 'କାର୍ବନ ଆନୋଡ୍‌ର ଗୁଣବତ୍ତାରେ ଉନ୍ନତି' ଶୀର୍ଷକ ପ୍ରବନ୍ଧକୁ ଆନୋଡ୍‌ର ଗୁଣବତ୍ତା ବଢ଼ାଇ ଗଳନ କାରଖାନାର କାର୍ଯ୍ୟଦକ୍ଷତା ସୁଧାରିବା ଲାଗି ନୂତନ ପଦକ୍ଷେପ ପାଇଁ ପୁରସ୍କୃତ କରାଯାଇଥିଲା । ସେହିପରି ଶୋଧନ ବର୍ଗରେ 'ବକ୍ସାଇଟ୍ ଅବଶିଷ୍ଟରୁ ସମ୍ପଦ: ବେଦାନ୍ତ ଓ ସାର ଶିଳ୍ପ ମଧ୍ୟରେ ପରିପତ୍ର ଅର୍ଥନୀତି ଭାଗୀଦାରି' ଶୀର୍ଷକ ପ୍ରବନ୍ଧକୁ ଶ୍ରେଷ୍ଠ ସମ୍ମାନ ମିଳିଛି । ବକ୍ସାଇଟ୍ ଅବଶିଷ୍ଟକୁ କିପରି ଆନ୍ତଃକ୍ଷେତ୍ରୀୟ ସହଯୋଗ ମାଧ୍ୟମରେ ମୂଲ୍ୟବାନ ସମ୍ପଦରେ ପରିଣତ କରାଯାଇପାରିବ, ତାହା ଏହି ପ୍ରବନ୍ଧରେ ପ୍ରଦର୍ଶିତ ହୋଇଛି ।



# ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍ ଓଡ଼ିଶା ଖଣି ବିଭାଗର ବ୍ୟବସାୟ ମୁଖ୍ୟ ସମ୍ମାନିତ

ଭୁବନେଶ୍ୱର, (ସବ୍ୟୁ) : ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍ ଓଡ଼ିଶା ଖଣି ବିଭାଗର ବ୍ୟବସାୟ ମୁଖ୍ୟ ପ୍ରସନ୍ନ ପଣ୍ଡାଙ୍କୁ ଟାଇମ୍ସ ଆଇକନ୍ସ ଅଫ୍ ଓଡ଼ିଶା ୨୦୨୬ ଉତ୍ସବରେ ଶିଳ୍ପ ନେତୃତ୍ୱ ଏବଂ ନିରନ୍ତର ବିକାଶ - ଇସ୍ପାତ କ୍ଷେତ୍ର ପୁରସ୍କାରରେ ସମ୍ମାନିତ




କରାଯାଇଛି । ଓଡ଼ିଶାର ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟିଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଏହି ପୁରସ୍କାର, ଇସ୍ପାତ ଶିଳ୍ପରେ ଶ୍ରୀ ପଣ୍ଡାଙ୍କ ଅବଦାନ ଏବଂ ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍‌ର ଓଡ଼ିଶା ଖଣି ବିଭାଗର ଅଭିବୃଦ୍ଧି ଓ ବିକାଶ କ୍ଷେତ୍ରରେ ତାଙ୍କ ନେତୃତ୍ୱକୁ ସ୍ୱୀକୃତି ପ୍ରଦାନ କରେ । ଏହି ସମ୍ମାନ ତାଙ୍କର କାର୍ଯ୍ୟକ୍ଷମ ଉତ୍କର୍ଷତା, ନିରନ୍ତର ବିକାଶ ଏବଂ ଦାୟିତ୍ୱପୂର୍ଣ୍ଣ ବ୍ୟବସାୟିକ ଅଭ୍ୟାସକୁ ଆଗକୁ ନେବାରେ ଥିବା ନେତୃତ୍ୱକୁ ସ୍ୱୀକୃତି ଦେଇଥାଏ, ଯାହା ଓଡ଼ିଶାର ଶିଳ୍ପ ବିକାଶରେ ଯୋଗଦାନ ଯୋଗାଇଛି ।

# ଲଗାଣ ବର୍ଷାରେ ମାଟି କାନ୍ଥ ଭୁଶୁଡ଼ି ବାପା ମୃତ, ପୁଅ ଗୁରୁତର

ନୀଳଗିରି, (ସବ୍ୟୁ): ଲଘୁଚାପ ଜନିତ ଲଗାଣ ବର୍ଷା ଫଳରେ ରେମୁଣାରେ ବଡ଼ ଅଘଟଣ ଘଟିଯାଇଛି । ଖରିଦମୁଖୁରା ଗ୍ରାମରେ ମାଟି କାନ୍ଥ ଭୁଶୁଡ଼ି ପଡ଼ି ବାପାଙ୍କ ମୃତ୍ୟୁ ହୋଇଥିବା ବେଳେ ୮ ବର୍ଷର ପୁଅ ଗୁରୁତର ଆହତ ହୋଇଛନ୍ତି । ମୃତ ବ୍ୟକ୍ତି ହେଲେ ଖରିଦମୁଖୁରା ଗ୍ରାମର ଗଜେନ୍ଦ୍ର ସିଂ (୬୫) ଏବଂ ଆହତ ପୁଅ ହେଲେ ସିପୁନ ସିଂ (୮) । ଗତ କିଛି ଦିନ ଧରି ଲଗାଣ ବର୍ଷା ଯୋଗୁଁ ଘରର ମାଟି କାନ୍ଥ ଦୁର୍ବଳ ହୋଇଯାଇଥିଲା । ଗତ ମଙ୍ଗଳବାର ରାତିରେ ବାପ-ପୁଅ ଘରେ ଶୋଇଥିବା ବେଳେ ହଠାତ କାନ୍ଥ ଭୁଶୁଡ଼ି ପଡ଼ିଥିଲା । କାନ୍ଥ ତଳେ ଚାପି ହୋଇ ଘଟଣାସ୍ଥଳରେ ହିଁ ବୃଦ୍ଧଙ୍କ ମୃତ୍ୟୁ ହୋଇଥିଲା । ପୁଅ ଗୁରୁତର ଆହତ ହୋଇଥିଲେ । ପରିବାର ଲୋକେ ଓ ଗ୍ରାମବାସୀ ପୁଅକୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି ।ଏ ନେଇ ରେମୁଣା ଥାନାରେ ଅପମୃତ୍ୟୁ ମାମଲା (ନଂ- ୨୩/୨୬) ରୁଜୁ ହୋଇଛି । ପୋଲିସ ଶବ ଜବତ କରି ଜିଲା ମୁଖ୍ୟ ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ। ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି ।

# ଆର୍ଥିକ ସାକ୍ଷରତା ଏବଂ ସାଇବର ଠକେଇ ସଚେତନତା କାର୍ଯ୍ୟକ୍ରମ

ଭୁବନେଶ୍ୱର, (ସବ୍ୟୁ) : ଭାରତର ସର୍ବବୃହତ ଘରୋଇ କ୍ଷେତ୍ରର ଅଣ-ବ୍ୟାଙ୍କିଙ୍ଗ ଆର୍ଥିକ ସମ୍ପର୍କିତ କମ୍ପାନୀ ଏବଂ ବଜାଜ୍ ଫିନସର୍ଭର ଏକ ଅଂଶ ବଜାଜ୍ ଫାଇନାନ୍ସ ଲିମିଟେଡ୍ ପକ୍ଷରୁ ଓଡ଼ିଶାର କଟକ ଜିଲ୍ଲାର ନିଶ୍ଚିନ୍ତକୋଇଲି ସ୍ଥିତ ପି.ପି. କଲେଜ ଏବଂ କେନ୍ଦୁପାଟଣା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟଠାରେ 'ଅର୍ଥସୂତ୍ର ସମ୍ବାଦ' ଶୀର୍ଷକ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଦେଶବ୍ୟାପୀ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମର ଏକ ଅଂଶ ଭାବରେ, ବଜାଜ୍ ଫାଇନାନ୍ସ, ଗ୍ରାମୀଣ ଭାରତରେ ଆର୍ଥିକ ଅନ୍ତର୍ଭୁକ୍ତୀକରଣକୁ ଆଗେଇ ନେବା ପାଇଁ ଏହି ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିଛି । ଏହି କାର୍ଯ୍ୟକ୍ରମ ଅଂଶଗ୍ରହଣକାରୀମାନଙ୍କୁ ଦୂରଦୃଷ୍ଟିସମ୍ପନ୍ନ ଆର୍ଥିକ ବିନିଯୋଗ ଅଭ୍ୟାସ, ପ୍ରଭାବଶାଳୀ ଅର୍ଥ ପରିଚାଳନା, ଡିଜିଟାଲ୍ ସୁରକ୍ଷା ଏବଂ ଆର୍ଥିକ ଠକେଇରୁ ନିଜକୁ କିପରି ସୁରକ୍ଷିତ ରଖିବେ ସେ ବିଷୟରେ ଶିକ୍ଷା ଦିଆଯାଇଥିଲା । ଏହି ଅଭିଯାନ ସମୟରେ ବଜାଜ୍ ଫାଇନାନ୍ସ ପ୍ରତିନିଧିମାନେ ସ୍ଥାନୀୟ ବାସିନ୍ଦାଙ୍କୁ ସଞ୍ଚୟ, ବଜେଟ୍ ପ୍ରସ୍ତୁତି, ଦାୟିତ୍ୱବାନ ଋଣ, ଠିକ୍ ସମୟରେ ଋଣ ପରିଶୋଧ ଏବଂ ସୁରକ୍ଷିତ ଡିଜିଟାଲ୍ ଆର୍ଥିକ ଅଭ୍ୟାସର ଗୁରୁତ୍ୱ ବିଷୟରେ ଅବଗତ କରାଇଥିଲେ । ସାଇବର ଠକେଇ, ନକଲି ନିବେଶ ଯୋଜନା, ସନ୍ଦେହଜନକ ଲିଙ୍କ୍, କ୍ଷତିକାରକ ଆପ୍ (ଇଚକ) ଫାଇଲ୍, ହ୍ୱାଟ୍ସଆପ୍ ସ୍କାମ୍ ଏବଂ ଡିଜିଟାଲ୍ ଆରେଷ୍ଟ ଠକେଇରୁ ସତର୍କ ରହିବାକୁ ଅଂଶଗ୍ରହଣକାରୀମାନଙ୍କୁ ପରାମର୍ଶ ଦିଆଯାଇଥିଲା ।



# ପଲିଥିନ୍ ବନ୍ଦ ନେଇ ଦୋକାନରେ ଚଢାଉ: ୩୫୦୦ ଜୋରିମାନା ଆଦାୟ

ଖଣ୍ଡପଡ଼ା (ସବ୍ୟୁ): ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ସହରର ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନରେ ପଲିଥିନର ବହୁଳ ବ୍ୟବହାର ହେଉଥିବା ନେଇ ଅଭିଯୋଗ ହୋଇ ଆସୁଥିଲା ।ଏ ନେଇ ବାରମ୍ବାର ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଖଣ୍ଡପଡ଼ା ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଭିଷେକ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ଏନଏସି କର୍ମଚାରୀମାନେ ମଙ୍ଗଳବାର ଖଣ୍ଡପଡ଼ା ସହରର ମୁଖ୍ୟବଜାର ସମେତ ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନରେ ଅଚାନକ ଚଢାଉ କରି କିଛି ପରିମାଣର ପଲିଥିନ ଜବତ କରିବା ସହ ବିଭିନ୍ନ ଦୋକାନ ମାଲିକଙ୍କ ଠାରୁ ଜୋରିମାନା ବାବଦରେ ୩୫୦୦ ଟଙ୍କା ଆଦାୟ କରିଥିବା ପ୍ରଶାସନ ସୂତ୍ରରୁ ଜଣାପଡିଛି ।ସରକାର ପଲିଥିନ କାରବାର ଉପରେ କଟକଣା ଲଗାଇବା ସହ ଏହାକୁ ବେଆଇନ ବୋଲି ଘୋଷଣା କରିଥିଲେ ହେଁ ଖଣ୍ଡପଡ଼ା ସହର ସମେତ ଆଖପାଖ ଅଞ୍ଚଳର ବଜାରରେ ପଲିଥିନର ଅବାଧ କାରବାର ହେଉଥିବା ନେଇ ଅଭିଯୋଗ ହୋଇ ଆସୁଛି । ତେବେ ପଲିଥିନ କାରବାର ସଂପୂର୍ଣ୍ଣ ବନ୍ଦ ନେଇ ନିୟମିତ ଭାବେ ପ୍ରଶାସନ ପକ୍ଷରୁ ଏଭଳି ଚଢାଉ ଅଭିଯାନ ଜାରି ରଖିବାକୁ ବୁଦ୍ଧିଜୀବୀ ମହଲରୁ ଦାବି ହେଉଛି ।ଖଣ୍ଡପଡା ପୁଲିସ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

# ଭୁବନେଶ୍ୱରରେ ବଢୁଛି ପ୍ୟାକେଜିଂ ବର୍ଜ୍ୟବସ୍ତୁ ଚିନ୍ତା

ଭୁବନେଶ୍ୱର, (ସବ୍ୟୁ) : ଭୁବନେଶ୍ୱରର ଛୋଟ ତେଜରାତି ଦୋକାନଠାରୁ ଆରମ୍ଭକରି ବଜାର, ଖାଦ୍ୟ ଗଳି, ଔଷଧ ଦୋକାନ ଓ ଆବାସିକ ଅଞ୍ଚଳ ପର୍ଯ୍ୟନ୍ତ ପ୍ରତିଦିନ ବିପୁଳ ପରିମାଣର ପ୍ୟାକେଜିଂ ବର୍ଜ୍ୟ ସୃଷ୍ଟି ହେଉଛି । ଗୋଟିଏ ଗୋଟିଏ ପ୍ଲାଷ୍ଟିକ ଥଳି କିମ୍ବା ପ୍ୟାକେଟ୍ ଦୃଷ୍ଟିରେ ଛୋଟ ଲାଗୁଥିଲେ ମଧ୍ୟ, ସହରର ଲକ୍ଷାଧିକ ଦୈନିକ ବ୍ୟବହାର ସହ ଏହା ଏକ ବଡ଼ ପରିବେଶୀୟ ଚ୍ୟାଲେଞ୍ଜର ରୂପ ନେଉଛି । ବର୍ଜ୍ୟ ସଂଗ୍ରହ, ପୃଥକୀକରଣ ଓ ପୁନଃଚକ୍ରଣ ବ୍ୟବସ୍ଥା ଉପରେ ଏହାର ଚାପ ବଢୁଥିବା ବେଳେ ବ୍ୟବହାର ପରେ ଏହି ପ୍ୟାକେଜିଂ ବର୍ଜ୍ୟ କେଉଁଠି ଯାଉଛି, ତାହା ଏବେ ମୁଖ୍ୟ ପ୍ରଶ୍ନ ପାଲଟିଛି । ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଘର ଘର ବର୍ଜ୍ୟ ସଂଗ୍ରହ, ଉତ୍ସସ୍ଥଳରୁ ବର୍ଜ୍ୟ ପୃଥକୀକରଣ ଏବଂ ଏକକ-ବ୍ୟବହାର ପ୍ଲାଷ୍ଟିକ ନିୟନ୍ତ୍ରଣ ଭଳି ପଦକ୍ଷେପ ନିଆଯାଉଛି । ତଥାପି ଶୁଖିଲା, ଓଦା, ସାନିଟାରୀ ଓ ଘରୋଇ ବିପଜ୍ଜନକ ବର୍ଜ୍ୟ ଏକାଠି ମିଶିଯିବା ଯୋଗୁଁ ପୁନଃଚକ୍ରଣଯୋଗ୍ୟ ସାମଗ୍ରୀ ଅଲଗା କରିବା କଷ୍ଟକର ହେଉଛି । ଅନ୍ୟପଟେ, ସଂଗ୍ରହ ହୋଇନଥିବା ପ୍ୟାକେଜିଂ ବର୍ଜ୍ୟ ଡ୍ରେନ୍‌ରେ ପହଞ୍ଚି ବର୍ଷା ସମୟରେ ଜଳ ନିଷ୍କାସନ ବ୍ୟବସ୍ଥାକୁ ପ୍ରଭାବିତ କରୁଛି । ଏହି ସମସ୍ୟା ରୋକିବା ପାଇଁ ପ୍ରମୁଖ ଡ୍ରେନରେ ଆବର୍ଜନା ଅଟକାଇବା ବ୍ୟବସ୍ଥା ସହ ବଜାର ସ୍ତରରେ ଏକକ-ବ୍ୟବହାର ପ୍ଲାଷ୍ଟିକ ନିୟନ୍ତ୍ରଣ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଉଛି । ପ୍ଲାଷ୍ଟିକର ପରିବେଶୀୟ ପ୍ରଭାବ ସହ ମାଇକ୍ରୋପ୍ଲାଷ୍ଟିକ ନେଇ ମଧ୍ୟ ଚିନ୍ତା ବଢୁଛି । ଯଦିଓ ଏହାର ନିର୍ଦ୍ଦିଷ୍ଟ ସ୍ୱାସ୍ଥ୍ୟ ବିପଦ ସମ୍ପର୍କରେ ଅଧିକ ଗବେଷଣାର ଆବଶ୍ୟକତା ରହିଛି, ପ୍ଲାଷ୍ଟିକ ବର୍ଜ୍ୟର ସଠିକ ପରିଚାଳନା ଏବେ ଅତ୍ୟାବଶ୍ୟକ ହୋଇପଡ଼ିଛି । ବିଶେଷଜ୍ଞମାନଙ୍କ ମତରେ, ଏଥିପାଇଁ କେବଳ ପ୍ରଶାସନ ନୁହେଁ, ପରିବାର, ବ୍ୟବସାୟୀ, ଉତ୍ପାଦକ, ଆବାସିକ ସଂସ୍ଥା ଓ ପୁନଃଚକ୍ରଣକାରୀ ସମସ୍ତଙ୍କ ମିଳିତ ଦାୟିତ୍ୱ ଆବଶ୍ୟକ । ଘରୁ ହିଁ ବର୍ଜ୍ୟ ପୃଥକୀକରଣ, ଦାୟିତ୍ୱଶୀଳ ପ୍ୟାକେଜିଂ ବ୍ୟବହାର ଓ ଉତ୍ପାଦକଙ୍କ ବିସ୍ତାରିତ ଉତ୍ପାଦକ ଦାୟିତ୍ୱ ପାଳନ ମାଧ୍ୟମରେ ଭୁବନେଶ୍ୱର ଏହି ବଢୁଥିବା ବର୍ଜ୍ୟ ସମସ୍ୟାକୁ ଅଧିକ ପ୍ରଭାବଶାଳୀ ଭାବେ ମୁକାବିଲା କରିପାରିବ ।

# ବିଦ୍ୟାଳୟରେ ନିମ୍ନମାନର କାର୍ଯ୍ୟ ନେଇ ଅଭିଯୋଗ

ଭାପୁର, (ସବ୍ୟୁ) :ଭାପୁର ବ୍ଲକ କରବର ଗ୍ରାମରେ ଅବସ୍ଥିତ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଚାଲିଥିବା ଉନ୍ନତିକରଣ କାର୍ଯ୍ୟରେ ଅନିୟମିତତା ହେଉଥିବା ନେଇ ଗ୍ରାମବାସୀ ନୟାଗଡ଼ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ୨୦୨୫-୨୬ ଆର୍ଥିକ ବର୍ଷରେ କରବର ଗ୍ରାମର ପଞ୍ଚାୟତ ବାଳିକା ବିଦ୍ୟାଳୟ ପରିସର ଉନ୍ନତିକରଣ କାର୍ଯ୍ୟ କରିବା ପାଇଁ ରାଜ୍ୟ ସରକାର ୪ ଲକ୍ଷ ଟଙ୍କା ଅନୁଦାନ କରିଥିଲେ । ଠିକାଦାର କାର୍ଯ୍ୟକୁ ହାତକୁ ନେଇ ପ୍ରଥମରୁ ନିମ୍ନମାନର କାର୍ଯ୍ୟ କରିଥିଲା ।ନିକୃଷ୍ଟ ଧରଣର ସିମେଣ୍ଟ ତଥା ଅନ୍ୟାନ୍ୟ ସାମଗ୍ରୀ ବ୍ୟବହାର କରି ରାତ୍ରିରେ କାର୍ଯ୍ୟ କରୁଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି ।କାର୍ଯ୍ୟର ଗୁଣବତ୍ତା ଓ ମାନ ନିର୍ଦ୍ଧାରଣ ଉପରେ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେବାରୁ ଗ୍ରାମବାସୀ ଙ୍କ ଅଭିଯୋଗ କୁ ବେଖାତିର କରି ଠିକାଦାର କାର୍ଯ୍ୟ କରୁଅଛି । ଫଳରେ,ସରକାରୀ ଅର୍ଥ ଅପବ୍ୟବହାର ହେବା ସହିତ ପ୍ରକଳ୍ପ ର ଗୁଣବତ୍ତା ଉପରେ ସନ୍ଦେହ ବଢୁଥିବାରୁ ଏହାର ତଦନ୍ତ ପାଇଁ ଗ୍ରାମବାସୀ ନୟାଗଡ଼ ଜିଲ୍ଲାପାଳ ଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି ।

# ନୋଭୋଟେଲ ଭୁବନେଶ୍ୱର ଜନପଥ ଗ୍ରାଣ୍ଡର ଶୁଭାରମ୍ଭ

ଭୁବନେଶ୍ୱର, (ସବ୍ୟୁ) : ଭୁବନେଶ୍ୱରରେ ଆନ୍ତର୍ଜାତୀୟ ଆତିଥେୟତାର ନୂଆ ଅଧ୍ୟାୟ । ଉଦ୍‌ଘାଟିତ ହୋଇଛି ଏକ ଅତ୍ୟାଧୁନିକ ପଞ୍ଚତାରକା ହୋଟେଲ ନୋଭୋଟେଲ । ଭୁବନେଶ୍ୱର ଜନପଥରେ ଅବସ୍ଥିତ ଏହି ହୋଟେଲ ଶୁଭାରମ୍ଭ ସହ ମନ୍ଦିର ମାଳିନୀ ସହର ରେ ପ୍ରଥମ ଥର ପାଇଁ ପ୍ରବେଶ କରିଛି । ନୋଭୋଟେଲ ଭୁବନେଶ୍ୱର ସହରର ପ୍ରଥମ ଆନ୍ତର୍ଜାତୀୟ ବ୍ରାଣ୍ଡେଡ୍ ହସ୍ପିଟାଲିଟି ଡେଷ୍ଟିନେସନ୍ ଭାବେ ବ୍ୟବସାୟ, ପର୍ଯ୍ୟଟନ ଓ ସାଂସ୍କୃତିକ ପରିଚୟକୁ ବିଶ୍ୱସ୍ତରୀୟ ଆତିଥେୟତା ସହ ଯୋଡ଼ିବାର ନୂଆ ସୁଯୋଗ ସୃଷ୍ଟି କରିଛି । ସହିଦ୍ ନଗର ଜନପଥରେ ଏହାକୁ ବୁଧବାର ଶୁଭାରମ୍ଭ କରାଯାଇଛି । ନୋଭୋଟେଲ ଭୁବନେଶ୍ୱରରେ ମୋଟ ୧୧୮ଟି ରୁମ୍ସ ଓ ସୁଇଟ୍ ରହିଛି । ଆଧୁନିକ ଡିଜାଇନ୍ ଓ ଆବଶ୍ୟକ ସୁବିଧା ସହିତ ଏହି ରୁମ ସବୁକୁ ପ୍ରସ୍ତୁତ କରାଯାଇଛି । ସୁପିରିୟର ଓ ଏକ୍ସିକ୍ୟୁଟିଭ୍ ରୁମ୍ ସହିତ ଦୀର୍ଘ ସମୟ ରହିବା ଏବଂ ପରିବାର ସହ ଯାତ୍ରା କରୁଥିବା ଅତିଥିଙ୍କ ପାଇଁ ବଡ଼ ସୁଇଟ୍‌ର ବ୍ୟବସ୍ଥା ମଧ୍ୟ ଏଠାରେ ରହିଛି । ଆଧୁନିକ ସୁବିଧା, ଉନ୍ନତ ଇଣ୍ଟରନେଟ୍ ସଂଯୋଗ ଓ ଆରାମଦାୟକ ପରିବେଶ ଏହାର ମୁଖ୍ୟ ବିଶେଷତା । ହୋଟେଲରେ ପ୍ରାୟ ୧୨,୦୦୦ ବର୍ଗଫୁଟ୍ ପରିମିତ ଅଞ୍ଚଳରେ ସାମାଜିକ ଓ କାର୍ଯ୍ୟକ୍ରମ ଆୟୋଜନ ପାଇଁ ସ୍ଥାନ ରହିଛି । ବିବାହ, କର୍ପୋରେଟ୍ କାର୍ଯ୍ୟକ୍ରମ, ସମ୍ମିଳନୀ, ବୈଠକ ଓ ବିଭିନ୍ନ ସାମାଜିକ ଉତ୍ସବ ପାଇଁ ଏଠାରେ ବିଭିନ୍ନ ପ୍ରକାରର ଭେନ୍ୟୁ ଉପଲବ୍ଧ । ଛୋଟ ଅନୁଷ୍ଠାନଠାରୁ ଆରମ୍ଭ କରି ବଡ଼ କାର୍ଯ୍ୟକ୍ରମ ପର୍ଯ୍ୟନ୍ତ ଆୟୋଜନ କରିବା ପାଇଁ ଏହି ସ୍ଥାନଗୁଡ଼ିକୁ ଡିଜାଇନ୍ କରାଯାଇଛି । ହୋଟେଲର ଖାଦ୍ୟ ଓ ପାନୀୟ ବ୍ୟବସ୍ଥା ମଧ୍ୟ ଏହାର ଅନ୍ୟତମ ଆକର୍ଷଣ । ଫୁଡ୍ ଏକ୍ସଚେଞ୍ଜ୍ ହେଉଛି ହୋଟେଲର ଅଲ୍-ଡେ ଡାଇନିଂ ରେଷ୍ଟୁରାଣ୍ଟ । ଏଠାରେ ବିଭିନ୍ନ ଅନ୍ତର୍ଜାତୀୟ ଖାଦ୍ୟ ସହ ଆଞ୍ଚଳିକ ଖାଦ୍ୟର ସ୍ୱାଦ ମଧ୍ୟ ମିଳିବ ବୋଲି କହିଛନ୍ତି ଜେନେରାଲ ମ୍ୟାନେଜର ନୀଲାଭ ସହାୟ ।

## ଶ୍ରୀ ଶ୍ରୀ ଆୟୁର୍ବେଦ ମହାବିଦ୍ୟାଳୟରେ ଜାତୀୟ ଆୟୁର୍ବେଦ ଦିବସ

# ଆୟୁର୍ବେଦ କେବଳ ଏକ ଚିକିତ୍ସା ପଦ୍ଧତି ନୁହେଁ, ଆମ ଜୀବନ ଶୈଳୀ

କଟକ, (ସ୍ୱପ୍ର): ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଅଧୀନସ୍ଥ ଶ୍ରୀ ଶ୍ରୀ ଆୟୁର୍ବେଦ ମହାବିଦ୍ୟାଳୟ ଆନୁକୂଲ୍ୟରେ ବୁଧବାର ଏକାଦଶ ରାଷ୍ଟ୍ରୀୟ ଆୟୁର୍ବେଦ ଦିବସ ପାଳିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ତେଜ ପରତାପ ଏହାକୁ ଉଦ୍‌ଘାଟନ କରି ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଉତ୍ତମ ଖାଦ୍ୟ, ଉତ୍ତମ ନିଦ୍ରା ଆବଶ୍ୟକ ବୋଲି ମତଦାନ କରିଥିଲେ । ପୁରୀ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପ୍ରାକ୍ତନ ଅଧକ୍ଷ ପ୍ରଫେସର ବଲ୍ଲଭ କୁମାର ଜୟସିଂହ ମୁଖ୍ୟଅତିଥି ଭାବେ ଯୋଗଦେଇ ଭବିଷ୍ୟତ ପାଇଁ ଆୟୁର୍ବେଦ ସହ ବର୍ତ୍ତମାନ ଏହାର ଉପକାର ସମାଜ ପାଇଁ ଜରୁରୀ ଅଟେ ବୋଲି କହିଥିଲେ । ଆୟୁର୍ବେଦ କେବଳ ଏକ ଚିକିତ୍ସା ପଦ୍ଧତି ନୁହେଁ,ଏହା ଆମର ଜୀବନ ଶୈଳୀ ବା ଜୀବନ ଜିଇଁବାର କଳା ବୋଲି କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ ଜୀ ପ୍ରକାଶ କରିଥିଲେ । ଏହି ଉପଲକ୍ଷେ ସାଇଣ୍ଟିଫିକ୍ ଅଧିବେଶନ ମେଡିକାଲ ସୁପରିନ୍ ଟେଣ୍ଡେଣ୍ଟ ପ୍ରଫେସର ରବିନାରାୟଣ ତ୍ରିପାଠୀ ଏବଂ ପ୍ରଫେସର ନଗେନ୍ଦ୍ର ପ୍ରସାଦ, ଡାକ୍ତର ଅମରେଶ କରଙ୍କ ଅଧ୍ୟକ୍ଷତାରେ ପ୍ରଫେସର ପଦ୍ମଲୋଚନ ଶଙ୍ଖୁଆ, ପ୍ରଫେସର ଲକ୍ଷ୍ମୀପ୍ରିୟା ଦେବୀ, ପ୍ରଫେସର ଅଭୟ କୁମାର ମିଶ୍ର, ପ୍ରଫେସର ଶିବ ପ୍ରସାଦ ମହାନ୍ତି ,ଡାକ୍ତର ସତ୍ୟସ୍ମିତା ଜେନା, ଡାକ୍ତର ସଂଜୀବ ଦାସ, ଡାକ୍ତର ଦେବାଶୀଷ ଶତପଥୀ,ଡାକ୍ତର ଦିବ୍ୟା ରାୟ ଏବଂ ଡାକ୍ତର ଧ୍ରୁବ ପ୍ରସାଦ ପ୍ରମୁଖଙ୍କ ଦ୍ୱାରା ଅନୁସନ୍ଧାନ ମୂଳକ ପ୍ରବନ୍ଧ ଉପସ୍ଥାପନ କରାଯାଇଥିଲା । ଆୟୁର୍ବେଦ ଦିବସ ଉପଲକ୍ଷେ ଡେପୁଟି ଡିନ୍ ପ୍ରଫେସର ଦୁର୍ଗାପ୍ରସାଦ ଦାଶ, ପ୍ରଫେସର ରମାକାନ୍ତ ରାଉତ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ସ୍ୱାସ୍ଥ୍ୟ ତଥା ଯୋଗ ଶିବିର ପଥପ୍ରାନ୍ତ ନାଟକ, ସ୍ୱାସ୍ଥ୍ୟ ସଚେତନତା ଶିବିର ଆଦି କାର୍ଯ୍ୟକ୍ରମ କରାଯାଇଥିଲା । ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ଇ-ପୋଷ୍ଟର, ରିଲ୍ ମେକିଙ୍ଗ, ଆୟୁର୍ବେଦ ଆହାର ମେଳା ଆଦି ଅନୁଷ୍ଠିତ ହୋଇଥିଲା । କୃତୀ ବିଦ୍ୟାର୍ଥୀମାନଙ୍କୁ ପୁରସ୍କୃତ କରାଯାଇଥିଲା ।ସମସ୍ତ କାର୍ଯ୍ୟକ୍ରମକୁ ଡାକ୍ତର ନିଖିଳ କୌଶିକ, ଡାକ୍ତର ମୀରା ପାଣିଗ୍ରାହୀ, ଡାକ୍ତର ପ୍ରୀତିମୟୀ ସାହୁ ପ୍ରମୁଖ ପରିଚାଳନା କରିଥିଲେ । ଡିନ୍ ପ୍ରଫେସର କ୍ଷୀରାବ୍ଧିତନୟା ରାଉତରାୟ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ । ପ୍ରଫେସର ନିରଞ୍ଜନ ଏସ୍ ଧନ୍ୟବାଦ ଅର୍ପଣ କରିଥିଲେ ।




# ଧର୍ମପ୍ରାଣା ମହିଳା ପ୍ରମିଳା ମହାନ୍ତିଙ୍କ ପରଲୋକ

ଭୁବନେଶ୍ୱର, (ସବ୍ୟୁ) : ଜଟଣୀ, କୁଦିଆରା ଗ୍ରାମର ଆଦର୍ଶ ମହିଳା ପ୍ରମିଳା ମହାନ୍ତିଙ୍କ ଭୁବନେଶ୍ୱରସ୍ଥିତ ଏମ୍ସ୍ ହସ୍ପିଟାଲରେ ହୃଦରୋଗରେ ପରଲୋକ ହୋଇଯାଇଛି । ମୃତ୍ୟୁବେଳକୁ ତାଙ୍କୁ ୭୦ ବର୍ଷ ବୟସ ହୋଇଥିଲା । ସେ ଜଣେ ମେଳାପୀ, ବନ୍ଧୁବତ୍ସଳା, ପରୋପକାରୀ ଓ ଧର୍ମପରାୟଣା ମହିଳା ଥିଲେ । ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ବଡ଼ପୁତ୍ର ବୀରେନ୍ଦ୍ର ପ୍ରସାଦ ଓ ସାନପୁତ୍ର ରାଜେନ୍ଦ୍ର ପ୍ରସାଦ, ବୋହୂ ରଶ୍ମୀ, ଲୁରିରତ୍ନପର୍ଣ୍ଣା, ଅମରି ମହାପାତ୍ର, ରମେଶ ମହାପାତ୍ର, ଝିଅ ମଧୁସ୍ମିତା ମହାନ୍ତି, ନାତି ରାଜବୀର, ନାତୁଣୀ ପ୍ରତ୍ୟୁଷା ଉପସ୍ଥିତ ଥିଲେ । ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶବ ସଂସ୍କାର କରାଯାଇଥିଲା । ବଡ଼ପୁତ୍ର ବୀରେନ୍ଦ୍ର ପ୍ରସାଦ ମୁଖାଗ୍ନି ଦେଇଥିଲେ । ପୂର୍ବରୁ ତାଙ୍କର ସ୍ୱାମୀ ବ୍ରହ୍ମାନନ୍ଦ ମହାନ୍ତି କେନ୍ଦ୍ର କ୍ଷେତ୍ର ପ୍ରଚାର ନିର୍ଦ୍ଦେଶାଳୟର ବରିଷ୍ଠ ଅଧିକାରୀ ମୃତ୍ୟୁବରଣ କରିଥିଲେ ।



# ପୂର୍ବ-ପାର୍ବଣ ଫ୍ୟାସନ ଉପରେ ବିଶେଷ ଧ୍ୟାନ ଦେଉଛି ନେକ୍ସସ ମଲ୍ସ

ଭୁବନେଶ୍ୱର, (ସବ୍ୟୁ) : ଋତୁର ଶେଷ ବିକ୍ରି ଏବଂ ପାର୍ବଣ ସପିଙ୍ଗର ଗହଳି ମଧ୍ୟରେ ଖୁଚୁରା ବ୍ୟବସାୟର ଏକ ବଡ଼ ସୁଯୋଗ ରହିଥାଏ, ଯାହା ଅନେକ ସମୟରେ ଅଣଦେଖା ହୋଇ ରହିଯାଏ । ସେପ୍ଟେମ୍ବର ହେଉଛି ସେହି ସମୟ ଯେତେବେଳେ କି ଶରତ-ଶୀତ କଲେକ୍ସନ ଆସିଥାଏ, ଟ୍ରେଣ୍ଡ ବଦଳିବାକୁ ଲାଗେ ଏବଂ ଗ୍ରାହକମାନେ ସେମାନଙ୍କର ପାର୍ବଣ ପୋଷାକ ଯୋଜନା କରିବା ଆରମ୍ଭ କରନ୍ତି । ନେକ୍ସସ ମଲ୍ସ ଷ୍ଟାଇଲ ରସ ମାଧ୍ୟମରେ ଏହି ସମୟକୁ ଫ୍ୟାସନ କ୍ୟାଲେଣ୍ଡରର କେନ୍ଦ୍ର ବିନ୍ଦୁରେ ରଖୁଛି । କୌଣସି ସେଲ କିମ୍ବା ପର୍ବପର୍ବାଣୀ ଭିତିକ ପ୍ରଚାର ପ୍ରସାର ଠାରୁ ଭିନ୍ନ, ଷ୍ଟାଇଲ ରସ ନୂଆ ନୂଆ ଫ୍ୟାସନ ଆବିଷ୍କାର କରିବା ଉପରେ ପର୍ଯ୍ୟବେଶିତ । ପାର୍ବଣ ସପିଙ୍ଗ ଜୋର ଧରିବା ପୂର୍ବରୁ ଗ୍ରାହକମାନଙ୍କୁ ନୂଆ ଟ୍ରେଣ୍ଡ ବିଷୟରେ ଜାଣିବାରେ ସାହାଯ୍ୟ କରିବା ପାଇଁ ଏହି ଅଭିଯାନ ଫ୍ୟାସନ, ଜୋତା / ଫୁଟୱେୟାର, ସୌନ୍ଦର୍ଯ୍ୟ ଏବଂ ଉପକରଣ କ୍ଷେତ୍ରରେ ନୂଆ ଆଗମନ, ଚୟନକାରୀ ଟ୍ରେଣ୍ଡ ଏବଂ ଷ୍ଟାଇଲର ପ୍ରେରଣାକୁ ଏକାଠି ଆଣିବ । ନେକ୍ସସ ଏସପ୍ଲାନେଡ଼ରେ, ଷ୍ଟାଇଲ ରସ ଲାଇଫଷ୍ଟାଇଲ, ଆଇକନିକ୍, ମାର୍କ୍ସ ଆଣ୍ଡ ସ୍ପେନ୍ସର, ଭ୍ୟାନ ହ୍ୟୁସେନ ୱୁମେନ, ଲୁଇସ ଫିଲିପ, ବ୍ୟାଗିଟ୍, ସାମସୋନାଇଟ୍, ରେୟାର ରାବିଟ୍, ରେୟାର ରିଜମ୍, ଲାଟିନ କ୍ୱାଟରସ, ମୋଚି ଏବଂ ଇଙ୍କ ୫ ଭଳି ବ୍ରାଣ୍ଡ ଗୁଡ଼ିକର ନୂଆ ଋତୁକାଳୀନ ଶୋ' ପ୍ରଦର୍ଶିତ କରିବ । ଭୁବନେଶ୍ୱରର ଫ୍ୟାସନ ପସନ୍ଦକୁ ଆଖି ଆଗରେ ରଖି ପ୍ରସ୍ତୁତ କରାଯାଇଥିବା ଏହି କାର୍ଯ୍ୟକ୍ରମ ସେପ୍ଟେମ୍ବର ୫ ରୁ ୩୦, ୨୦୨୬ ପର୍ଯ୍ୟନ୍ତ ଚାଲିବ ।

# ଝରକା ଗ୍ରୀଲ କାଟି ବ୍ୟାଙ୍କରୁ ଲୁଟ: ପୋଲିସ ତଦନ୍ତ ଆରମ୍ଭ

ବାଲେଶ୍ୱର, (ସବ୍ୟୁ): ବାଲେଶ୍ୱର ଜିଲା ସଦର ବ୍ଲକ ଅନ୍ତର୍ଗତ ଶ୍ରୀରାମପୁରସ୍ଥିତ ଷ୍ଟେଟ ବ୍ୟାଙ୍କ ଶାଖାରୁ ମଙ୍ଗଳବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଝରକା ଗ୍ରୀଲ କାଟି ଟଙ୍କା ଲୁଟ କରିଥିବା ଅଭିଯୋଗ ହୋଇଛି ।ବୁଧବାର ସକାଳେ ସ୍ଥାନୀୟ ଲୋକେ ବ୍ୟାଙ୍କର ଝରକା ଗ୍ରୀଲ କଟାଯାଇଥିବା ଦେଖି ବସ୍ତା ଥାନା ପୋଲିସକୁ ଖବର ଦେଇଥିଲେ । ସୂଚନା ପାଇ ବସ୍ତା ଏସଡ଼ିପିଓ ସମର୍ଥ ବେହେରା ଓ ଆଇଆଇସି ରଣଜିତ ସାହୁ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି ।ତେବେ ବ୍ୟାଙ୍କରୁ କେତେ ଟଙ୍କା ଲୁଟ ହୋଇଛି, ସେନେଇ ବର୍ତ୍ତମାନ ସୁଦ୍ଧା କୌଣସି ସ୍ପଷ୍ଟ ସୂଚନା ମିଳିପାରିନାହିଁ । ଅନ୍ୟପକ୍ଷରେ, ରାତିରେ ବର୍ଷା ହେଉଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ ବ୍ୟାଙ୍କରେ ପଶି ଲୁଟ କରି ଚମ୍ପଟ ମାରିଥିବା ଜଣାପଡ଼ିଛି ।ପୂର୍ବରୁ ମଧ ଏହି ବ୍ୟାଙ୍କରୁ ବାରମ୍ବାର ଲୁଟ ହୋଇଥିବା ଜଣାପଡ଼ିଛି । ଘଟଣାର ତଦନ୍ତ କରିବା ସହ ସିସିଟିଭି ଫୁଟେଜକୁ ଆଧାର କରି ପୋଲିସ ପକ୍ଷରୁ ଛାନଭିନ ଜାରି ରହିଛି ।

# ରୁଷରୁ ତେଲ କିଣା ବନ୍ଦ ହେବନି: ସୀତାରମଣ




**ନୂଆଦିଲ୍ଲୀ:** ରୁଷରୁ ଅଶୋଧିତ ତେଲ କିଣିବା ନେଇ ଭାରତ ନିଜ ଆଭିମୁଖ୍ୟ ସ୍ପଷ୍ଟ କରିଛି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି ଯେ ନିଜର ଆବଶ୍ୟକତା ଓ ଆର୍ଥିକ ସ୍ୱାର୍ଥକୁ ପ୍ରାଥମିକତା ଦିଆଯିବ। ଯେଉଁଠାରୁ ତେଲ ଉପଲବ୍ଧ ହେବ ଓ ଅର୍ଥନୈତିକ ଭାବେ ଉପଯୁକ୍ତ ମନେ ହେବ, ଭାରତ ସେଠାରୁ ତେଲ କିଣିବ। ସୀତାରମଣ କହିଛନ୍ତି, ଭାରତର ୧୪୦ କୋଟି ନାଗରିକଙ୍କ ଶକ୍ତି ଆବଶ୍ୟକତା ପୂରଣ ପାଇଁ ତେଲ ଯୋଗାଣର ଏକାଧିକ ଉତ୍ସ ରହିବା ଜରୁରୀ। ରୁଷରୁ ତେଲ ଆମଦାନି ବନ୍ଦ କରି ଅନ୍ୟ ଦେଶରୁ ତୁରନ୍ତ ସମାନ ପରିମାଣର ତେଲ ଆଣିବା ସହଜ କଥା ନୁହେଁ। ରୁଷ ବଦଳରେ ଅନ୍ୟ ଦେଶରୁ ଅଧିକ ତେଲ କିଣିଲେ ବିଶ୍ୱ ବଜାରରେ ତେଲ ଦର ଉପରେ ଚାପ ବଢ଼ିବ।ରୁଷ ତେଲ କିଣା ବନ୍ଦ କଲେ ଆଉ ଏକ ସମସ୍ୟା ଦେଖାଦେବା ଆଶଙ୍କା ରହିଛି ବୋଲି ସୀତାରମଣ କହିଛନ୍ତି। ସେ କହିଲେ, ଦେଶର ବହୁ ତୈଳ ବିଶୋଧନାଗାର ନିର୍ଦ୍ଦିଷ୍ଟ ପ୍ରକାରର ଅଶୋଧିତ ତୈଳ ପ୍ରକ୍ରିୟାକରଣ ପାଇଁ ନିର୍ମାଣ କରାଯାଇଛି। ତେଣୁ ଗୋଟିଏ ଦେଶର ତେଲ ବଦଳରେ ଅନ୍ୟ ଦେଶର ତେଲ ଆଣିବା ପୂର୍ବରୁ ତାହା ବିଶୋଧନାଗାର ପାଇଁ ଉପଯୁକ୍ତ କି ନୁହେଁ, ତାହା ମଧ୍ୟ ବିଚାରକୁ ନେବାକୁ ପଡ଼ିବ। ଗତ ଅଗଷ୍ଟରେ ଭାରତର ରୁଷ ତୈଳ ଆମଦାନି ଜୁଲାଇ ତୁଳନାରେ ୧୬.୫% ହ୍ରାସ ପାଇ ଦୈନିକ ପ୍ରାୟ ୨୧ ଲକ୍ଷ ବ୍ୟାରେଲରେ ପହଞ୍ଚିଛି। ଏହାସତ୍ତ୍ୱେ ରୁଷ ଭାରତର ସର୍ବବୃହତ୍ ତୈଳ ଯୋଗାଣକାରୀ ରାଷ୍ଟ୍ର ହୋଇରହିଛି। ପ୍ରାରମ୍ଭିକ ତଥ୍ୟ ଅନୁସାରେ ସେପ୍ଟେମ୍ବରରେ ରୁଷ ତେଲ ଆମଦାନି ଦୈନିକ ୧୯ ଲକ୍ଷ ବ୍ୟାରେଲକୁ ହ୍ରାସ ପାଇବା ଆଶଙ୍କା ରହିଛି।।ଆମେରିକା ପକ୍ଷରୁ ରୁଷରୁ ତେଲ କିଣୁଥିବା ଦେଶଗୁଡ଼ିକ ଉପରେ ୧୦୦ ପ୍ରତିଶତ ଅତିରିକ୍ତ ଶୁଳ୍କ ଲଗାଇବା ଯୋଜନା ରହିଛି। ତାହାକୁ ଦୃଷ୍ଟିରେ ରଖି ଭାରତ ମାପିଚୁପି ଆଗକୁ ବଢ଼ୁଛି।

## ୨୭ ତାରିଖ ରବିବାର ବ୍ୟାଙ୍କ ଖୋଲା

**ନୂଆଦିଲ୍ଲୀ:** ସେପ୍ଟେମ୍ବର ୨୮ ରୁ ୩୦ ତାରିଖ ପର୍ଯ୍ୟନ୍ତ ପ୍ରସ୍ତାବିତ ତିନି ଦିନିଆ ଦେଶବ୍ୟାପୀ ବ୍ୟାଙ୍କ ଧର୍ମଘଟ ପୂର୍ବରୁ, ସେପ୍ଟେମ୍ବର ୨୭ ରବିବାର ଦିନ ସମସ୍ତ ସରକାରୀ କ୍ଷେତ୍ରୀୟ ବ୍ୟାଙ୍କ (ପିଏସବି) ଏବଂ ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କ (ଆରଆରବି) ସ୍ୱାଭାବିକ ଭାବରେ କାର୍ଯ୍ୟ କରିବେ ବୋଲି ବୁଧବାର ଦିନ ସରକାର କହିଛନ୍ତି। ସେପ୍ଟେମ୍ବର ୨୬ ଏବଂ ୨୭ ତାରିଖ ପୂର୍ବ ସପ୍ତାହାନ୍ତ ଛୁଟି ପରେ ୟୁନାଇଟେଡ୍ ଫୋରମ୍ ଅଫ୍ ବ୍ୟାଙ୍କ ୟୁନିଅନ୍ (ୟୁଏଫବିୟୁ) ଦ୍ୱାରା ଡାକରାଯାଇଥିବା ପ୍ରସ୍ତାବିତ ଧର୍ମଘଟକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି।ଏକ ବିଜ୍ଞପ୍ତିରେ ସରକାର କହିଛନ୍ତି, ଜନସାଧାରଣଙ୍କ ବ୍ୟାଙ୍କିଙ୍ଗ ଆବଶ୍ୟକତା ଯେପରି ଦୀର୍ଘ ସମୟ ପାଇଁ ପ୍ରଭାବିତ ନ ହେବ ତାହା ସୁନିଶ୍ଚିତ କରିବା ପାଇଁ ସମସ୍ତ ସରକାରୀ ବ୍ୟାଙ୍କ ଏବଂ ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କଗୁଡ଼ିକ ୨୭ ସେପ୍ଟେମ୍ବର ରବିବାର ଦିନ ସ୍ୱାଭାବିକ ଭାବରେ କାର୍ଯ୍ୟ କରିବେ। ସରକାର କହିଛନ୍ତି ଯେ, ଭାରତୀୟ ରିଜର୍ଭ ବ୍ୟାଙ୍କ ସେପ୍ଟେମ୍ବର ୨୭ ତାରିଖରେ ସମସ୍ତ ବ୍ୟାଙ୍କ ଶାଖା, କାର୍ଯ୍ୟାଳୟ, ଏଟିଏମ୍ ସହିତ ଜଡିତ ଶାଖା ଏବଂ କରେନ୍ସି ଚେଷ୍ଟଗୁଡ଼ିକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ରଖିବା ପାଇଁ ଅନୁମୋଦନ ପ୍ରଦାନ କରିଛନ୍ତି।ପ୍ରସ୍ତାବିତ ଧର୍ମଘଟକୁ ଦୃଷ୍ଟିରେ ରଖି ନିଆଯାଇଛି ଏହି ନିଷ୍ପତ୍ତି ପ୍ରସ୍ତାବିତ ଧର୍ମଘଟ ପୂର୍ବ ସପ୍ତାହାନ୍ତ ଛୁଟି ସହିତ ପାଞ୍ଚ ଦିନ ପାଇଁ ବ୍ୟାଙ୍କ ସେବାକୁ ପ୍ରଭାବିତ କରିପାରେ। ଏହା ସେପ୍ଟେମ୍ବର ୩୦ ରେ ବ୍ୟାଙ୍କ କ୍ଷେତ୍ରର ଅର୍ଦ୍ଧବାର୍ଷିକ ବନ୍ଦ ତାରିଖରେ ପଡୁଛି। ଏହା ସମନ୍ୱୟ, ବ୍ୟବସ୍ଥା, ଟ୍ରେଜେରୀ ଏବଂ ବଜାର କାର୍ଯ୍ୟ ପାଇଁ ବିଶେଷ ଗୁରୁତ୍ୱପୂର୍ଣ୍ଣ ତାରିଖ। ଯଦି ଧର୍ମଘଟ ହୁଏ ତେବେ ଅନେକ ସରକାରୀ ବ୍ୟାଙ୍କ ପୂର୍ବରୁ ଗ୍ରାହକମାନଙ୍କୁ ସେମାନଙ୍କର ବ୍ୟାଙ୍କିଙ୍ଗ ଆବଶ୍ୟକତା ପାଇଁ ମୋବାଇଲ୍ ବ୍ୟାଙ୍କିଙ୍ଗ, ଏଟିଏମ, ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ, ବିସି ପଏଣ୍ଟ୍ ଏବଂ ୟୁପିଆଇ ସମେତ ଡିଜିଟାଲ୍ ବ୍ୟାଙ୍କିଙ୍ଗ ଚ୍ୟାନେଲ ବ୍ୟବହାର କରିବାକୁ ପରାମର୍ଶ ଜାରି କରିବା ଆରମ୍ଭ କରିସାରିଛନ୍ତି। ସରକାର କହିଛନ୍ତି ଯେ ଅତ୍ୟାବଶ୍ୟକ ବ୍ୟାଙ୍କିଙ୍ଗ ସେବାଗୁଡ଼ିକ ଯେପରି ନିରବଚ୍ଛିନ୍ନ ଭାବରେ ଜାରି ରହିବ ତାହା ସୁନିଶ୍ଚିତ କରିବା ପାଇଁ ପଦକ୍ଷେପ ନିଆଯାଇଛି ଏବଂ ପୁନରାବୃତ୍ତି କରିଛନ୍ତି ଯେ, ବ୍ୟାଙ୍କ ଗ୍ରାହକଙ୍କ କଲ୍ୟାଣ ଏବଂ ସୁବିଧା ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା ରହିଛି।ବ୍ୟାଙ୍କିଂ କର୍ମଚାରୀଙ୍କ ପ୍ରତିନିଧିତ୍ୱ କରୁଥିବା ୟୁଏଫବିୟୁ ଅନ୍ୟାନ୍ୟ ଦାବି ସହିତ ମୁଖ୍ୟତଃ ପାଞ୍ଚ ଦିନିଆ ବ୍ୟାଙ୍କିଂ ସପ୍ତାହ ପ୍ରଚଳନ କରିବାକୁ ଚାହୁଁଛି। ପାଞ୍ଚ ଦିନିଆ ବ୍ୟାଙ୍କିଙ୍ଗ ଦାବି ସମ୍ପର୍କରେ ସରକାରଙ୍କ ପକ୍ଷରୁ କୁହାଯାଇଛି ଏହି ପ୍ରସଙ୍ଗ ବିଚାରାଧୀନ ଅଛି ଏବଂ ନିଷ୍ପତ୍ତି ନେବା ପୂର୍ବରୁ ଅନ୍ୟ ଅନେକ ଅଂଶୀଦାରଙ୍କ ମତାମତକୁ ବିଚାରକୁ ନିଆଯିବା ଆବଶ୍ୟକ।

## ଆୟୁଷ୍ମାନ ଭାରତକୁ ୮ ବର୍ଷ

**ନୂଆଦିଲ୍ଲୀ:** ବୁଧବାର ଦିନ ଆୟୁଷ୍ମାନ ଭାରତ ଯୋଜନା ଆଠ ବର୍ଷ ପୂରଣ କରିଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଏହା ଦେଶର ୬୦ କୋଟିରୁ ଅଧିକ ଲୋକଙ୍କୁ ୫ ଲକ୍ଷ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ କଭରେଜ୍ ପ୍ରଦାନ କରୁଛି। ଏହା ବିଶ୍ୱର ସର୍ବବୃହତ ସ୍ୱାସ୍ଥ୍ୟସେବା ଯୋଜନା ପାଲଟିଛି। ଆୟୁଷ୍ମାନ ଭାରତର ସମସ୍ତ ହିତାଧିକାରୀଙ୍କୁ ଶୁଭେଚ୍ଛା ଜଣାଇ ପ୍ରଧାନମନ୍ତ୍ରୀ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ପୋଷ୍ଟରେ ଲେଖିଛନ୍ତି, ଆଠ ବର୍ଷ ପୂର୍ବେ ପ୍ରତ୍ୟେକ ଭାରତୀୟଙ୍କୁ ଗୁଣାତ୍ମକ ଏବଂ ସୁଲଭ ସ୍ୱାସ୍ଥ୍ୟସେବା ଯୋଗାଇବା ଦୃଷ୍ଟିକୋଣ ସହିତ ଆୟୁଷ୍ମାନ ଭାରତ ଆରମ୍ଭ କରାଯାଇଥିଲା। ଏହା ଚିକିତ୍ସା ଖର୍ଚ୍ଚରେ ରେକର୍ଡ ସଞ୍ଚୟ କରିପାରିଛି, ଯାହା ଗରିବ ଏବଂ ମଧ୍ୟବିତ୍ତ ବର୍ଗଙ୍କୁ ଲାଭ ଦେଇଛି। ସ୍ୱାସ୍ଥ୍ୟସେବା ପ୍ରତ୍ୟେକ ଘର ନିକଟରେ ପହଞ୍ଚିବାରେ ଲାଗିଛି। ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ଏପର୍ଯ୍ୟନ୍ତ ୫୦୦ କୋଟିରୁ ଅଧିକ ପରିଦର୍ଶନ ରେକର୍ଡ କରାଯାଇଛି। ଏହା ତୃଣମୂଳ ସ୍ତରରେ ପ୍ରାଥମିକ ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରୁଛି।କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡା କହିଛନ୍ତି, ଆଠ ବର୍ଷ ପୂର୍ବେ ପ୍ରଧାନମନ୍ତ୍ରୀଙ୍କ ସେବା କରିବାର ପ୍ରତିଶ୍ରୁତି ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ସ୍ୱାସ୍ଥ୍ୟସେବାର ସୁବିଧାକୁ ପରିବର୍ତ୍ତନ କରିଛି।ସାରା ଦେଶରେ ୩୯ ହଜାରରୁ ଅଧିକ ତାଲିକାଭୁକ୍ତ ସରକାରୀ ଏବଂ ବେସରକାରୀ ହସ୍ପିଟାଲ ମାଧ୍ୟମରେ ୨ ଲକ୍ଷ କୋଟିରୁ ଅଧିକ ମୂଲ୍ୟର ହସ୍ପିଟାଲ ଖର୍ଚ୍ଚରେ ଚିକିତ୍ସା କରାଯାଇଛି। ୧୩ କୋଟିରୁ ଅଧିକ ଲୋକ ଚିକିତ୍ସାରୁ ଉପକୃତ ହୋଇଛନ୍ତି।

## ଏସ୍‌ବିଆଇ ବ୍ୟାକିଙ୍ଗ୍ ଓ ଅର୍ଥନୀତି ସମ୍ମିଳନୀ-୨୦୨୬ ଉଦ୍‌ଘାଟିତ

# ଡିଜାଇନ,ଇନୋଭେଟ, ଲିଡ ଫ୍ରମ୍ ଇଣ୍ଡିଆ ଦିଗରେ ଆଗେଇବାକୁ ଆହ୍ୱାନ



**ମୁମ୍ବାଇ:** ମୁମ୍ବାଇଠାରେ ଆୟୋଜିତ ୧୩ତମ ଏସ୍‌ବିଆଇ ବ୍ୟାଙ୍କିଂ ଓ ଅର୍ଥନୀତି ସମ୍ମିଳନୀ-୨୦୨୬ର ଉଦ୍ଘାଟନୀ ଅଧିବେଶନରେ ପ୍ରଧାନମନ୍ତ୍ରୀଙ୍କ ପ୍ରଧାନ ସଚିବ ଡ. ପି. କେ. ମିଶ୍ର ଯୋଗଦେଇ ଉଦ୍‌ବୋଧନ ଦେଇଛନ୍ତି। "ଉଦୀୟମାନରୁ ଅଗ୍ରଣୀ: ବିଶ୍ୱ ଅର୍ଥନୈତିକ ବ୍ୟବସ୍ଥାରେ ଭାରତର ବର୍ଦ୍ଧିତ ଭୂମିକା" ଶୀର୍ଷକ ବିଷୟବସ୍ତୁ ଉପରେ ସମ୍ମିଳନୀ ଆୟୋଜିତ ହୋଇଛି। ଡ. ମିଶ୍ର କହିଛନ୍ତି ଯେ, ଉଦୀୟମାନ ଅର୍ଥନୀତିରୁ ଅଗ୍ରଣୀ ଅର୍ଥନୀତି ଭାବେ ଭାରତର ଯାତ୍ରା କେବଳ ଅର୍ଥନୈତିକ ଆକାରର ବୃଦ୍ଧି ନୁହେଁ, ବରଂ ଏହା ମୌଳିକ ଭାବେ ଏକ ପ୍ରତିଷ୍ଠାନଗତ ଯାତ୍ରା। ଏକ ଅଗ୍ରଣୀ ଅର୍ଥନୀତି ନିରନ୍ତର ଅଭିବୃଦ୍ଧି କରିବା ସହ ବାହ୍ୟ ଆଘାତକୁ ସାମ୍ନା କରିବା ଏବଂ ବିଶ୍ୱ ଅର୍ଥନୀତିର କଲ୍ୟାଣରେ ଅଧିକ ଅବଦାନ ରଖିବାର କ୍ଷମତା ରଖିବା ଆବଶ୍ୟକ ବୋଲି ସେ କହିଛନ୍ତି। ଗତ ଏକ ଦଶନ୍ଧିରେ ଭାରତର ଅର୍ଥନୈତିକ ଭିତ୍ତି ଅଧିକ ସୁଦୃଢ଼ ହୋଇଥିବା ଉଲ୍ଲେଖ କରି ସେ ମାକ୍ରୋ ଅର୍ଥନୈତିକ ସ୍ଥିରତା, ଆର୍ଥିକ ଏକତ୍ରୀକରଣ, ବ୍ୟାଙ୍କଗୁଡ଼ିକର ସୁଦୃଢ଼ ବାଲାନ୍ସ ସିଟ୍, ଦେବାଳିଆ ଓ ଦେୟ ଅସମର୍ଥତା ସଂହିତା, ଜିଏସ୍ଟି, ଡିଜିଟାଲ୍ ସାର୍ବଜନୀନ ଭିତ୍ତିଭୂମି ଏବଂ ସରକାରୀ ପୁଞ୍ଜି ବ୍ୟୟ ବୃଦ୍ଧିକୁ ପ୍ରମୁଖ ଭିତ୍ତି ଭାବେ ଦର୍ଶାଇଛନ୍ତି। ୨୦୧୫-୧୬ରେ ପ୍ରାୟ ୨.୫ ଲକ୍ଷ କୋଟି ଟଙ୍କା ଥିବା ପୁଞ୍ଜି ବ୍ୟୟ ୨୦୨୬-୨୭ରେ ୧୨ ଲକ୍ଷ କୋଟି ଟଙ୍କାରୁ ଅଧିକକୁ ବୃଦ୍ଧି ପାଇଛି ବୋଲି ସେ କହିଛନ୍ତି। ଜନଧନ-ଆଧାର-ମୋବାଇଲ୍ ଓ ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତରରୁ ୟୁପିଆଇ, ଆକାଉଣ୍ଟ ଏଗ୍ରିଗେଟର ଏବଂ ଡିଜିଟାଲ୍ ଋଣ ପ୍ରଦାନ ଭିତ୍ତିଭୂମି ପର୍ଯ୍ୟନ୍ତ ଡିଜିଟାଲ୍ ସାର୍ବଜନୀନ ଭିତ୍ତିଭୂମିର ରୂପାନ୍ତରଣ ଋଣ ପ୍ରାପ୍ତିର ସୁଯୋଗକୁ ବ୍ୟାପକ କରିପାରିବ ବୋଲି ସେ କହିଛନ୍ତି। ଆର୍ଥିକ ବ୍ୟବସ୍ଥାକୁ ଏବେ "ଅଭିବୃଦ୍ଧିକୁ ସମର୍ଥନ କରିବା"ରୁ "ଅଭିବୃଦ୍ଧିକୁ ସକ୍ଷମ କରିବା" ଦିଗରେ ଆଗେଇବାକୁ ପଡ଼ିବ ବୋଲି ଡ. ମିଶ୍ର କହିଛନ୍ତି। କୋଭିଡ୍-୧୯ ମହାମାରୀ, ୟୁକ୍ରେନ୍ ସଂଘର୍ଷ ଏବଂ ପଶ୍ଚିମ ଏସିଆ ସଙ୍କଟରୁ ସୃଷ୍ଟ ବାଧାଗୁଡ଼ିକ ପ୍ରତିଷ୍ଠାନଗତ ଓ ଆର୍ଥିକ କ୍ଷମତାର ଗୁରୁତ୍ୱକୁ ଦର୍ଶାଇଛି ବୋଲି ସେ କହିଛନ୍ତି। ମହାମାରୀ ପରଠାରୁ ଭାରତୀୟ ଅର୍ଥନୀତି ବାସ୍ତବ ଅର୍ଥରେ ହାରାହାରି ୭ ପ୍ରତିଶତରୁ ଅଧିକ ହାରରେ ବଢ଼ିଛି ଏବଂ ଚଳିତ ବର୍ଷର ପ୍ରଥମ ତ୍ରୈମାସିକରେ ଅଭିବୃଦ୍ଧି ହାର ୭.୮ ପ୍ରତିଶତ ରହିଛି। ବିଶ୍ୱସ୍ତରୀୟ ମେଣ୍ଟ ଭାଗିକରଣ, ବଢୁଥିବା ବାଣିଜ୍ୟ ପ୍ରତିବନ୍ଧକ, ଆମଦାନୀ ନିର୍ଭରଶୀଳତା, ବାହ୍ୟ ଖାତା ଉପରେ ଚାପ ଏବଂ କୃତ୍ରିମ ବୁଦ୍ଧିମତ୍ତାର ଦ୍ରୁତ ବିକାଶରୁ ସୃଷ୍ଟ ଝୁମ୍ପ ଉପରେ ମଧ୍ୟ ସେ ଆଲୋକପାତ କରିଛନ୍ତି।

## ଚେନ୍ନାଇରେ ବିଦେଶୀ ବିମାନର ଜରୁରୀ ଅବତରଣ

**ଚେନ୍ନାଇ:** ଭିଏତନାମର ହୋ ଚି ମିନ୍ ସିଟିରୁ ଶ୍ରୀଲଙ୍କାର କଲମ୍ବୋ ଯାଉଥିବା ଏକ ବିମାନ ମଝି ଆକାଶରେ ଯାନ୍ତ୍ରିକ ତ୍ରୁଟିର ସମ୍ମୁଖୀନ ହୋଇଛି। ବିମାନର ଗୋଟିଏ ଇଞ୍ଜିନ୍ କାମ କରିବା ବନ୍ଦ କରିଦେବାରୁ ମଙ୍ଗଳବାର ବିଳମ୍ବିତ ରାତିରେ ଚେନ୍ନାଇ ବିମାନବନ୍ଦରରେ ଏହାର ଜରୁରୀକାଳୀନ ଅବତରଣ କରାଯାଇଛି। ବିମାନରେ ୧୪୩ ଜଣ ଯାତ୍ରୀ ଓ କ୍ରିୟୁ ସଦସ୍ୟ ଏକ ବଡ଼ ଦୁର୍ଘଟଣାରୁ ବର୍ତ୍ତିଯାଇଛନ୍ତି।ଅଧିକାରୀଙ୍କ ସୂଚନା ଅନୁଯାୟୀ, ଇଞ୍ଜିନରେ ତ୍ରୁଟି ପରିଲକ୍ଷିତ ହେବା ପରେ ବିମାନବନ୍ଦର କର୍ତ୍ତୃପକ୍ଷ ତୁରନ୍ତ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିଥିଲେ ଏବଂ "ଏୟାରପୋର୍ଟ ଏମର୍ଜେନ୍ସି ପ୍ଲାନ୍" ଅନୁଯାୟୀ ସମସ୍ତ ସୁରକ୍ଷା ପଦକ୍ଷେପ ଗ୍ରହଣ କରାଯାଇଥିଲା। ରାତି ପ୍ରାୟ ୧୧ଟା ସମୟରେ ଏୟାରବସ୍ ଏ୩୨୦ ବିମାନଟି ସୁରକ୍ଷିତ ଭାବେ ଅବତରଣ କରିଥିଲା। ସମସ୍ତ ଯାତ୍ରୀ ଓ କ୍ରିୟୁ ସଦସ୍ୟ ସୁରକ୍ଷିତ ଭାବେ ଓହ୍ଲାଇବା ପରେ ରାତି ୧୧ଟା ୩୫ ମିନିଟରେ ଜରୁରୀକାଳୀନ ପରିସ୍ଥିତି ପ୍ରତ୍ୟାହାର କରାଯାଇଥିଲା ଏବଂ ବିମାନବନ୍ଦରର ସ୍ୱାଭାବିକ କାର୍ଯ୍ୟଚାଲୁ ରହିଥିଲା। ପରବର୍ତ୍ତୀ ସମୟରେ ବିମାନ ସଂସ୍ଥା ପକ୍ଷରୁ ବିକଳ୍ପ ବ୍ୟବସ୍ଥା କରାଯାଇ ଯାତ୍ରୀମାନଙ୍କୁ କଲମ୍ବୋ ପଠାଯାଇଛି।

## ଆମେରିକାରେ ଚୀନ ରାଷ୍ଟ୍ରପତି



ୱାଶିଂଟନ,୨୩।୯ (ଏଜେନ୍ସି): ଚୀନର ରାଷ୍ଟ୍ରପତି ସି ଜିଙ୍ଗପିଙ୍ଗ ଆମେରିକାରେ ପହଞ୍ଚିଛନ୍ତି। ଦୀର୍ଘ ୧୦ ବର୍ଷ ପରେ ଆମେରିକାଗସ୍ତରେ ଆସିବାରେ ଜିଙ୍ଗପିଙ୍ଗ ହେଉଛନ୍ତି ଚୀନର ପ୍ରଥମ ରାଷ୍ଟ୍ରପତି। ସେ ଆମେରିକା ରାଜଧାନୀ ୱାଶିଂଟନରେ ପହଞ୍ଚିବା ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଜିଙ୍ଗ ପିଙ୍ଗଙ୍କ ଏହି ଗସ୍ତ ଉପରେ ବିଶ୍ୱର ଅନେକ ନେତା ନଜର ରଖିଛନ୍ତି। ଏହି ଗସ୍ତ କାଳରେ ଆମେରିକା ଓ ଚୀନ ମଧ୍ୟରେ କେଉଁ ପ୍ରସଙ୍ଗ ନେଇ ଆଲୋଚନା ହେବ ଏବଂ କି ପ୍ରକାରର ରଣନୀତି ଗ୍ରହଣ କରୁଛନ୍ତି, ତାହାକୁ ନେଇ କୂଟନୈତିକ ମହଲରେ ଆଲୋଚନା ଓ ପର୍ଯ୍ୟାଲୋଚଦା ଚାଲିଛି। ଗୁରୁବାର ହ୍ୱାଇଟ ହାଉସ ଠାରେ ଏକ ଆନୁଷ୍ଠାନିକ ରାତ୍ରି ଭୋଜନର ଆୟୋଜନ କରାଯାଇଛି।

# ଜାତିସଂଘରେ ପାକିସ୍ତାନକୁ କାଶ୍ମୀରୀ ମହିଳାଙ୍କ ମୁହଁତୋଡ ଜବାବ




**ଜେନେଭା:** ଜମ୍ମୁ-କାଶ୍ମୀର ବାରମୂଲାର ଜଣେ ମହିଳା ଅନ୍ତର୍ଜାତୀୟ ସ୍ତରରେ ପାକିସ୍ତାନ- ଅଧିକୃତ କାଶ୍ମୀର(ପିଓକେ)ର ଲୋକଙ୍କ ଦୁଃଖ ବଖାଣିବା ସହିତ ପାକିସ୍ତାନର ଅସଲ ମୁଖା ଖୋଲିଛନ୍ତି। ଜେନେଭାରେ ଅନୁଷ୍ଠିତ ଜାତିସଂଘ ମାନବାଧିକାର ପରିଷଦର ୬୩ତମ ଅଧିବେଶନରେ ପିଓକେରେ ପ୍ରତିବାଦ ଉପରେ ଇସଲାମାବାଦର ଦମନଲୀଳା ବିରୋଧରେ ବକ୍ତବ୍ୟ ରଖି ଅଖତର ପାକିସ୍ତାନକୁ ତୀବ୍ର ଭର୍ତ୍ସନା କରିଛନ୍ତି। ତସଲିମା ଅଖତାର ଗଣମାଧ୍ୟମ ସହିତ କଥାବାର୍ତ୍ତାରେ କହିଛନ୍ତି ଯେ, ସେ ସ୍ପଷ୍ଟ ଭାବରେ କହିବାକୁ କିମ୍ବା ପାକିସ୍ତାନର ମିଥ୍ୟା କାହାଣୀକୁ ଚ୍ୟାଲେଞ୍ଜ କରିବାକୁ ଭୟ କରୁ ନଥିଲେ। ତସଲିମା ଅଖତର ଜଣେ ସାମାଜିକ-ରାଜନୈତିକ କର୍ମୀ, ସେ କାଶ୍ମୀର ଆତଙ୍କବାଦୀ ପୀଡିତ ସଂଘ (ଏଟିଭିକେ) ସହିତ ଜଡିତ। ଜେନେଭାରେ ଜାତିସଂଘ ମାନବାଧିକାର ପରିଷଦର ସାଧାରଣ ପରିଷଦକୁ ସମ୍ବୋଧିତ କରି ସେ ପିଓକେରେ ମାନବାଧିକାର ସ୍ଥିତି ଉପରେ ଚିନ୍ତା ପ୍ରକଟ କରିଥିଲେ, ପାକିସ୍ତାନୀ ସୁରକ୍ଷା ବାହିନୀ ଉପରେ ଅଭିଯୋଗ କରିଥିଲେ ଯେ, ସେମାନେ ଶାନ୍ତିପୂର୍ଣ୍ଣ ଭାବରେ ମୌଳିକ ଅଧିକାର ଦାବି କରୁଥିବା ସାଧାରଣ ନାଗରିକଙ୍କ ଉପରେ ଗୁଳି ଚଳାଉଛନ୍ତି। ପ୍ରତ୍ୟେକ ହତ୍ୟାର ନିରପେକ୍ଷ ତଦନ୍ତ ହେବା ଉଚିତ।ଅଖତର କହିଛନ୍ତି, ପିଓକେକୁ ଆଜାଦ କାଶ୍ମୀର କହିବା ପାକିସ୍ତାନର ସବୁଠୁ ବଡ଼ ମିଥ୍ୟା। କୌଣସି ସ୍ୱାଧୀନ ରାଷ୍ଟ୍ରର ଲୋକମାନେ ସେମାନଙ୍କ ମୌଳିକ ଅଧିକାର ଦାବି କଲେ ସେମାନଙ୍କ ଉପରକୁ ଗୁଳି କରାଯାଏ ନାହିଁ। ପାକିସ୍ତାନ କେବେବି କାଶ୍ମୀରର ସ୍ୱାର୍ଥ ପାଇଁ ବାସ୍ତବରେ କିଛି କରେ ନାହିଁ। ପ୍ରଥମେ ଆତଙ୍କବାଦୀଙ୍କୁ ପଠାଇ ଜମ୍ମୁ-କାଶ୍ମୀରକୁ କବରସ୍ଥାନରେ ପରିଣତ କରିବାକୁ ଚେଷ୍ଟା କଲା ଓ ପରେ ପିଓକେରେ ନିରସ୍ତ୍ର ଆନ୍ଦୋଳନରେ ନିରୀହ ଲୋକଙ୍କୁ ହତ୍ୟା କରି ଏହାକୁ କବରସ୍ଥାନରେ ପରିଣତ କରିଛନ୍ତି ବୋଲି ଅଖତର କହିଛନ୍ତି। ନ୍ୟୁୟର୍କରେ ଅନୁଷ୍ଠିତ ଜାତିସଂଘ ସାଧାରଣ ପରିଷଦରେ ଅଖତାର କହିଛନ୍ତି ଯେ, ପିଓକେରେ ସମ୍ପ୍ରତି ଶାସନ ଓ ଅର୍ଥନୈତିକ ପ୍ରସଙ୍ଗ ଉପରେ ମିଳିତ ଆୱାମୀ କାର୍ଯ୍ୟ କମିଟି ଓ ନାଗରିକ ସମାଜ ଗୋଷ୍ଠୀମାନଙ୍କ ନେତୃତ୍ୱରେ ଶାନ୍ତିପୂର୍ଣ୍ଣ ପ୍ରତିବାଦ ଜାରି ରହିଛି ଏବଂ ଏଗୁଡ଼ିକୁ କର୍ତ୍ତୃପକ୍ଷଙ୍କ କଠୋର ପ୍ରତିକ୍ରିୟାର ସମ୍ମୁଖୀନ ହେବାକୁ ପଡୁଛି।

## ୩୦ ସୁଦ୍ଧା ପ୍ରକାଶ ପାଇବ ନିଟ୍ ପିଜି ପରୀକ୍ଷା ଫଳ

**ନୂଆଦିଲ୍ଲୀ:** ନ୍ୟାସନାଲ ବୋର୍ଡ଼ ଅଫ୍ ମେଡିକାଲ ସାଇନ୍ସେସ୍ (ଏନ୍‌ବିଇଏମ୍‌ଏସ୍) ଦ୍ୱାରା କରାଯାଇଥିବା ନିଟ୍ ପିଜି ପ୍ରବେଶିକା ପରୀକ୍ଷା ୨୦୨୬ ଫଳାଫଳସେପ୍ଟେମ୍ବର ୩୦ ତାରିଖ ସୁଦ୍ଧା ଘୋଷଣା କରିପାରେ। ଏନ୍‌ବିଇଏମ୍‌ଏସ୍ ଏପର୍ଯ୍ୟନ୍ତ ଉତ୍ତର ପ୍ରକାଶନ ନେଇ କୌଣସି ନିର୍ଦ୍ଦିଷ୍ଟ ତାରିଖ ଘୋଷଣା କରିନଥିବାବେଳେ ଖୁବ୍ ଶୀଘ୍ର ନ୍ୟାସନାଲ ପ୍ରବେଶିକା ପରୀକ୍ଷା ପ୍ରୋଭିଜନାଲ୍ ଉତ୍ତର କୀ ଓ ପ୍ରାର୍ଥୀଙ୍କ ଉତ୍ତର ପତ୍ର ପ୍ରକାଶ କରିବ ବୋଲି ଆଶା କରାଯାଉଛି।ପରୀକ୍ଷା ସ୍ୱଚ୍ଛତା ଉପରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପାଳନ କରି, ଚଳିତ ବର୍ଷ ବୋର୍ଡ ପ୍ରଥମ ଥର ପାଇଁ ଉତ୍ତର କୀ ଓ ରେକର୍ଡ ହୋଇଥିବା ଉତ୍ତର ପ୍ରକାଶ କରିବ। ପରୀକ୍ଷାର୍ଥୀ ପ୍ରଶ୍ନର ସଠିକ୍ ଉତ୍ତର ଓ ପରୀକ୍ଷା ସମୟରେ ରେକର୍ଡ ହୋଇଥିବା ଉତ୍ତର ଯାଞ୍ଚ କରିପାରିବେ। ପରୀକ୍ଷା ଫଳାଫଳ ବାହାରିବା ପୂର୍ବରୁ ପରୀକ୍ଷାର୍ଥୀ ସେମାନଙ୍କ ଉତ୍ତରକୁ ବୋର୍ଡ଼ର ଉତ୍ତର ସହିତ ତୁଳନା କରି ଫଳାଫଳ ପୂର୍ବରୁ ସେମାନଙ୍କ ସ୍କୋର ଜାଣିପାରିବେ।

## ୪ ଜଣଙ୍କୁ ଧକ୍କା ଦେଲା ରାଜ୍ୟରାଣୀ ଏକ୍ସପ୍ରେସ

**ସିକାକୁଲମ:** ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ୍ ଜିଲ୍ଲାର ଟେକ୍କାଲି ମଣ୍ଡଳ ଅନ୍ତର୍ଗତ ରବିଭଲସା ନିକଟରେ ବୁଧବାର ଏକ ଭୟଙ୍କର ରେଳ ଦୁର୍ଘଟଣାରେ ୪ ଜଣ ଛାତ୍ରଙ୍କ ମୃତ୍ୟୁ ଘଟିଛି। ରାଜ୍ୟରାଣୀ ଏକ୍ସପ୍ରେସ୍ ଧକ୍କାରେ ଘଟଣାସ୍ଥଳରେ ୪ ଜଣଙ୍କ ଜୀବନ ଯାଇଥିବାବେଳେ ଆଉ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକମାନେ ହେଲେ ବିଶାଖ ରାଓ, ଦିଲୀପ କୁମାର, ଶିବା ଓ ଶରତ। ଆହତ ଯୁବକଙ୍କ ନାମ ସଲମନ ରଜୁ ବୋଲି ଜଣାପଡ଼ିଛି। ପ୍ରାଥମିକ ସୂଚନା ଅନୁଯାୟୀ, ମୃତାହତମାନେ ଟେକ୍କାଲି ନିକଟସ୍ଥ ଡାମାରା ଅଞ୍ଚଳର ବାସିନ୍ଦା। ସେମାନେ ଏକ ହଷ୍ଟେଲରେ ରହି ପାଠ ପଢୁଥିଲେ।ବୁଧବାର ସେମାନେ ରେଳ ଧାରଣା ନିକଟକୁ ମାଛ ଧରିବାକୁ ଯାଇଥିବା ସମୟରେ ଏହି ଅଘଟଣ ଘଟିଥିବା କୁହାଯାଉଛି।

## ଆଣ୍ଡ୍ରଏଡରେ ଆଡୋବ ପ୍ରିମିୟର ଆପ୍ ଉପଲବ୍ଧ

**ମୁମ୍ବାଇ:** ଆଡୋବ ପ୍ରିମିୟର ମୋବାଇଲ ଆପ୍ ଏବେ ଆଣ୍ଡ୍ରଏଡରେ ଉପଲବ୍ଧ ହେଉଛି।ଏହା ଯାହା ବିଶ୍ୱବ୍ୟାପୀ ଲକ୍ଷ ଲକ୍ଷ କ୍ରିଏଟରଙ୍କ ପାଇଁ ମାଗଣାରେ ସହଜ ଓ ଶକ୍ତିଶାଳୀ ଭିଡିଓ ଏଡିଟିଂ ଆଣିଛି। କ୍ରିଏଟରଙ୍କ ପାଇଁ ନିର୍ମିତ ଏହି ଆପ୍ ପେସାଦାରମାନେ ବ୍ୟବହାର କରୁଥିବା ଏଡିଟିଂ ଟୁଲଗୁଡିକୁ ପହଂଚଯୋଗ୍ୟ ଓ ମୋବାଇଲରେ ବ୍ୟବହାର କରିବା ପାଇଁ ସହଜ କରିଛି। ଆକର୍ଷଣୀୟ, ଉଚ୍ଚମାନର ସୋସିଆଲ କଣ୍ଟେଣ୍ଟକୁ ସହଜରେ ତିଆରି କରିବା ପାଇଁ ଆବଶ୍ୟକ ସବୁକିଛି ଏହି ଆପରେ ରହିଛି। ପ୍ରିମିୟର ମୋବାଇଲ, କିଛି ଟ୍ୟାପରେ ଷ୍ଟୁଡିଓ-କ୍ୱାଲିଟି ସାଉଣ୍ଡ ପାଇବାରେ କ୍ରିଏଟରଙ୍କୁ ସାହାଯ୍ୟ କରୁଥିବା ଟୁଲ ପ୍ରଦାନ କରୁଛି। ଏଥିରେ ବର୍ଦ୍ଧିତ ଅଡିଓ, ମଲଟିଟ୍ରାକ ଟାଇମଲାଇନ, ଫ୍ରେମ ଆକ୍ୟୁରେଟ ଏଡିଟିଂ , କ୍ରିଏଟର-ମେଡ ଟେମ୍ପ୍ଲେଟ ଭଳି ଫିଚର ରହିଛି। ପ୍ରଥମ ଭିଡିଓ ତିଆରି କରିବା ହେଉ କିମ୍ବା ପ୍ରତିଦିନ କଣ୍ଟେଣ୍ଟ ନିର୍ମାଣ କରିବା, ପ୍ରିମିୟର ମୋବାଇଲ କ୍ରିଏଟରଙ୍କୁ ନିଜ ମୋବାଇଲ ଡିଭାଇସରେ କଣ୍ଟେଣ୍ଟ ପ୍ରସ୍ତୁତ କରିବା ପାଇଁ ଗୁଣାତ୍ମକ ଓ ସହଜ ଏଡିଟିଂ ପ୍ରଦାନ କରିଥାଏ। ସର୍ବନିମ୍ନ ୫ଜିବି ରାମ୍ ସହିତ ଆଣ୍ଡ୍ରଏଡ ୧୩ କିମ୍ବା ତାହାଠାରୁ ଅଧିକ ସଂସ୍କରଣରେ ପରିଚାଳିତ ଡିଭାଇସଗୁଡିକ ପାଇଁ ଆଣ୍ଡ୍ରଏଡରେ ପ୍ରିମିୟର ମୋବାଇଲ ଏବେ ଗୁଗଲ ପ୍ଲେ ଷ୍ଟୋରରେ ଉପଲବ୍ଧ ହେଉଛି।ଏସମ୍ପର୍କରେ ଆଡୋବର ପ୍ରିମିୟର ମୋବାଇଲର ପ୍ରଡକଟ ମାର୍କେଟିଂ ବିଭାଗର ନିର୍ଦ୍ଦେଶକ ଦିକ୍ଷା କୁହାର କହିଛନ୍ତି ଯେ ୯୫% ଭାରତୀୟ କ୍ରିଏଟର ମୋବାଇଲ-ଫାଷ୍ଟ ହୋଇଥିବା ବେଳେ ଭାରତର ପରବର୍ତ୍ତୀ ପିଢ଼ିର କ୍ରିଏଟରଙ୍କ ପାଇଁ ସ୍ମାର୍ଟଫୋନ ଦ୍ରୁତ ବେଗରେ ଷ୍ଟୁଡିଓରେ ପରିଣତ ହୋଇଛି।

## ମାଲ୍ ପରିବହନରେ ଏସଇଆରର ଦୃଢ଼ ଅଭିବୃଦ୍ଧି

**କୋଲକାତା :** ଦକ୍ଷିଣ-ପୂର୍ବ ରେଳବାଇ (ଏସଇଆର)୨୦୨୬-୨୭ ଆର୍ଥିକ ବର୍ଷରେ ମାଲ୍ ପରିବହନ କ୍ଷେତ୍ରରେ ଦୃଢ଼ ପ୍ରଦର୍ଶନ ବଜାୟ ରଖିଛି। ଗତ ବର୍ଷର ୯୪.୯୪ ନିୟୁତ ଟନ୍ ତୁଳନାରେ ୫.୪୨% ଅଭିବୃଦ୍ଧି ହାସଲ କରି, ରେଳବାଇ ୨୦.୦୯.୨୦୨୬ ତାରିଖରେ - ଅର୍ଥାତ ଗତ ବର୍ଷ ତୁଳନାରେ ୯ ଦିନ ପୂର୍ବରୁ - ୧୦୦ ନିୟୁତ ଟନର ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଅତିକ୍ରମ କରିଛି। ସେପେଟମ୍ବର ମାସରେ ମଧ୍ୟ ଏହି ସକାରାତ୍ମକ ଧାରା ଜାରି ରହିଛି। ୨୨ ତାରିଖ ସୁଦ୍ଧା,ରେଳବାଇର ମୋଟ ମାଲ୍ ଲୋଡିଂ ପରିମାଣ ୧୦୧.୩୩ ନିୟୁତ ଟନ୍ ରହିଛି, ଯାହା ଗତ ବର୍ଷର ୯୬.୦୫ ନିୟୁତ ଟନ୍ ତୁଳନାରେ ୫.୫୦% ଅଧିକ।

## ୱେବିନାରରେ ବିଶେଷଜ୍ଞମାନଙ୍କ ମତ

# ଭାରତର ଆର୍ଥିକ ବିକାଶକୁ ତ୍ୱରାନ୍ୱିତ କରୁଛି ଡାଟା ସେଣ୍ଟର



**ନୂଆଦିଲ୍ଲୀ :** ଭାରତର ଦ୍ରୁତ ବିସ୍ତାରିତ ଡାଟା ସେଣ୍ଟର ବ୍ୟବସ୍ଥା ଆର୍ଥିକ ବିକାଶକୁ ତ୍ୱରାନ୍ୱିତ କରୁଛି । ନୂତନ ନିଯୁକ୍ତି ସୃଷ୍ଟି କରୁଛି ଏବଂ ସ୍ୱଚ୍ଛ ଶକ୍ତି ଆଡ଼କୁ ଅଗ୍ରସର ହେବାରେ ସାହାଯ୍ୟ କରୁଛି ବୋଲି ପଲିସି କନସେନସସ୍ ସେଣ୍ଟର ଦ୍ୱାରା ଆୟୋଜିତ ଏକ ୱେବିନାରରେ ବିଶେଷଜ୍ଞମାନେ ମତ ପ୍ରକାଶ କରିଥିଲେ । ଅନ୍ୟପକ୍ଷରେ ଏହିସବୁ କେନ୍ଦ୍ର ନିକଟରେ ରହୁଥିବା ବାସିନ୍ଦାମାନେ ନିରାପଦ, ନିରବଚ୍ଛିନ୍ନ ଜଳ ଯୋଗାଣ ଏବଂ ସୁସ୍ଥ ଜୀବନଶୈଳୀ ସମ୍ପର୍କରେ ନିଜର ପ୍ରତ୍ୟକ୍ଷ ଅନୁଭୂତି ବାଣ୍ଟିଥିଲେ । ବିଶେଷଜ୍ଞମାନେ ଗୁରୁତ୍ୱାରୋପ କରିଥିଲେ ଯେ ଡାଟା ସେଣ୍ଟର ବ୍ୟବସ୍ଥାକୁ କେବଳ ଏକ ପ୍ରଯୁକ୍ତିବିଦ୍ୟା ଭିତ୍ତିଭୂମି ଭାବରେ ନ ଦେଖି, ଭାରତର ବ୍ୟାପକ ଅର୍ଥନୈତିକ ଏବଂ ସ୍ଥାୟୀ ରୂପାନ୍ତରଣର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଭାବରେ ଦେଖାଯିବା ଉଚିତ । ଆଗାମୀ କିଛି ବର୍ଷ ମଧ୍ୟରେ ଭାରତର ଡାଟା ସେଣ୍ଟର କ୍ଷମତା ଯଥେଷ୍ଟ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି । ଶିଳ୍ପ ଆକଳନ ଅନୁଯାୟୀ ୨୦୩୦ ସୁଦ୍ଧା ଏହାର କ୍ଷମତା ୬ ରୁ ୬.୫ ଗିଗାୱାଟରେ ପହଞ୍ଚିବ, ଯାହା ସହିତ ବ୍ୟାପକ ପୁଞ୍ଜିନିବେଶ ଏବଂ କୁଶଳୀ ପ୍ରତିଭାର ଚାହିଦା ମଧ୍ୟ ବଢ଼ିବ । ଅନ୍ୟ ଏକ ସଦ୍ୟତମ ଶିଳ୍ପ ଆକଳନ ଅନୁଯାୟୀ, ୨୦୩୦ ସୁଦ୍ଧା ଭାରତର ବିକାଶ ପାଇପଲାଇନ୍ ୩,୮୭୦ ମେଗାୱାଟ୍ ରହିଛି, ଯାହା ପାଇଁ ପ୍ରାୟ ୨୯.୯ ବିଲିୟନ ଡଲାର ବିକାଶ ପୁଞ୍ଜିର ଆବଶ୍ୟକତା ରହିଛି । ଲିଭିଙ୍ଗ୍ ନେକ୍ସଟ୍ ଟୁ ଦି କ୍ଲାଉଡ୍: ଆନ୍ ଏଭିଡେନ୍ସ-ବେସ୍ଡ୍ ଆପ୍ରୋଚ୍ ଟୁ ଡାଟା ସେଣ୍ଟର୍ସ ଇନ୍ ରେସିଡେନ୍ସିଆଲ୍ ଇଣ୍ଡିଆ ଶୀର୍ଷକ ଏହି ୱେବିନାରରେ ଶିଳ୍ପ, ପ୍ରଯୁକ୍ତିବିଦ୍ୟା, ପରିବେଶ ଗବେଷଣା ଏବଂ ଜନନୀତି କ୍ଷେତ୍ରର ବିଶେଷଜ୍ଞମାନେ ଏକାଠି ହୋଇଥିଲେ । ଏହି ଅବସରରେ ପଲିସି କନସେନସସ୍ ସେଣ୍ଟରର ସହ-ପ୍ରତିଷ୍ଠାତା ତଥା ଅଂଶୀଦାର ଅରିନ୍ଦମ ଗୋସ୍ୱାମୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ନିରୂପମା ସୌନ୍ଦର୍ଯ୍ୟରାଜନ, ଶକ୍ତି ଅର୍ଥନୀତିଜ୍ଞ ଡକଫର ପଙ୍କଜ ଶର୍ମା, କାଉନସିଲ୍ ଅନ୍ ଏନର୍ଜି, ଏନଭାଇରନମେଣ୍ଟ ଆଣ୍ଡ ୱାଟରର ପରାମର୍ଶଦାତା ବିଶାଲ ତ୍ରିପାଠୀ ପ୍ରମୁଖ ଯୋଗଦେଇ ଡାଟା ସେଣ୍ଟରକୁ ନେଇ ସାଧାରଣରେ ଥିବା ବିଭିନ୍ନ ଅଶଙ୍କାକୁ ଖଣ୍ଡନ କରିବା ସହ ଦେଶ ନିର୍ମାଣରେ ଏହାର ଭୂମିକା ଉପରେ ଆଲୋକପାତ କରିଥିଲେ ।

# ଏସିଆନ୍ ଗେମ୍ସ | ମୀରାବାଈଙ୍କ ଉଠାଣରେ ରୂପା, ଶୁଟରଙ୍କ ନିଶାନାରେ ଦୁଇ ବ୍ରୋଞ୍ଜ



ଆଇଚି-ନାଗୋୟା ଏସିଆନ୍ ଗେମ୍ସର ଚତୁର୍ଥ ଦିନ ଭାରତୀୟ କ୍ରୀଡ଼ା ଜଗତ ପାଇଁ ଖୁସି ଓ ଗୌରବର ନୂଆ ସନ୍ଦେଶ ଆଣିଛି। ଦୀର୍ଘ ବର୍ଷର ପ୍ରତୀକ୍ଷା ପରେ ଏସିଆନ୍ ଗେମ୍ସରେ ପ୍ରଥମ ପଦକ ହାସଲ କରି ଭାରୋତ୍ତୋଳନ ତାରକା ମୀରାବାଈ ଚାନୁ ନିଜ ନାମକୁ ଇତିହାସର ପୃଷ୍ଠାରେ ଆହୁରି ଉଜ୍ଜ୍ୱଳ କରିଛନ୍ତି। ମହିଳା ୪୯ କେଜି ବର୍ଗରେ ତାଙ୍କ ରୂପା ପଦକ ଭାରତୀୟ ଦଳ ପାଇଁ ଦିନର ପ୍ରମୁଖ ଆକର୍ଷଣ ପାଲଟିଛି। ମୀରାବାଈଙ୍କ ଏହି ସଫଳତା କେବଳ ଏକ ପଦକ ନୁହେଁ, ବରଂ ଦୃଢ଼ ମନୋବଳ, ଅକ୍ଳାନ୍ତ ପରିଶ୍ରମ ଓ ଦୀର୍ଘ ପ୍ରତୀକ୍ଷାର ଫଳ। ସେପଟେ ଶୁଟିଂର ସ୍କିଟ୍ ବିଭାଗରେ ମଧ୍ୟ ଭାରତୀୟ ନିଶାନାବାଜମାନେ ଦେଶକୁ ଗର୍ବିତ କରିଛନ୍ତି। ପୁରୁଷ ଓ ମହିଳା ଦଳଗତ ବିଭାଗରେ ଭାରତ ଦୁଇଟି କାଂସ୍ୟ ପଦକ ଜିତିଛି। ଏହି ସଫଳତା ସହ ଭାରତୀୟ ଦଳର ପଦକ ଅଭିଯାନ ଆହୁରି ସୁଦୃଢ଼ ହୋଇଛି। ମୀରାବାଈଙ୍କ ଅନୁପ୍ରେରଣାଦାୟୀ ଉପଲବ୍ଧି ଓ ଶୁଟରଙ୍କ ନିଖୁଣ ନିଶାନା ମିଶି ଏସିଆଡ୍ର ଚତୁର୍ଥ ଦିନକୁ ଭାରତ ପାଇଁ ସ୍ମରଣୀୟ କରିଛି।

## ସଫ୍ଟ ଟେନିସରେ ସଫଳତା

ଏସିଆନ ଗେମ୍ସରେ ବୁଧବାର ୨୬ ବର୍ଷୀୟ ସଫ୍ଟ ଟେନିସ୍ ଖେଳାଳି ଜୟ ମୀନା ଇତିହାସ ରଚିଛନ୍ତି। ଏସିଆନ୍ ଗେମ୍ସ ଇତିହାସରେ ସଫ୍ଟ ଟେନିସରେ ଭାରତ ପାଇଁ ସେ ପ୍ରଥମ ପଦକ ଜିତିଛନ୍ତି। ସଫ୍ଟ ଟେନିସର ପୁରୁଷ ଏକକ ବର୍ଗର ସେମିଫାଇନାଲରେ ପରାଜିତ ହୋଇ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସେମିରେ ଜୟ ମୀନା ଜାପାନର ତାକୁୟା କୁରୋଶାକାଙ୍କ ଠାରୁ ୨-୪ ସେଟରେ ପରାସ୍ତ ହୋଇଥିଲେ। ଏହି ସେମିଫାଇନାଲର ପ୍ରଥମ ୩ଟି ଗେମରେ ଜାପାନର ତାକୁୟା ବିଜୟୀ ହୋଇଥିଲେ। ଚତୁର୍ଥ ଓ ପଞ୍ଚମ ଗେମରେ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲେ। ଦୁଇଟି ସେଟରେ ଯଥାକ୍ରମେ ୪-୧, ୬-୪ରେ ଆଗୁଆ ରହିଥିଲେ। କିନ୍ତୁ ଷଷ୍ଠ ଗେମରେ ତାଙ୍କୁ କଡା ଟକ୍କର ଦେଇଥିଲେ ତାକୁୟା। ଜୟ ମୀନା ୪-୧ରେ ପରାଜିତ ହୋଇ ଫାଇନାଲରୁ ବଞ୍ଚିତ ହୋଇଛନ୍ତି। ନିୟମ ଅନୁଯାୟୀ ସେମିଫାଇନାଲରେ ହାରିବା ପରେ ଜୟଙ୍କୁ ବ୍ରୋଞ୍ଜ ପଦକ ମିଳିଛି। ୨୦୨୫ ଏସିଆନ ସଫ୍ଟ ଟେନିସ୍ ଚାମ୍ପିଅନସିପରେ ସେ ବ୍ରୋଞ୍ଜ ପଦକ ଜିତିଥିଲେ।

## ଦୀପିକାଙ୍କ ୯ ଗୋଲ୍: ଏସିଆନ୍ ଗେମ୍ସରେ ଲଗାତାର ତୃତୀୟ ବିଜୟ

କାକାମିଗାହାରା, ୨୩/୯ (ଏଜେନ୍ସି): ଏସିଆନ୍ ଗେମ୍ସ ୨୦୨୬ରେ ଭାରତୀୟ ମହିଳା ହକି ଦଳର ଗୋଲ୍ ବର୍ଷା ଜାରି ରହିଛି। ବୁଧବାର ପୁଲ୍ 'ବି'ର ମ୍ୟାଚରେ ଭାରତ ଥାଇଲାଣ୍ଡକୁ ୨୦-୧ ଗୋଲରେ ପରାସ୍ତ କରି ଲଗାତାର ତୃତୀୟ ବିଜୟ ହାସଲ କରିଛି। ଏହି ବିଜୟ ସହ ଭାରତ ୯ ପଏଣ୍ଟ ସହ ପୁଲ୍ 'ବି'ର ଶୀର୍ଷରେ ରହିଛି।

ଭାରତର ଏହି ବଡ଼ ବିଜୟର ମୁଖ୍ୟ ନାୟିକା ଥିଲେ ଡ୍ରାଗଫର ଦୀପିକା ସେହରାୱତ। ସେ ଏକାକୀ ୯ଟି ଗୋଲ୍ କରି ନୂଆ କୀର୍ତ୍ତି ସ୍ଥାପନ କରିଛନ୍ତି। ଥାଇଲାଣ୍ଡ ବିପକ୍ଷରେ ୯ ଗୋଲ୍ କରିବା ପରେ ଚଳିତ ଏସିଆନ୍ ଗେମ୍ସରେ ତାଙ୍କ ଗୋଲ୍ ସଂଖ୍ୟା ୨୦ରେ ପହଞ୍ଚିଛି। ଦୀପିକାଙ୍କ ୯ଟି ଗୋଲ୍ ମଧ୍ୟରୁ ସବୁଟି ପେନାଲ୍ଟି କର୍ଣ୍ଣରରୁ ଆସିଥିଲା।

ମ୍ୟାଚ୍ ଆରମ୍ଭରୁ ଭାରତ ଆକ୍ରମଣାତ୍ମକ ଖେଳ ଦେଖାଇଥିଲା। ଦ୍ୱିତୀୟ ମିନିଟରେ ଦୀପିକା ପ୍ରଥମ ଗୋଲ୍ କରିଥିବା ବେଳେ ଚତୁର୍ଥ ମିନିଟରେ ନବନୀତ କୌର ଗୋଲ୍ କରି ଭାରତର ଅଗ୍ରଣୀକୁ ୨-୦ କରିଥିଲେ। ଅଷ୍ଟମ ଓ ନବମ ମିନିଟରେ ଦୀପିକା ଆଉ ଦୁଇଟି ଗୋଲ୍ କରି ହ୍ୟାଟ୍ରିକ୍ ପୂରଣ କରିଥିଲେ। ଏହାପରେ ରୁତୁଜା ଦାଦାସୋ ପିସାଲ ଦୁଇଟି ଗୋଲ୍ କରିଥିଲେ। ପ୍ରଥମ କ୍ୱାର୍ଟର ଶେଷରେ ଭାରତ ୬-୦ରେ ଆଗୁଆ ଥିଲା।

ଦ୍ୱିତୀୟ କ୍ୱାର୍ଟରରେ ନେହା, ଦୀପିକା, ଲାଲରେମସିଆମି, ନବନୀତ ଓ ସାକ୍ଷୀ ରାଣା ଗୋଲ୍ କରିଥିଲେ। ଫଳରେ ହାଫ୍ଟାଇମ୍ରେ ଭାରତ ୧୧-୦ରେ ଆଗୁଆ ରହିଥିଲା।

ତୃତୀୟ କ୍ୱାର୍ଟରରେ ମଧ୍ୟ ଭାରତର ଆକ୍ରମଣ ଜାରି ରହିଥିଲା। ଦୀପିକା ଆଉ ଦୁଇଟି ଗୋଲ୍ କରିଥିବା ବେଳେ ନବନୀତ ଓ ଅନ୍ୟ ଖେଳାଳିମାନେ ମଧ୍ୟ ସ୍କୋରଶିଟ୍ରେ ସାମିଲ ହୋଇଥିଲେ। ଅଧିନାୟିକା ସଲିମା ଟେଟେ ୪୫ତମ ମିନିଟ୍ରେ ଗୋଲ୍ କରିବା ପରେ ତୃତୀୟ କ୍ୱାର୍ଟର ଶେଷରେ ସ୍କୋର ୧୬-୦ ହୋଇଥିଲା।

ଅନ୍ତିମ କ୍ୱାର୍ଟରରେ ରୁତୁଜା ହ୍ୟାଟ୍ରିକ୍ ପୂରଣ କରିଥିଲେ। ଦୀପିକା ୫୧ତମ ମିନିଟରେ ନିଜର ଅଷ୍ଟମ ଗୋଲ୍ କରିଥିବା ବେଳେ ନବନୀତ ନିଜର ଚତୁର୍ଥ ଗୋଲ୍ କରିଥିଲେ। ୫୭ତମ ମିନିଟରେ ଥାଇଲାଣ୍ଡ ପକ୍ଷରୁ ସୁପାନସା ସାମାନ୍ସୋ ଏକମାତ୍ର ଗୋଲ୍ କରିଥିଲେ। ଏହାର କିଛି ସମୟ ପରେ ଦୀପିକା ନିଜର ନବମ ଗୋଲ୍ କରି ଭାରତର ବିଜୟକୁ ୨୦-୧ରେ ପହଞ୍ଚାଇଥିଲେ।



ଉଜବେକିସ୍ତାନକୁ ୧୯-୦ ଓ ଇଣ୍ଡୋନେସିଆକୁ ୧୭-୧ରେ ହରାଇବା ପରେ ଥାଇଲାଣ୍ଡ ବିପକ୍ଷରେ ୨୦-୧ ବିଜୟ ସହ ତିନିଟି ମ୍ୟାଚରେ ଭାରତ ମୋଟ ୫୬ ଗୋଲ୍ କରିଛି। ଭାରତର ପରବର୍ତ୍ତୀ ମ୍ୟାଚ୍ ସେପ୍ଟେମ୍ବର ୨୫ରେ ଆୟୋଜକ ଜାପାନ ବିପକ୍ଷରେ ଖେଳାଯିବ।

## ବ୍ୟାଡମିଣ୍ଟନ ପୁରୁଷ ଦଳକୁ ବ୍ରୋଞ୍ଜ

ଆଇଚି-ନାଗୋୟା,୨୩।୯ (ଏଜେନ୍ସି): ଚୀନ୍ ବିପକ୍ଷରେ ଲଢ଼େଇ କରି ଶେଷରେ ହାରିଗଲା ଭାରତ। ୨୦ତମ ଏସିଆନ୍ ଗେମ୍ସ ଆଇଚି-ନାଗୋୟା ୨୦୨୬ର ପୁରୁଷ ବ୍ୟାଡମିଣ୍ଟନ ଦଳଗତ ସେମିଫାଇନାଲରେ ଭାରତ ୧-୩ରେ ଚୀନରୁ ପରାସ୍ତ ହୋଇଛି। ଏହା ସହ ଭାରତକୁ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ଚୀନ୍ ବିପକ୍ଷରେ ଭାରତର ଏକମାତ୍ର ବିଜୟ ଆସିଥିଲା ସାତ୍ତ୍ୱିକସାଇରାଜ ରଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀଙ୍କ ଯୋଡ଼ିରୁ।



ପ୍ରଥମ ସିଙ୍ଗଲ୍ସରେ ଲକ୍ଷ୍ୟ ସେନ୍ ଚୀନର ଶି ୟୁ କିଙ୍କଠାରୁ ୧୬-୨୧, ୧୮-୨୧ରେ ପରାସ୍ତ ହୋଇଥିଲେ। ଏହି ବିଜୟ ସହ ଚୀନ୍ ୧-୦ରେ ଆଗୁଆ ହୋଇଥିଲା। ଲକ୍ଷ୍ୟ ଦୁଇଟି ଗେମରେ ଲଢ଼େଇ କରିଥିଲେ ମଧ୍ୟ ଚୀନ୍ ଖେଳାଳିଙ୍କ ଆକ୍ରମଣାତ୍ମକ ଖେଳକୁ ରୋକିପାରିନଥିଲେ।

ଦ୍ୱିତୀୟ ମ୍ୟାଚର ସାତ୍ତ୍ୱିକସାଇରାଜ ରଙ୍କିରେଡ୍ଡୀ-ଚିରାଗ ସେଟ୍ଟୀ ଭାରତକୁ ଜୋରଦାର ପ୍ରତ୍ୟାବର୍ତ୍ତନ କରାଇଥିଲେ। ସେମାନେ ଚୀନ୍ର ବିଶ୍ୱ ଚାମ୍ପିଅନ୍ ଯୋଡ଼ି ଲିଆଙ୍ଗ ୱେଇକେଙ୍ଗ-ୱାଙ୍ଗ ଚାଙ୍ଗଙ୍କୁ ୨୧-୧୧, ୨୨-୨୦ରେ ପରାସ୍ତ କରି ସେମିଫାଇନାଲ୍ ସ୍କୋର୍କୁ ୧-୧ କରିଥିଲେ।

ତୃତୀୟ ମ୍ୟାଚର ଯୁବ ଭାରତୀୟ ଖେଳାଳି ଆୟୁଷ ସେଟ୍ଟୀଙ୍କ ଉପରେ ଦଳକୁ ଆଗୁଆ କରିବାର ଦାୟିତ୍ୱ ଥିଲା। ତେବେ ସେ ଚୀନର ଲି ଶି ଫେଙ୍ଗଙ୍କଠାରୁ ୧୯-୨୧, ୧୩-୨୧ରେ ହାରିଥିଲେ। ଫଳରେ ଚୀନ୍ ୨-୧ରେ ଆଗୁଆ ହୋଇଥିଲା। ଚତୁର୍ଥ ମ୍ୟାଚରେ ହରିହରନ ଆମସାକରୁଣନ ଓ ଏମ୍.ଆର୍. ଅର୍ଜୁନ ଚୀନର ହେ ଜି ଟିଙ୍ଗ-ଲିଉ ୟି ଯୋଡ଼ିକୁ ଟକ୍କର ଦେଇଥିଲେ। ଭାରତୀୟ ଯୋଡ଼ି ପ୍ରଥମ ଗେମ୍ ୧୬-୨୧ରେ ହାରିବା ପରେ ଦ୍ୱିତୀୟ ଗେମରେ ୨୧-୧୭ରେ ବିଜୟୀ ହୋଇ ମ୍ୟାଚକୁ ନିର୍ଣ୍ଣାୟକ ଗେମକୁ ନେଇଥିଲେ। କିନ୍ତୁ ତୃତୀୟ ଗେମରେ ଚୀନ୍ ୨୧-୯ରେ ଜିତି ମ୍ୟାଚ୍ ସହ ସମଗ୍ର ଟାଇକୁ ୩-୧ରେ ନିଜ ନାମରେ କରିଥିଲା।

ଏହି ବ୍ରୋଞ୍ଜ ପଦକ ଭାରତୀୟ ପୁରୁଷ ଦଳ ପାଇଁ ଲଗାତାର ଦ୍ୱିତୀୟ ଏସିଆନ୍ ଗେମ୍ସ ଦଳଗତ ପଦକ। ୨୦୨୩ ହାଙ୍ଗଝୋଉ ଏସିଆନ୍ ଗେମ୍ସରେ ଭାରତ ରୌପ୍ୟ ପଦକ ଜିତିଥିଲା। ଜାପାନକୁ ୩-୦ରେ ହରାଇ ସେମିଫାଇନାଲରେ ପ୍ରବେଶ କରିଥିବା ଭାରତୀୟ ଦଳ ଚୀନ୍ ବିପକ୍ଷରେ ମଧ୍ୟ ଭଲ ଲଢ଼େଇ ଦେଇଥିଲା। ସାତ୍ତ୍ୱିକ-ଚିରାଗଙ୍କ ଜିତ୍ ଭାରତକୁ ମ୍ୟାଚରେ ଫେରାଇଥିଲେ ମଧ୍ୟ ଦୁଇ ସିଙ୍ଗଲ୍ସରେ ପରାଜୟ ପରେ ଫାଇନାଲ୍ ଯାତ୍ରା ଶେଷ ହୋଇଛି। ଚୀନ୍ ଫାଇନାଲରେ ପ୍ରବେଶ କରିଛି ଏବଂ ଭାରତ ବ୍ରୋଞ୍ଜ ପଦକ ସହ ଅଭିଯାନ ଶେଷ କରିଛି।

| ଭାରତର ମୋଟ | ୧୨ ପଦକ — ୧ ସ୍ୱର୍ଣ୍ଣ, ୫ ରୌପ୍ୟ, ୬ ବ୍ରୋଞ୍ଜ | |
|---|---|---|
| ପଦକ | ବିଜେତା | ଇଭେଣ୍ଟ |
| ସ୍ୱର୍ଣ୍ଣ | ଭାରତୀୟ ମହିଳା କ୍ରିକେଟ୍ ଦଳ | ମହିଳା T20 |
| ରୂପା | ଭାଲାରିଭାନ୍, ସୋନମ୍, କେ. ବିନୋଦ | ମହିଳା 10m ଏୟାର ରାଇଫଲ୍ ଟିମ୍ |
| ରୂପା | ଏଲାଭେନିଲ୍ ଭାଲାରିଭାନ୍ | ମହିଳା 10m ଏୟାର ରାଇଫଲ୍ |
| ରୂପା | ହିମାଂଶୁ ଧିଲ୍ଲୋନ୍ | ପୁରୁଷ 10m ଏୟାର ରାଇଫଲ୍ |
| ରୂପା | ହିମାଂଶୁ ଧିଲ୍ଲୋନ୍, ରୁଦ୍ରାକ୍ଷ ପାଟିଲ୍, ପାର୍ଥ ମାନେ | ପୁରୁଷ 10m ଏୟାର ରାଇଫଲ୍ ଟିମ୍ |
| ରୂପା | ମୀରାବାଇ ଚାନୁ | ମହିଳା 49 କେଜି ଭାରୋତ୍ତୋଳନ |
| କାଂସ୍ୟ | ରୁଦ୍ରାକ୍ଷ ପାଟିଲ୍ | ପୁରୁଷ 10m ଏୟାର ରାଇଫଲ୍ |
| କାଂସ୍ୟ | ସୁଚିକା ତାରିୟାଲ୍ | ମହିଳା Traditional MMA -60 କେଜି |
| କାଂସ୍ୟ | ରାଇଜା, ମହେଶ୍ୱରୀ, ପରିନାଜ | ମହିଳା ସ୍କିଟ୍ ଟିମ୍ |
| କାଂସ୍ୟ | ଜୟ ମୀନା | ପୁରୁଷ ସିଙ୍ଗଲ୍ସ ସଫ୍ଟ ଟେନିସ୍ |
| କାଂସ୍ୟ | ଅନନ୍ତଜିତ, ମାଇରାଜ, ଭବତେଘ ସିଂହ ଗିଲ୍ | ପୁରୁଷ ସ୍କିଟ୍ ଟିମ୍ |
| କାଂସ୍ୟ | ଭାରତୀୟ ପୁରୁଷ ବ୍ୟାଡମିଣ୍ଟନ୍ ଦଳ | ପୁରୁଷ ଟିମ୍ |

## ଭାରତ ପୁରୁଷ ସ୍କିଟ୍ ଦଳକୁ ବ୍ରୋଞ୍ଜ

ଆଇଚି-ନାଗୋୟା, ୨୩/୯ (ଏଜେନ୍ସି): ତୀବ୍ର ଚାପ ମଧ୍ୟରେ ନିଜ ଧୈର୍ଯ୍ୟ ଓ ଦକ୍ଷତାର ପରିଚୟ ଦେଇ ଭାରତୀୟ ପୁରୁଷ ସ୍କିଟ୍ ଦଳ ଏସିଆନ୍ ଗେମ୍ସ ୨୦୨୬ରେ ବ୍ରୋଞ୍ଜ ପଦକ ଜିତିଛି। ଅନନ୍ତଜୀତ ସିଂହ ନାରୁକା, ମାଇରାଜ ଅହମଦ ଖାନ୍ ଓ ଭାବତେଘ ସିଂହ ଗିଲ୍ଙ୍କ ଭାରତୀୟ ଦଳ କାଜାଖସ୍ତାନ ସହ ୩୪୬ ପଏଣ୍ଟରେ ସମାନ ରହିବା ପରେ ସୁଟ୍-ଅଫ୍ରେ ବିଜୟୀ ହୋଇ ବ୍ରୋଞ୍ଜ ନିଶ୍ଚିତ କରିଛି। ଭାରତ ପକ୍ଷରୁ ନାରୁକା ସର୍ବାଧିକ ୧୧୯/୧୨୫ ସ୍କୋର୍ କରିଥିଲେ। ମାଇରାଜ ଅହମଦ ଖାନ୍ ୧୧୬ ଏବଂ ଭାବତେଘ ସିଂହ ଗିଲ୍ ୧୧୧ ପଏଣ୍ଟ ଯୋଗ କରିଥିଲେ। ତିନି ଖେଳାଳିଙ୍କ ମିଳିତ ସ୍କୋର୍ ୩୪୬ ହୋଇଥିବାରୁ କାଜାଖସ୍ତାନ ସହ ବ୍ରୋଞ୍ଜ ପାଇଁ ସୁଟ୍-ଅଫ୍ ହୋଇଥିଲା। ଏହି ନିର୍ଣ୍ଣାୟକ ପର୍ଯ୍ୟାୟରେ ଭାରତୀୟ ଦଳ ଚାପକୁ ସମ୍ଭାଳି ବାଜି ମାରିଥିଲା। ଭାରତ ପାଇଁ ଏହି ପଦକ ଶୁଟିଂରେ ଚଳିତ ଏସିଆନ୍ ଗେମ୍ସର ଆଉ ଏକ ସଫଳତା। ଏହି ଦିନ ମହିଳା ସ୍କିଟ୍ ଦଳ ମଧ୍ୟ ବ୍ରୋଞ୍ଜ ଜିତିଥିଲା। ରାଇଜା ଧିଲ୍ଲୋନ୍, ପରିନାଜ ଧାଲିୱାଲ୍ ଓ ମହେଶ୍ୱରୀ ଚୌହାନ୍ଙ୍କ ଦଳ ୩୩୧ ପଏଣ୍ଟ ସହ ତୃତୀୟ ସ୍ଥାନରେ ରହିଥିଲା। ଦଳଗତ ଇଭେଣ୍ଟରେ ପଦକ ଜିତିବା ପରେ ନାରୁକା ବ୍ୟକ୍ତିଗତ ସ୍କିଟ୍ ଫାଇନାଲ୍ରେ ମଧ୍ୟ ପଦକ ଦୌଡ଼ରେ ଥିଲେ। କିନ୍ତୁ ସେଠାରେ ଅଳ୍ପକେ ପଦକରୁ ବଞ୍ଚିତ ହୋଇ ଚତୁର୍ଥ ସ୍ଥାନରେ ରହିଥିଲେ। ଏହା ପୂର୍ବରୁ ତାଙ୍କ ଭଲ କ୍ୱାଲିଫିକେସନ୍ ପ୍ରଦର୍ଶନ ତାଙ୍କୁ ବ୍ୟକ୍ତିଗତ ଫାଇନାଲ୍ରେ ସ୍ଥାନ ଦେଇଥିଲା। ଫାଇନାଲ୍ରେ କାତାରର ଅଲ୍-ଆଥବା ୩୪ ସ୍କୋର୍ ସହ ଏସିଆନ୍ ରେକର୍ଡ କରି ସ୍ୱର୍ଣ୍ଣ ପଦକ ଜିତିଥିଲେ। ଚୀନ୍ର ଲ୍ୟୁ ଜିଆନ୍ଲିନ୍ ୩୩ ସ୍କୋର୍ ସହ ରୌପ୍ୟ ଏବଂ ଚାଇନିଜ୍ ତାଇପେଇର ଲି ୨୯ ସ୍କୋର୍ ସହ ବ୍ରୋଞ୍ଜ ଜିତିଥିଲେ। ନାରୁକା ୨୮ଟି ଶଟ୍ରୁ ୨୫ ସଫଳ ଶଟ୍ ସହ ଚତୁର୍ଥ ସ୍ଥାନରେ ରହିଥିଲେ। ଦଳଗତ ବ୍ରୋଞ୍ଜ ପଦକ ସହ ଭାରତୀୟ ସ୍କିଟ୍ ଦଳର ଏହି ପ୍ରଦର୍ଶନ ଏସିଆନ୍ ଗେମ୍ସରେ ଶୁଟିଂରେ ଭାରତର ଅଭିଯାନକୁ ଆହୁରି ମଜବୁତ କରିଛି। ବିଶେଷକରି ନାରୁକା, ମାଇରାଜ ଓ ଭାବତେଘଙ୍କ ସୁଟ୍-ଅଫ୍ରେ ଚାପ ସମ୍ଭାଳି ପଦକ ହାସଲ କରିବା ଦଳୀୟ ପ୍ରଦର୍ଶନର ଗୁରୁତ୍ୱକୁ ସାମ୍ନାକୁ ଆଣିଛି।

## ସ୍ୱର୍ଣ୍ଣ ପାଇଁ ଲଢ଼ିବେ ରୋଶିବୀଣା

ନାଗୋୟା,୨୩।୯ (ଏଜେନ୍ସି): ଏସିଆନ୍ ଗେମ୍ସରେ ଭାରତର ରୋଶିବୀଣା ଦେବୀ କମାଲ କରିଛନ୍ତି। କୁଶୁର ୬୦ କେଜି ମହିଳା ବର୍ଗରେ ରୋଶିବୀଣା ଚମତ୍କାର ପ୍ରଦର୍ଶନ କରି ଫାଇନାଲରେ ପ୍ରବେଶ କରିଛନ୍ତି। ତେଣୁ ଏହି ବର୍ଗରେ ଭାରତ ଅତିକମରେ ରୌପ୍ୟ ପଦକ ଜିତିବ। ତଥାପି ତାଙ୍କ ପାଖରେ ସ୍ୱର୍ଣ୍ଣ ଜିତିବାର ଯଥେଷ୍ଟ ସମ୍ଭାବନା ରହିଛି। ସେମିଫାଇନାଲରେ ସେ ଇଣ୍ଡୋନେସିଆର ତାନିଆ କେ'ଙ୍କୁ ୨-୦ରେ ହରାଇଥିଲେ। ୨୫ ବର୍ଷିୟା ରୋଶିବୀଣା ଦେବୀ ଏସିଆନ୍ସ ଗେମ୍ସ ଭାରତୀୟ ଦଳରେ ନଥିଲେ। ଦିବ୍ୟାଂଶି ଆହତ କାରଣରୁ ରୋଶିବୀଣାଙ୍କୁ ସୁଯୋଗ ମିଳିଥିଲା। ଏବେ ସେ ଫାଇନାଲରେ ପ୍ରବେଶ କରି ଦେଶକୁ ଗୌରବାନ୍ୱିତ କରିଛନ୍ତି। ୨୦୨୩ ଚୀନରେ ଅନୁଷ୍ଠିତ ଏସିଆନ ଗେମ୍ସ ପାଇଁ ରୋଶିବୀଣା ରୌପ୍ୟ ପଦକ ଜିତିଥିଲେ। ସେ ପୁଣି ଫାଇନାଲରେ ପ୍ରବେଶ କରି ରୌପ୍ୟ ନିଶ୍ଚିତ କରିଛନ୍ତି। ଫାଇନାଲରେ ତାଙ୍କ ମୁକାବିଲା ଚୀନର ଝାଙ୍ଗ ଜିଆଇୟୁଙ୍କ ସହ ହେବ। ଗୁରୁବାର ଭାରତୀୟ ସମୟ ସକାଳ ୬.୧୦ରେ ସ୍ୱର୍ଣ୍ଣ ପଦକ ପାଇଁ ମ୍ୟାଚ ଖେଳାଯିବ। ରୋଶିବୀଣା କ୍ରମାଗତ ତୃତୀୟଥର ପାଇଁ ଏସିଆନ୍ ଗେମ୍ସରେ ପଦକ ନିଶ୍ଚିତ କରିଛନ୍ତି। ୨୦୧୮ ରେ ସେ ବ୍ରୋଞ୍ଜ ପଦକ ଏବଂ ୨୦୨୩ରେ ରୌପ୍ୟ ପଦକ ଜିତିଥିଲେ। ୨୦୦୦ ମସିହା ଡିସେମ୍ବର ୩୦ରେ ମଣିପୁରର ବିଷ୍ଣୁପୁର ଜିଲ୍ଲାରେ ଜନ୍ମଗ୍ରହଣ କରିଥିବା ରୋଶିବୀଣା ଦେବୀ ଭାରତୀୟ ଉସୁର ଜଣେ ପ୍ରତିଷ୍ଠିତ ଖେଳାଳି। ପ୍ରଥମେ ସେ ୨୦୧୮ ଜାକାର୍ତ୍ତା ଏସିଆନ୍ ଗେମ୍ସରେ ୬୦ କେଜି ସାଣ୍ଡା ବର୍ଗରେ ବ୍ରୋଞ୍ଜ ପଦକ ଜିତିଥିଲେ। ଏହାର ୫ ବର୍ଷ ପରେ ୨୦୨୩ ଏସିଆନ ଗେମ୍ସରେ ଦମଦାର ପ୍ରଦର୍ଶନ କରି ରୌପ୍ୟ ହାସଲ କରିଥିଲେ। ସେହି ବର୍ଷ ତାଙ୍କୁ ଭାରତ ସରକାର ଅର୍ଜୁନ ପୁରସ୍କାରରେ ସମ୍ମାନୀତ କରିଥିଲେ।



## ପେଞ୍ଚକ୍ ସିଲାଟ୍ ଫେଡେରେସନ୍ କପରେ ଓଡ଼ିଶାକୁ ୨୨ ପଦକ

ଭୁବନେଶ୍ୱର,୨୩।୯ (ସବ୍ୟୁ): ଲଦାଖର ଲେହଠାରେ ଅନୁଷ୍ଠିତ ୧୦ମ ପେଞ୍ଚକ ସିଲାଟ୍ ଫେଡେରେସନ୍ କପରେ ଓଡ଼ିଶାର ଖେଳାଳିମାନେ ଚମତ୍କାର ପ୍ରଦର୍ଶନ କରି ମୋଟ ୨୨ଟି ପଦକ ହାସଲ କରିଛନ୍ତି। ଏଥିରେ ୯ଟି ସ୍ୱର୍ଣ୍ଣ, ୬ଟି ରୌପ୍ୟ ଓ ୭ଟି କାଂସ୍ୟ ପଦକ ରହିଛି। ଜାତୀୟସ୍ତରର ଏହି ପ୍ରତିଯୋଗିତାରେ ଦେଶର ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ସହିତ ସିଆଇଏସ୍ଏଫ୍, ଏସ୍ଏସପି ଓ ଆଇଟିବିପି ଦଳ ମଧ୍ୟ ଅଂଶଗ୍ରହଣ କରିଥିଲେ। ଓଡ଼ିଶାରୁ ୨୯ ଜଣ ପ୍ରତିଭାବାନ ଖେଳାଳି ଏହି ପ୍ରତିଯୋଗିତାରେ ଭାଗ ନେବାର ସୁଯୋଗ ପାଇଥିଲେ। କୋଚ୍ ନାରାୟଣ ବାରିକ ଓ ଲୀଳାବତୀ ରଣାଙ୍କ ତତ୍ତ୍ୱାବଧାନରେ ଓଡ଼ିଶା ଦଳ ପ୍ରତିଯୋଗିତାରେ ଅଂଶ ନେଇଥିଲା। ବିଭିନ୍ନ ବର୍ଗ ଓ ଇଭେଣ୍ଟରେ ଖେଳାଳିମାନେ ନିଜ ଦକ୍ଷତାର ପ୍ରଦର୍ଶନ କରି ରାଜ୍ୟ ପାଇଁ ଏହି ସଫଳତା ଆଣିଛନ୍ତି। ଓଡ଼ିଶା ପାଇଁ ସ୍ୱର୍ଣ୍ଣ ପଦକ ଜିତିଥିବା ଖେଳାଳିଙ୍କ ମଧ୍ୟରେ ଅବ୍ଦୁଲ ସୋଫିଆନ୍, ସ୍ନେହା ସାମନ୍ତରାୟ, ନିଖିଲ ବାରିକ, ମୋନିକା ରାୟ, ଏଲିନା ଗୁରୁଙ୍ଗ, ରାଶି ଗୁରୁଙ୍ଗ, ଗାୟତ୍ରୀ ଦାସ ଓ ଶିବ ପ୍ରସାଦ ଜେନାଙ୍କ ନାମ ରହିଛି। ଏହି ଖେଳାଳିମାନେ ନିଜ ନିଜ ବର୍ଗରେ ଉଲ୍ଲେଖନୀୟ ପ୍ରଦର୍ଶନ କରି ଶୀର୍ଷ ସ୍ଥାନ ହାସଲ କରିଥିଲେ। ରୌପ୍ୟ ପଦକ ବିଜେତାଙ୍କ ମଧ୍ୟରେ ଅନିଶ ସେଠ, ବିଶାଳ ଭାଗୀରଥୀ, ପଲ୍ଲବ ମହାନା, ଗାୟତ୍ରୀ ଦାସ, ନିତିଶା ବାରିକ ଓ ଶେଷାଦ୍ରୀ ପାଣ୍ଡେଙ୍କ ନାମ ରହିଛି। ଏଥିସହିତ ଟିମ୍ ରେଗୁ ଇଭେଣ୍ଟରେ ସିନିୟର ମହିଳା ବର୍ଗରେ ମଧ୍ୟ ଓଡ଼ିଶା ରୌପ୍ୟ ପଦକ ହାସଲ କରିଛି। କାଂସ୍ୟ ପଦକ ଜିତିଥିବା ଖେଳାଳିଙ୍କ ମଧ୍ୟରେ ସୌରଭ ଭୈଁସା, ମଳୟ ଦାସ, ଶୈଳେଶ ରଣା, ଏମ୍.ଡି. ୟାସିନ୍, ଭୁବନ ରାୟ, ହସନୈନ୍ ୱାସିମ୍, ଏସ୍.କେ. ଆୟୁବ୍ ଓ କଲାଶ ବରୁଙ୍କ ନାମ ଉଲ୍ଲେଖ କରାଯାଇଛି। ଏମାନେ ସିନିୟର ଟିମ୍ ରେଗୁ ଇଭେଣ୍ଟରେ କାଂସ୍ୟ ପଦକ ହାସଲ କରିଛନ୍ତି। ଏହି ପ୍ରତିଯୋଗିତାରେ ପ୍ରେମ ସିଂ ଥାପା ରେଫ୍ରୀ ଭାବେ ଦାୟିତ୍ୱ ତୁଲାଇଥିଲେ। ଲେହରେ ଆୟୋଜିତ ଫେଡେରେସନ୍ କପରେ ଦେଶର ୩୦ରୁ ଅଧିକ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୮୦୦ରୁ ଅଧିକ ଖେଳାଳି ଅଂଶ ନେଇଥିବା ରିପୋର୍ଟ ମିଳିଛି। ପ୍ରତିଯୋଗିତାରୁ ଫେରିଥିବା ଓଡ଼ିଶାର ସମସ୍ତ ପଦକ ବିଜେତା ଖେଳାଳି ଓ କୋଚମାନଙ୍କୁ କ୍ରୀଡ଼ା ବିଭାଗ ପକ୍ଷରୁ ବିମାନବନ୍ଦରରେ ସ୍ୱାଗତ କରାଯାଇଥିଲା। ଏହି ସଫଳତା ପାଇଁ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସମସ୍ତ ପଦକ ବିଜେତା ଖେଳାଳିଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିବା ସୂଚନା ଦିଆଯାଇଛି।

## ଫେଡେରେସନ୍ କପ୍ ପାରା ଭଲିବଲ୍ ପାଇଁ ଓଡ଼ିଶା ଦଳ

ଭୁବନେଶ୍ୱର,୨୩।୯ (ସବ୍ୟୁ): ତାମିଲନାଡୁର ଇରୋଡ଼ଠାରେ ଆସନ୍ତା ସେପ୍ଟେମ୍ବର ୨୫ରୁ ୨୭ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ୩ୟ ଫେଡେରେସନ୍ କପ୍ ପାରା ଭଲିବଲ୍ ଚାମ୍ପିୟନଶିପ୍-୨୦୨୬ରେ ଅଂଶଗ୍ରହଣ ପାଇଁ ଓଡ଼ିଶା ପୁରୁଷ ପାରା ଭଲିବଲ୍ ଦଳ ଭୁବନେଶ୍ୱରରୁ ଯାତ୍ରା ଆରମ୍ଭ କରିଛି। ଜାତୀୟ ସ୍ତରରେ ପୂର୍ବବର୍ଷ ଦଳର ଉଲ୍ଲେଖନୀୟ ପ୍ରଦର୍ଶନ ଓ ପଞ୍ଚମ ସ୍ଥାନକୁ ଆଧାର କରି ଓଡ଼ିଶାକୁ ଏହି ପ୍ରତିଯୋଗିତା ପାଇଁ ଚୟନ କରାଯାଇଛି। ଦଳକୁ ପ୍ରସ୍ତୁତ କରିବା ପାଇଁ ପାରା ସ୍ପୋର୍ଟସ୍ ଆସୋସିଏସନ୍ ଅଫ୍ ଓଡ଼ିଶା (PASO) ଏବଂ ଓଡ଼ିଶା ସରକାରଙ୍କ ସହଯୋଗରେ କଳିଙ୍ଗ ଷ୍ଟାଡିୟମ୍ରେ ୧୫ ଦିନିଆ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଥିଲା। ଏହି ଶିବିରରେ ମୋଟ ୧୮ ଜଣ ଖେଳାଳି ଅଂଶଗ୍ରହଣ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ଶ୍ରେଷ୍ଠ ୧୪ ଜଣଙ୍କୁ ଚୂଡ଼ାନ୍ତ ଦଳରେ ସ୍ଥାନ ମିଳିଛି। ଓଡ଼ିଶା ଦଳରେ ଭେଷଜ ନାଏକ, ରୁଦ୍ର ନାରାୟଣ ସାହୁ, ତପନ ବେହେରା, ସିଦ୍ଧାନ୍ତ ସାହୁ, ବାଦଲ ପ୍ରଧାନ, ରଶ୍ମି ରଞ୍ଜନ ମଲ୍ଲିକ, ଦିବ୍ୟ ରଞ୍ଜନ ସାହୁ, ପାରେଶ କୁମାର ମହାତୋ, ରୋହିତ ନାଏକ, ନିହାର ନାୟକ, ପ୍ରଦୀପ କୁମାର ମାନସିଂହ, ଶୁଭଙ୍କର ବେହେରା, ବିକାଶ ମହାନନ୍ଦିଆ ଓ ଚନ୍ଦନ କୁମାର ଭୋଇ ସାମିଲ ଅଛନ୍ତି। ଦଳର ପ୍ରଶିକ୍ଷକ ଭାବେ ଜିତେନ୍ଦ୍ର କୁମାର ବେହେରା, ରତ୍ନାକର ପାତ୍ର ଓ ସୁକୁମାର ସାହୁ ଦାୟିତ୍ୱ ତୁଲାଇବେ। ଦଳର ଯାତ୍ରା ଅବସରରେ ପାରା ସ୍ପୋର୍ଟସ୍ ଆସୋସିଏସନ୍ ଅଫ୍ ଓଡ଼ିଶାର ସଭାପତି କମଳାକାନ୍ତ ରଥ ସମସ୍ତ ଖେଳାଳି ଓ ପ୍ରଶିକ୍ଷକଙ୍କୁ ଅଭିନନ୍ଦନ ଜଣାଇଥିଲେ। ଚାମ୍ପିୟନଶିପ୍ରେ ଓଡ଼ିଶା ଦଳ ଉତ୍ତମ ପ୍ରଦର୍ଶନ କରି ରାଜ୍ୟ ପାଇଁ ଗୌରବ ଆଣିବ ବୋଲି ସେ ଆଶା ପ୍ରକାଶ କରିଥିଲେ। ଦୀର୍ଘ ୧୫ ଦିନର ପ୍ରଶିକ୍ଷଣ ପରେ ଦଳ ଏବେ ପ୍ରତିଯୋଗିତା ପାଇଁ ପ୍ରସ୍ତୁତ। ଗତବର୍ଷର ପ୍ରଦର୍ଶନକୁ ଆହୁରି ଉନ୍ନତ କରି ଏଥର ଭଲ ଫଳାଫଳ ହାସଲ କରିବା ଉପରେ ଓଡ଼ିଶା ଦଳର ନଜର ରହିଛି।

## ମହାରାଷ୍ଟ୍ରକୁ ୪-୧ ଗୋଲରେ ପରାସ୍ତ କଲା ଓଡ଼ିଶା

ଭୁବନେଶ୍ୱର,୨୩।୯ (ସବ୍ୟୁ): ଡଃ ତାଲିମେରେନ୍ ଆଓ ଜୁନିୟର ଗାର୍ଲ୍ସ ଜାତୀୟ ଫୁଟବଲ୍ ଚାମ୍ପିଅନସିପ୍ ୨୦୨୬-୨୭ରେ ଓଡ଼ିଶା ଜୁନିୟର ଝିଅ ଦଳ ବିଜୟ ସହ ନିଜ ଅଭିଯାନ ଶେଷ କରିଛି। ଦଳ ନିଜର ତୃତୀୟ ଓ ଶେଷ ମ୍ୟାଚରେ ମହାରାଷ୍ଟ୍ରକୁ ୪-୧ ଗୋଲରେ ପରାସ୍ତ କରି ଉଲ୍ଲେଖନୀୟ ପ୍ରଦର୍ଶନ କରିଛି। ଆରମ୍ଭରୁ ହିଁ ଓଡ଼ିଶା ଖେଳାଳିମାନେ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲେ। ମଧ୍ୟଭାଗ ଓ ଆକ୍ରମଣ ବିଭାଗର ଚମତ୍କାର ସମନ୍ୱୟ ଯୋଗୁଁ ଦଳ ମହାରାଷ୍ଟ୍ର ବିପକ୍ଷରେ ଚାରିଟି ଗୋଲ୍ କରିବାରେ ସଫଳ ହୋଇଥିଲା। ପ୍ରତିପକ୍ଷ ଦଳ ଗୋଟିଏ ଗୋଲ୍ ଶୁଝିଥିଲେ ମଧ୍ୟ ଓଡ଼ିଶା ଉପରେ ଚାପ ସୃଷ୍ଟି କରିପାରିନଥିଲା। ଏହି ବିଜୟ ସହିତ ଚଳିତ ରତୁର ଜୁନିୟର ଜାତୀୟ ଚାମ୍ପିଅନସିରେ ଓଡ଼ିଶା ଦଳର ଅଭିଯାନ ଶେଷ ହୋଇଛି। ଦଳର ଖେଳାଳିମାନେ ସାରା ପ୍ରତିଯୋଗିତାରେ ଲଢ଼ୁଆ ମନୋଭାବ ଓ ଉତ୍କୃଷ୍ଟ ଦକ୍ଷତାର ପ୍ରଦର୍ଶନ କରିଥିଲେ। ଭବିଷ୍ୟତରେ ଏହି ଯୁବ ଖେଳାଳିମାନେ ରାଜ୍ୟ ଓ ଦେଶ ପାଇଁ ଆହୁରି ସଫଳତା ଆଣିବେ ବୋଲି କ୍ରୀଡ଼ାପ୍ରେମୀମାନେ ଆଶା ପ୍ରକାଶ କରିଛନ୍ତି।

ସମୟ ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod IOS
Download Now:
https://play.google.com/store/app/details/id- com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Dr. Gurukalyan Mohapatra, ମୁଖ୍ୟ ସମ୍ପାଦକ: ଡ. ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି